76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
## The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୩୨ ● କଟକ ● ଶନିବାର ● ୮ ଅପ୍ରେଲ-୨୦୨୩ ● ବିଛା ୩ ● ସାଲ୍ ୧୪୩୦
CUTTACK ● SATURDAY ● 8 APRIL-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

### ରାଜ୍ୟକୁ ସତର୍କ କରାଇଲା କେନ୍ଦ୍ର
# କରୋନା ବଢୁଛି, ଡାକ୍ତରଖାନା ପ୍ରସ୍ତୁତ ରଖ

ନୂଆଦିଲ୍ଲୀ : ଦେଶରେ କରୋନା ଭାଇରସ୍ ମାମଲା ବୃଦ୍ଧି ପାଉଥିବା ଦୃଷ୍ଟିରୁ ସରକାର ଆଲର୍ଟ ମୋଡ୍‌ରେ ଅଛନ୍ତି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଏକ ବୈଠକ କରିଥିଲେ । ଏହି ସମୀକ୍ଷା ବୈଠକ ୨ ଘଣ୍ଟା ଧରି ଚାଲିଥିଲା, ଯେଉଁଥିରେ ରାଜ୍ୟମାନଙ୍କୁ କରୋନା ବିରୋଧରେ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ସେମାନଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ, କିନ୍ତୁ ଅଧିକ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ।

ଦେଶରେ ଅନୁଷ୍ଠିତ ହେବାକୁ ଥିବା ମକ୍ ଡ୍ରିଲ୍ ସମ୍ବନ୍ଧରେ ସମୀକ୍ଷା ବୈଠକ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ, ୩-ଟି ନୀତି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯଥା ଟ୍ରାକ, ଟ୍ରେସ ଏବଂ ଟ୍ରିଟ, ଟିକାକରଣ ଏବଂ କୋଭିଡ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ । ଏହା ସହିତ ପରୀକ୍ଷା ଏବଂ ଜେନୋମ କ୍ରମକୁ ପ୍ରୋତ୍ସାହନ ଦେବା ଏବଂ ସର୍ବାଧିକ ମନିଟରିଂ କରିବାକୁ ନିର୍ଦ୍ଦେଶ



ଦିଆଯାଇଛି । ଏହା ସହିତ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ସମସ୍ତ ରାଜ୍ୟକୁ କରୋନା ବୃଦ୍ଧି ପାଉଥିବା ମାମଲା ପ୍ରତି ଧ୍ୟାନ ଦେବାକୁ କହିଛନ୍ତି । ଏହା ସହିତ ଡାକ୍ତରଖାନାକୁ ଏଥିପାଇଁ ପ୍ରସ୍ତୁତ ହେବାକୁ କୁହାଯାଇଛି । କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପ୍ରତିଶୃତି ଦେଇଛନ୍ତି ଯେ କରୋନା ଭାଇରସ ରୋକିବାରେ ବ୍ୟବହୃତ ହେଉଥିବା ସମସ୍ତ ପ୍ରକାର ମୌଳିକ ସୁବିଧା କେନ୍ଦ୍ର ସରକାରଙ୍କୁ ରାଜ୍ୟ ଯୋଗାଇ ଦେବେ । ମନସୁଖ ପୁଣି ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ର ଟ୍ରାକ, ଟ୍ରେସ ଏବଂ ଚିକିତ୍ସାର ପୁନରାବୃତ୍ତି କରିଛନ୍ତି । ଏହି ସମୟରେ, କୋଭିଡ୍ ପରୀକ୍ଷଣ ଏବଂ ଜିନୋମ୍ କ୍ରମ ସହିତ, କୋଭିଡ୍ ନିୟମର ବିସ୍ତାର ବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ମାଣ୍ଡଭୀୟ କହିଛନ୍ତି, ଆମକୁ ସତର୍କ ରହିବାକୁ ପଡିବ ଏବଂ ଅନାବଶ୍ୟକ ଭୟ ବିସ୍ତାର କରିବାକୁ ପଡିବ ନାହିଁ । ନିଜ ରାଜ୍ୟରେ କୋଭିଡଙ୍କ ସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସୁବିଧା ତଥା ଭିତ୍ତିଭୂମି ସମ୍ପର୍କରେ ସମୀକ୍ଷା ବୈଠକ କରିବାକୁ ସମସ୍ତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ସେ କହିଛନ୍ତି ଯେ ଏପ୍ରିଲ ୧୦ ଏବଂ ୧୧ ରେ ସମଗ୍ର ଦେଶରେ କୋଭିଡଙ୍କ ବିଷୟରେ ଏକ ମକ୍ ଡ୍ରିଲ୍ ହେବ ଯେଉଁଥିରେ ସମସ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଡାକ୍ତରଖାନା ପରିଦର୍ଶନ କରିବା ଉଚିତ୍ ।

# ରାଜ୍ୟରେ ହେବନି ଆଗୁଆ ନିର୍ବାଚନ

ଭୁବନେଶ୍ୱର(ପିପିଏସ୍) ରାଜ୍ୟରେ ଆଗୁଆ ନିର୍ବାଚନ କଳ୍ପନାଜଳ୍ପନାକୁ ଖଣ୍ଡନ କରିଛି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପିଆରଓ ପ୍ରତିକ୍ରିୟା ଦେଇଛନ୍ତି ଯେ ଇଭିଏମ୍ ମେସିନ୍ ଗୁଡିକର ନିଶ୍ଚିତ ଅବଧି ରହିଥାଏ । ଫ୍ୟାକ୍ଟ୍ରିରେ ତିଆରି ଇଭିଏମ୍ ଗୁଡିକୁ ଭବିଷ୍ୟତରେ ନିର୍ବାଚନରେ ବ୍ୟବହାର କରିବାପାଇଁ ଓଡିଶା ସମତେ ବିଭିନ୍ନ ରାଜ୍ୟକୁ ପଠାଯାଇଛି । ରାଜ୍ୟରେ ଆଗୁଆ ନିର୍ବାଚନ ହେବା ନେଇ ଏହା ସହ କୌଣସି ସମ୍ପର୍କ ନାହିଁ । ବିଭିନ୍ନ ଗଣମାଧ୍ୟମରେ ଆଗୁଆ ନିର୍ବାଚନ ନେଇ ଖବର ପ୍ରସାରଣ ହେଉଛି । ଏଭଳି ଖବର ପ୍ରସାରଣରୁ ନିବୃତ ରହିବାକୁ ସେ କହିଛନ୍ତି । ତିନିଦିନ ତଳେ ପୁରୀରେ ଇଭିଏମ୍ ମେସିନ ଆସି ପହଞ୍ଚିବା ପରେ ଆଗୁଆ ନିର୍ବାଚନ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିଲା ।

ବିଶେଷକରି ରାଜ୍ୟରେ ଆସନ୍ତା ୨୦୨୪ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକ୍ରମ ତଥା ନେତାମାନଙ୍କର ହାବଭାବକୁ ନେଇ ରାଜ୍ୟରେ ଆଗୁଆ ନିର୍ବାଚନ ହେବାର ଆକଳନ କରାଯାଉଥିଲା । ବର୍ତ୍ତମାନ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ସଜବାଜ ହୋଇ ପ୍ରଚାରକୁ ଓହ୍ଲାଇବା ଆରମ୍ଭ କଲେଣି । ତେବେ ଏହି ଉପନିର୍ବାଚନର ଫଳାଫଳ ଆସନ୍ତା ସାଧାରଣ ନିର୍ବାଚନ ଉପରେ ପଡ଼ିବ ବୋଲି ଅନେକ ଭବିଷ୍ୟବାଣୀ କରୁଛନ୍ତି । ଏଭଳି ସ୍ଥିତିରେ ରାଜ୍ୟରେ ଆଗୁଆ ନିର୍ବାଚନ ହେବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଦେଇଛନ୍ତି ।

# ଭୋକ ପାଇଁ ପୁଅକୁ ବିକିଲା ବାପା
## ଘଟଣା ଚପାଇବାକୁ ପ୍ରଶାସନର ଉଦ୍ୟମ

ଧର୍ମଶାଳା: ଦାରିଦ୍ର୍ୟ ସୀମା ରେଖା ତଳେ ବସବାସ କରୁଥିବା ନିରୀହ ଜନତା ପେଟ ପାଇଁ ବିଭିନ୍ନ ବିଭନ୍ନ ପନ୍ଥା ଅବଲମ୍ବନ କରୁଛି । ଏହିପେଟ ଭୋକ ମେଂଟାଇବା ପାଇଁ ନିଜର ଶିଶୁ ପୁତ୍ରକୁ ବିକି ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏ କୌଣସି ଉପାନ୍ତ ଆଦିବାସୀ ଅଂଚଳ ନୁହେଁ । ଏ ହେଉଛି ବିକାଶିତ ଉପକୂଳ ଜିଲା ଭାବେ ବେଶ୍ ପରିଚିତ ଥିବା ଯାଜପୁର ଜିଲାର ଘଟଣା । ଯାଜପୁର ଜିଲା ବଡଚଣା ବ୍ଲକରେ ଏହି ଶିଶୁପୁତ୍ରକୁ ବିକିବା ଘଟଣାକୁ ନେଇ ଏବେ ସବୁ ଆଡେ ଚର୍ଚ୍ଚା ଜୋର ଧରିଛି । ଏହି ବଡଚଣା ପଂଚାୟତ ଅନ୍ତର୍ଗତ ଶାସନ ପୁରୁଷୋତମପୁର ଚମାରଖଟି ୭ ନମ୍ବର ୱାର୍ଡ ଆଦିବାସୀ ସାହିର ଘନ ସିଙ୍କୁ । ବତା,ବାଉଁଶ ଓ ଜରି ଘେରା ଝାଟିମାଟି ଘର । ପରିବାରର ବୋଝ ସହ ପିଲାଙ୍କ ବୋଝ ମୁଣ୍ଡ ଉପରେ । ଅନେକ ସମୟ ଭୋକ ଉପବାସରେ ଦିନ କଟୁଥିବା ବେଳେ ଏକ୍ରମାତ୍ର ରୋଜଗାରିଆ ଭାବେ ଯାହା ଆଣନ୍ତି ତାଙ୍କୁ ସେମାନେ ଭାଗବାଂଟ କରି ଖାଇ ଥାନ୍ତି । ଦିନ ମଜୁରୀଆଭାବେ ସକାଳୁ ସଂଜ ଯାଏ ଖଟି ଯାହା ପାରନ୍ତି ତାହା ଆଣନ୍ତି । ସରକାରୀ ସହାୟତା କହିଲେ ୩୦ କେଜି ଚାଉଳ । ଏହି ଚାଉଳ ୧୫ ଦିନରେ ସରିଯାଉଛି । ପରିବାର କହିଲେ ପତ୍ନୀ ସହ ୨ଝିଅ ଓ ଗୋଟିଏ ୮ବର୍ଷର ପୁଅ । ପେଟ ଭୋକ ମେଂଟାଇବା ପାଇଁ ମାର୍ଚ୍ଚ ମାସ ୩୦ ତାରିଖ ଦିନ ଧର୍ମଶାଳା ବ୍ଲକ ଆରୁହା ହାଟ ନିକଟରେ, ଜେନାପୁର ଥାନା ଅଂଚଳର ମାଧବ ମହାନ୍ତିଙ୍କୁ ୧୨ ହଜାର ଟଙ୍କାରେ ବିକିବା ପାଇଁ ମୁଲଚାଲ କରିଥିଲା । ତେବେ ନଗଦ ୭ହଜାର ଟଙ୍କା ନେଇଥିଲେ । କିଛି ଦିନ ପରେ ଆଉ ୫ ହଜାର ଟଙ୍କା ଦେବା ପାଇଁ ମାଧବ ଘନକୁ କହିଥିଲେ । ଟଙ୍କା ଲୋଭରେ ନିଜ ପୁଅକୁ ସ୍ୱାମୀ ବିକି ଦେଇଥିବା ନେଇ ପତ୍ନୀ ସଂଗୀତା ସିଙ୍କୁ ଅଭିଯୋଗ କରିଛନ୍ତି । ଘଟଣା ପ୍ରଚାରିତ ହେବା ପରେ ବଡଚଣା ପୋଲିସ ସେଠାରେ ପଂହଚି ଶିଶୁ ପୁତ୍ରକୁ ଉଦ୍ଧାର କରି ଘରେ ଛାଡି ଦେଇଥିବା ଜଣାପଡିଛି । ବଦନାମ ଭୟରେ ଏହି ଘଟଣାକୁ ଦଫାରଫା କରିବାକୁ ଏହି ପରିବାର ଉପରେ ବିଭିନ୍ନ ମହଲରୁ ଚାପା ପଡୁଛି । ପରେ ବାକି ୫ ହଜାର ଟଙ୍କା ପାଇଁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ଲାଗିବାରୁ ଏହି ଘଟଣା ପ୍ରଘଟ ହୋଇଥିଲା । ଅନ୍ୟ ପକ୍ଷେ ଜିଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱ ଦେଇ ସରକାରୀ ସହାୟତା ପ୍ରଦାନ କରି ଶିଶୁମାନଙ୍କୁ ଉପଯୁକ୍ତ ସହାୟତା ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସୁଶାନ୍ତ ବାଦ୍, ଅନୁଗତଙ୍କୁ ଦାୟିତ୍ୱ

ଭୁବନେଶ୍ୱର (ପିପିଏସ୍): ଝାରସୁଗୁଡ଼ା ଉପନିର୍ବାଚନ ପ୍ରକ୍ରିୟାରୁ ପଶ୍ଚିମଓଡ଼ିଶାର ପ୍ରଭାବଶାଳୀ ନେତା ସୁଶାନ୍ତ ସିଂଙ୍କୁ ବିଜେଡି ଦୂରେଇ ରଖିଛି । ବରଗଡ଼ ଲୋକସଭା ନିର୍ବାଚନମଣ୍ଡଳୀର ୭ଟି ବିଧାନସଭା ଆସନ ମଧ୍ୟରେ ଉଭୟ ଝାରସୁଗୁଡ଼ା ଓ ଭଟଲୀ ରହିଥିଲେ ବି ଭଟଲୀ ବିଧାୟକ ସୁଶାନ୍ତ ସିଂଙ୍କୁ ଉପନିର୍ବାଚନ ପ୍ରକ୍ରିୟାରୁ ବିଜେଡି ଦୂରେଇ ରଖିବାକୁ ନେଇ ପଶ୍ଚିମଓଡ଼ିଶା ରାଜନୀତି ସରଗରମ ହୋଇଛି । ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବିଜେଡି ଦୁଇଦିନ ତଳେ ଦଳର ୩ଜଣ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର ଓ ଶାରଦା ନାୟକଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନ୍ୟସ୍ତ କରିବା ପରେ ଆଜି ଆଉ ୫ମନ୍ତ୍ରୀଙ୍କ ସମେତ ମୋଟ ୧୨ଜଣଙ୍କୁ ବ୍ଲକ ଓ ମ୍ୟୁନିସପାଲଟି ଦାୟିତ୍ୱ ଦେଇଛି । କିନ୍ତୁ ଏହି ତାଲିକାରୁ ସୁଶାନ୍ତ ସିଂଙ୍କୁ ଦଳ ଦୂରେଇ ରଖିଥିଲେ ମଧ୍ୟ ତାଙ୍କର ଘନିଷ୍ଠ ସହଯୋଗୀ ମନ୍ତ୍ରୀ ଟୁକୁନି ସାହୁ ଓ ସରୋଜ ମେହେରଙ୍କୁ ଯଥାକ୍ରମେ କିରମିରା ଓ କୋଲାବିରା ବ୍ଲକର ଦଳୀୟ ନିର୍ବାଚନ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରିଛି । ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ସୁଶାନ୍ତ ସିଂଙ୍କ ଭୂମିକା ସନ୍ଦେହଘେରରେ ରହିଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ, ଏପରିକି ଝାରସୁଗୁଡ଼ାରେ ଆକ୍ରୋଶ ରହିଥିବାରୁ ବିଜେଡି କୌଣସି ରିସ୍କ ନେଇନଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ମୋଟ ୨.୨୧ଲକ୍ଷ ଭୋଟର ଥିବାବେଳେ ସର୍ବାଧିକ ୭୧୧୧୩ଜଣ ଭୋଟର ଝାରସୁଗୁଡ଼ା ମ୍ୟୁନିସପାଲଟିରେ ରହିଛନ୍ତି । ସେହିପରି ଲଇକେରା ବ୍ଲକରେ ୩୯୭୦୩ଜଣ ଭୋଟର, ଝାରସୁଗୁଡ଼ା ବ୍ଲକରେ ୩୮୫୪୬ଭୋଟ, କୋଲାବିରା ବ୍ଲକରେ ୩୭୮୧୦ଜଣ ଭୋଟର ଓ କିରମିରା ବ୍ଲକରେ ୩୩୯୦୧ଜଣ ଭୋଟର ଅଛନ୍ତି ।

**ଝାରସୁଗୁଡ଼ା ଉପନିର୍ବାଚନ**

ବିଜେଡି ବିଧାୟକ ସୁଶାନ୍ତ ସିଂଙ୍କ ପଡ଼ୋଶୀ ନିର୍ବାଚନମଣ୍ଡଳୀ ହୋଇଥିବା ସତ୍ତ୍ୱେ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ବିଜେଡି ଏହି ଉପନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିଛି । ଝାରସୁଗୁଡ଼ାରେ ଥିବା ନବଙ୍କ ସମର୍ଥକମାନେ ଓ ବିରୋଧୀ ଦଳ ଦ୍ୱାରା ନବ ହତ୍ୟା ମାମଲାରେ ସୁଶାନ୍ତଙ୍କ ଭୂମିକାକୁ ନେଇ ସନ୍ଦେହ ରହିଥିବାରୁ ବିଜେଡି ଏବେ ତାଙ୍କୁ ସେଠାରୁ ଦୂରେଇ ରଖିଛି । ତେବେ ତାଙ୍କର ଦୁଇ ଖାସ୍ ଅନୁଗତ ଟୁକୁନି ଓ ସରୋଜଙ୍କୁ ଥଇଥାନ କରି ଦଳ ସୁଶାନ୍ତଙ୍କୁ ତୁଷ୍ଟୀକରଣ ପାଇଁ ଉଦ୍ୟମ କରିଛି ।

# ୨ ଦିନ କାଳବୈଶାଖୀ ବର୍ଷା

ଭୁବନେଶ୍ୱର:ପଶ୍ଚିମା ଝଡ ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ମଧ୍ୟ ବହିପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ୮ ତାରିଖରେ ସୁନ୍ଦରଗଡ , କେନ୍ଦୁଝର,ଦେବଗଡ, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ମୟୁରଭଂଜ , ନୂଆପଡା, ବଲାଙ୍ଗିର, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବରଗଡ, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ କାଳବୈଶାଖୀ ବର୍ଷା ଏବଂ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୯ ତାରିଖରେ କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବୌଦ୍ଧ, ଅନୁଗୁଳ , କଟକ, ଢେଙ୍କାନାଳ ,କେନ୍ଦୁଝର, ମୟୁରଭଂଜ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# କୁକୁଡ଼ା ପାଇଁ ଏସିଡ୍ ମାଡ, ୪ ଗୁରୁତର

ବଲାଙ୍ଗୀର: କୁକୁଡା ମାରି ଖାଇଦେଲା ବୋଲି ନିଜର ଭଉଣୀ ଭଣଜା ପରିବାର ସହିତ ଗଣ୍ଡଗୋଳ କରିବା ସହିତ ଏସିଡ ରେ ଆକ୍ରମଣ କରିବା ଯୋଗୁଁ ୪ ଜଣଙ୍କୁ ଆଜି ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାରୁ ପ୍ରକାଶ ଯେ ଆଜି ଦିନ ଦୁଇଟା ବେଳେ ବଙ୍ଗୋମୁଣ୍ଡା ର ତୁଳସୀ ସାହୁ ଓ ତାଙ୍କର ପୁତ୍ର ନେପାଳ ସାହୁ ନିଜର ଭଉଣୀ ସଞ୍ଜୁ ସାହୁ ତାଙ୍କ ପୁତ୍ର ଖଗ ସାହୁ ଜାଗବନ୍ଧୁ ସାହୁ ଓ ସୁବାଷ ସାହୁ ଙ୍କ ସହିତ ତାଙ୍କର କୁକୁଡା ମାରି ଖାଇ ଦେଇଛ ବୋଲି ଗଣ୍ଡଗୋଳ କରିଥିଲେ । ଦୁଇ ପକ୍ଷରୁ ଯୁକ୍ତିତର୍କ ହୋଇଥିଲା ବେଳେ ମାମୁଁ ତୁଳସୀ ଲାଠିରେ ପିଟିଥିବା ବେଳେ ତାଙ୍କର ପୁତ୍ର ଏସିଡ ଆଣି ମାରିଥିବା ଯୋଗୁଁ ସୁବାଷ ର ବିଭିନ୍ନ ଅଂଶ ପୋଡ଼ି ଯାଇଥିବା ବେଳେ ଡାହାଣ ପଟରେ ଆଖିରେ ଏସିଡ ପଡ଼ି ଦୃଶ୍ୟ ମାନ ହେଉନାହିଁ ଅନ୍ୟ ମାନେ ମଧ୍ୟ ଏସିଡ ମାଡ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗ ପୋଡି ଯାଇଚି । ଏହି ଆହତମାନଙ୍କୁ ମେଡିକାଲ ରେ ଭର୍ତ୍ତି କରି ଚିକିତ୍ସା ଚାଲିଛି ଓ ବଙ୍ଗୋମୁଣ୍ଡା ପୋଲିସ ମାମୁଁ ଓ ତାଙ୍କର ପୁତ୍ରକୁ ଥାନାରେ ଆଣି ଅଟକ ରଖି ତଦନ୍ତ ଜାରି ରଖିଛି ।

## ଦଶମ ଛାତ୍ରୀଙ୍କୁ ଅସଦାଚରଣ, ଭୂଗୋଳ ଶିକ୍ଷକ ଗିରଫ

ବଲାଙ୍ଗୀର: ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ସହ ଦୁଷ୍କର୍ମ କରିବା ଉଦ୍ୟମ ଏବଂ ଘଟଣାକୁ ପ୍ରକାଶ କଲେ ଜୀବନରେ ମାରିଦେବାକୁ ଧମକ୍ ଦେଇଥିବା ଭଳି ଏକ ଗୁରୁତର ଘଟଣା ଘଟିଛି ପାଟଣାଗଡ଼ ଅଂଚଳରେ । ତେବେ ପୀଡିତା ଛାତ୍ରୀଙ୍କ ଅଭିଭାବକ ଏ ସଂପର୍କରେ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ଶିକ୍ଷକଙ୍କୁ ପାଟଣାଗଡ ଥାନାକୁ ଆଣି ଅଧିକ ପଚରାଉଚୁରା ଆରମ୍ଭ କରିଛି ପୁଲିସ । ପ୍ରକାଶ ଯେ, ଜନୈକ ୧୫ ବର୍ଷୀୟା ନାବାଳିକା ଯୋଗୀମୁଣ୍ଡା ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢ଼ନ୍ତି । ଗତ ୨୮ ତାରିଖ ଦିନ ଉକ୍ତ ବିଦ୍ୟାଳୟର ଭୂଗୋଳ ଶିକ୍ଷକ ସତ୍ୟନାରାୟଣ ନାଏକ(୪୨) ପୁସ୍ତକ କିଣି ଦେବା ଆଳ ଦେଖାଇ ଛାତ୍ରୀ ଜଣକୁ ନିଜ ସହ ମଟର ସାଇକେଲରେ ବସିବା ପାଇଁ ବାଧ କରିଥିଲେ । ଗୁରୁଙ୍କ ଆଦେଶକୁ ଅବଜ୍ଞା କରି ନ ପାରି ଛାତ୍ରୀ ଜଣକ ବାଧ ହୋଇ ତାଙ୍କ ମଟର ସାଇକେଲ ରେ ବସିଥିଲେ । କେବଳ ସେତିକି ନୁହେଁ ଏକ ଜଙ୍ଗଲ ମଧ୍ୟରେ ନିଛାଟିଆ ଜାଗା ଦେଖି ଶିକ୍ଷକ ଜଣକ ବାଇକ୍ ରଖି ଛାତ୍ରୀଙ୍କ ସହ ଅସଦାଚରଣ କରିଥିଲେ ।

### ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେଳେଙ୍କାରୀ
# ବରୀରୁ ଫୁଲବାଣୀ ଋଣ ଜାଲିଆତି କାରବାର

ବରୀ (ପିପିଏସ୍):ଭାରତୀୟ ଷ୍ଟେଟ ବ୍ୟାଙ୍କ ଫୁଲବାଣୀ ମୁଖ୍ୟ ଶାଖାରୁ ଯାଜପୁର ଜିଲ୍ଲା ବରୀ ବ୍ଲକ ପର୍ଯ୍ୟନ୍ତ ବ୍ୟାଙ୍କ କେଳେଙ୍କାରୀ ର ଚେର ଲମ୍ବିଛି, ଋଣ ଜାଲିଆତି କାରବାର ରେ ଫୁଲବାଣୀ ମୁଖ୍ୟ ଶାଖା ର ଡେପୁଟି ମ୍ୟାନେଜର ଆଶୁତୋଷ ଆଚାର୍ଯ୍ୟ ଗିରଫ୍ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି, ଅର୍ଥ ନୈତିକ ଅପରାଧ ଶାଖା ପକ୍ଷରୁ ଖୋଳତାଡ଼ କରାଯାଇ ଗତ ଏପ୍ରିଲ ୩ ତାରିଖ ରେ ଏନେଇ ଏକ ମାମଲା ରୁଜୁ କରାଯାଇଛି, ଯାହାର କେସ୍ ନମ୍ବର୍ ୧୪ ବୋଲି ଜଣାପଡିଛି, ଦଫା ୪୦୯,୪୨୦,୪୬୭,୪୬୮,୪୭୧,ଏବଂ ୧୨୦ ବି ଅନୁଯାୟୀ ଡିଏସପି ମନୋଜ କୁମାର ସାମନ୍ତ ଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଗଠନ କରାଯାଇ ଅଧିକ ତଦନ୍ତ ଜାରି ରହିଛି, ଆହୁରି ୬/୭ ଜଣ ଗିରଫ୍ ହେବେ ବୋଲି ସୂଚନା ମିଳିଛି, ଜଣାଯାଇଛି ଯେ, ୨୦୨୧/୨୨ ଗୋଟିଏ ବର୍ଷ ମଧ୍ୟରେ ଆଠ କୋଟି ଏକ ଲକ୍ଷ ୮୭ ହଜାର ଟଙ୍କା ଫୁଲବାଣୀ ରୁ ବରୀ ପର୍ଯ୍ୟନ୍ତ ୮୫ ଜଣଙ୍କ ନାମ ରେ ଜାଲିଆତି କରି ଋଣ ପ୍ରଦାନ

**ଡେପୁଟି ମ୍ୟାନେଜର ଗିରଫ**

କରାଯାଇଛି, ଏଥିରେ ବରୀ ଅଞ୍ଚଳ ର ଜଣେ ବ୍ୟାଙ୍କ କର୍ମଚାରୀ ସମ୍ପୃକ୍ତି ଥିବା ଜଣାପଡ଼ିଛି, ବିଭିନ୍ନ ସ୍କିମରେ ଏହି ଋଣ ପ୍ରଦାନ କରାଯାଇଥିବା ତଦନ୍ତରୁ ଜଣାପଡିଛି, ଋଣ ନେଇଥିବା ଗ୍ରାହକଙ୍କ ଘର ନୟାଗଡ଼, ଖୋର୍ଦ୍ଧା ଭୁବନେଶ୍ୱର ,କନ୍ଧମାଳ ଓ ଯାଜପୁର ଜିଲ୍ଲା ବରୀ ବ୍ଲକ ବୋଲି ଜଣାପଡିଛି, ଏପରିକି କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ର ତତ୍କାଳୀନ ଯୋଗାଣ ବିଭାଗ ନିରୀକ୍ଷକ ସମରେଶ ରଞ୍ଜନ ଦାସଙ୍କ ଜମା ଖାତାକୁ ୧ କୋଟି ୪୦ ଲକ୍ଷ ୩୦ ହାଜର ଟଙ୍କା ଯାଇଥିବା ତଦନ୍ତରୁ ଜଣାପଡିଛି, ● ପୃଷ୍ଠା-୪

## କୋଟିଏରୁ ଅଧିକ ଟଙ୍କାର ଡାକ ଜମା ଆତ୍ମସାତ

ଭୁବନେଶ୍ୱର: କୋଟିଏରୁ ଅଧିକ ଟଙ୍କାର ଡାକ ଜମା ଆତ୍ମସାତ୍ କରିଥିବା ମହିଳା ପୋଷ୍ଟାଲ ଏଜେଂଟକୁ ପୋଲିସ ଗିରଫ କରିଛି । ଗିରଫ ହୋଇଥିବା ମହିଳା ପୋଷ୍ଟାଲ ଏଜେଂଟ ସ୍ୱର୍ଣ୍ଣଲତା ଦାସ ଓ ତାଙ୍କୁ ଜଗତସିଂହପୁରରୁ ଲିଙ୍ଗରାଜ ଥାନା ପୁଲିସ ଗିରଫ କରିଛି । ସେ ଗତ ୨ ବର୍ଷ ହେବ ଜମାକାରୀଙ୍କ ଡିପୋଜିଟ ଟଙ୍କାକୁ ଆତ୍ମସାତ କରିଥିବା ନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଥିଲା ।

## ପୁଲିସ କନେଷ୍ଟବଲଙ୍କ ଆତ୍ମହତ୍ୟା

ମାଲକାନଗିରି :ମାଲକାନଗିରି ସଦର ମହକୁମା ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ମାଲକାନଗିରି ଜିଲ୍ଲା ଏମଭି - ୪୨ ଗ୍ରାମ ନିକଟରେ ଏକ ବରଗଛରେ ଜଣେ ଏପିଆର ପୁଲିସ କନେଷ୍ଟବଲଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଛି । ଗ୍ରାମ ନିକଟରେ ଏଭଳି ଘଟଣା ଘଟିଥିବାର ଗ୍ରାମବାସୀ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

**ସପ୍ତାହାନ୍ତ ବିଚାର**

କିପରି ରୋକିଛି ରୁଷକୁ ୟୁକ୍ରେନ

**ବାଟେଘାଟେ**



ପୁଣି କରୋନା କଡ଼ ଲେଉଟାଏ
ଲାଗିଲାଣି ଏବେ ଡର
କ୍ରମେ କ୍ରମେ କାୟା ବିସ୍ତାର କରିବ
ବ୍ୟାପିଯିବ ଥଣ୍ଡା ଜର
ମାସ୍କ ବ୍ୟବହାର କର
ଗହଳିକୁ ଆଉ ଯାଅ ନାହିଁ ବାବୁ
ନିରାପଦ ଏବେ ଘର
ଅଦୃଶ୍ୟ ଭୂତାଣୁ ଆଁ ମେଲାଇଛି
ଭାଙ୍ଗିବ ସୁନା ସଂସାର
ସର୍ବେ ହୁଅ ହୁସିଆର ।

-ରାହୀ

### ମୁଖ୍ୟମନ୍ତ୍ରୀଙ୍କ ଜାପାନ ଯାତ୍ରା
# ୫ ଘଣ୍ଟାର କାର୍ଯ୍ୟପାଇଁ ୭ ଦିନ ଗସ୍ତ କରିବା ମାନେ କ'ଣ ?
## ବେଆଇନ ଖଣି ମାଲିକଙ୍କର ମଧ୍ୟସ୍ଥି କରୁଥିବା ସାଂସଦଙ୍କ ଜାପାନ ଗସ୍ତର ଅସଲ ଉଦ୍ଦେଶ୍ୟ କ'ଣ ?:ବିଜେପି

ଭୁବନେଶ୍ୱର (ପିପିଏସ୍): ମୁଖ୍ୟମନ୍ତ୍ରୀ ଓ ତାଙ୍କର ଟିମ ବିଭିନ୍ନ କାର୍ଯ୍ୟର ବାହାନା ଦେଇ ଛୁଟି କଟାଇବା ପାଇଁ ଜାପାନ ଗସ୍ତ କରିବା କେବଳ ଏକ ପ୍ରହସନ କି ? ମୁଖ୍ୟମନ୍ତ୍ରୀ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚିତ୍ତ ବିନୋଦନ ପାଇଁ ଯାଇ ଥିବାବେଳେ ରାଜ୍ୟର ଯୁବକ ମାନଙ୍କୁ ମିଛ ପ୍ରତିଶ୍ରୁତି ଦିଅନ୍ତୁ ନାହିଁ ବୋଲି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଭାରତୀୟ ଜନତା ପାର୍ଟିର ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।



ଶ୍ରୀ ପଣ୍ଡା କହିଛନ୍ତି ଜାପାନରୁ କିଛି ନୂଆ ଶିଳ୍ପ ଆସୁଛି ନା ପୁରୁଣା ବହିରେ ନୂଆ ମଲାଟ ମଡ଼ାଇଛନ୍ତି ରାଜ୍ୟ ସରକାର । ଇଟାଲି ଏବଂ ୟୁଏଇ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ କାର୍ଯ୍ୟାଳୟ ବାବୁମାନେ ଜାପାନ ଗସ୍ତ କରିଛନ୍ତି । ୫ ଘଣ୍ଟା ର କାର୍ଯ୍ୟକୁ ୭ ଦିନ ଗସ୍ତ କରିବାର ମାନେ କଣ ? ଏହା ଛୁଟି କାଟିବା ନୁହେଁ ତ ? ପୁରୀ ସଂସାଦ ପିନାକୀ ମିଶ୍ର ଅତୀତ ରେ ବେଆଇନ ଖଣି ମାଲିକ ଓ ଓଡିଶା ସରକାର ଙ୍କ ମଧ୍ୟରେ ମଧ୍ୟସ୍ଥି କାର୍ଯ୍ୟ କରୁଥିଲେ ବୋଲି ଅଭିଯୋଗ ହେଉଛି ।ବେଆଇନ ଖଣି ମାଲିକ ଙ୍କ ଉପରେ ୫୪ହଜାର କୋଟି ଟଙ୍କା ଜୋରିମାନା ହୋଇଥିଲା ଏବଂ ଉକ୍ତ କମ୍ପାନୀ ମାନଙ୍କୁ ନୋଟିସ ହୋଇଥିଲା ବେଳେ ଶ୍ରୀ ମିଶ୍ର ସୁପ୍ରିମକୋର୍ଟ ରେ ସେମାନଙ୍କ ସପକ୍ଷରେ ଯୁକ୍ତି ବାଢିଥିଲେ କି ସେମାନେ ଏକ ପଇସା ଜୋରିମାନା ଦେବେ ନି । ସେଭଳି ବ୍ୟକ୍ତି କାହା ଅର୍ଥ ରେ ଜାପାନ ଗସ୍ତ ରେ ଯାଇଛନ୍ତି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀ ଗସ୍ତ କରିଥିବା ଇଟାଲି ଏବଂ ୟୁଏଇ ଗସ୍ତ ପରେ ଓଡ଼ିଶାକୁ କେତେ ନିବେଶକ ଆସିଛନ୍ତି ? ପୂର୍ବ ଭାରତର ବିକାଶ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନରେ ଜାପାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୨୦୧୯ ପୂର୍ବରୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଭାରତ ସରକାରଙ୍କ ଦ୍ୱାରା ଷ୍ଟିଲ୍ କ୍ଷେତ୍ରରେ ପୁଞ୍ଜିନିବେଶ ନେଇ ଘୋଷଣା କରାଯାଇଥିଲା । ଓଡ଼ିଶାରେ ଜାପାନ ପୁଞ୍ଜିନିବେଶ ପାଇଁ ମନ ବଳେଇବା ମୁଖ୍ୟ ଭୂମିକା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କର । ଗୋଟିଏ ନୁହେଁ ବରଂ ଦୁଇଟି ବୃହତ ପ୍ରକଳ୍ପକୁ ଓଡ଼ିଶାକୁ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅକ୍ଟୋବର ୨୫, ୨୦୧୯ରେ ଇସ୍ପାତ୍ ମନ୍ତ୍ରଣାଳୟର ଦାୟିତ୍ୱରେ ଥିବା ସମୟରେ ସେ ପ୍ରତିନିଧି ମଣ୍ଡଳୀ ସହ ୫ ଦିନିଆ ଜାପାନ ଗସ୍ତରେ ଯାଇ ନିପନ ଷ୍ଟିଲ ସମେତ ଜାପାନର ପ୍ରମୁଖ ଇସ୍ପାତ୍ କମ୍ପାନୀଙ୍କ ସହ ଓଡ଼ିଶାରେ ପୁଞ୍ଜିନିବେଶ କରିବା ସହ ଭାଗିଦାରୀ ହେବା ପାଇଁ ନିମନ୍ତ୍ରଣ କରିଥିଲେ । ଫେବୃୟାରୀ ୨୭, ୨୦୨୦ରେ ଜାପାନର ରାଷ୍ଟ୍ରଦୂତ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ସରକାରଙ୍କ ସହ ଏକ ମିଳିତ ବୈଠକ ହୋଇଥିଲା ଏବଂ ଏହା ପରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଘୋଷଣା କରାଯାଇଥିଲା । ଜୁନ ୨୪, ୨୦୨୧ରେ କେନ୍ଦ୍ରମନ୍ତ୍ରୀ କେନ୍ଦ୍ରାପଡା ଯାଇଥିଲେ । ଶିଳ୍ପ କ୍ଷେତ୍ରରେ କେନ୍ଦ୍ରାପଡା ଜିଲ୍ଲା ଏକ ପେଣ୍ଟସ୍ଥଳି ହେବା ନେଇ ଏକ ପ୍ରେସମିଟରେ ମତ ରଖିଥିଲେ ।

ଓଡ଼ିଶାରେ ଆର୍ସେଲର ମିତଲ ଓ ନିପନ ଷ୍ଟିଲ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡାରେ ୧.୨ ଲକ୍ଷ କୋଟି ବିଦେଶୀ ପୁଞ୍ଜିନିବେଶରେ ୨୪ ଏମଟିପିଏ ବିଶିଷ୍ଟ ଷ୍ଟିଲ୍ ପ୍ଲାଂଟ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହାବ୍ୟତିତ ଆର୍ସେଲର ମିତଲ ● ପୃଷ୍ଠା-୪


## ଇନ୍ଦିରା ଗାନ୍ଧୀ ସ୍ମାରକୀ ପାଠାଗାର
*ଆନୁକୂଲ୍ୟରେ*
# ମାସିକ ଆଲୋଚନାଚକ୍ର

ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସଦନ,
ବୈକୁଣ୍ଠସରଣୀ, ୟୁନିଟ୍-୯, ଭୁବନେଶ୍ୱର

ସମୟ : ୮।୦୪।୨୦୨୩ ଶନିବାର ସନ୍ଧ୍ୟା ୬ଟା

ବିଷୟ : ନୂତନ ଶିକ୍ଷାନୀତି ଆଧାରରେ ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା

ସଭାପତି : ଶ୍ରୀଯୁକ୍ତ ସୌମେନ୍ଦ୍ର ଜେନା
ସ୍ତମ୍ଭକାର ଓ ପ୍ରକାଶକ

ସମ୍ମାନିତ ବକ୍ତା : ଡକ୍ଟର ସୁବ୍ରତ ପୃଷ୍ଟି
ସଦସ୍ୟ ସଚିବ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାନ

: ଡକ୍ଟର ଶ୍ରୀଜୟା ଦାଶ
ଅବସରପ୍ରାପ୍ତ ପ୍ରାଧାପିକା,
ଶିଶୁ ଅନନ୍ତ ମହାବିଦ୍ୟାଳୟ,
ବାଲିପାଟଣା

: ଶ୍ରୀଯୁକ୍ତ ଦେବ କୁମାର ରଥ
ଆଇନଜୀବୀ

*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।*

।।ନିବେଦକ।।

ସଂଯୋଜକ:
ଗୌତମ ମିଶ୍ର
ମୋ : 9438687281

ଶ୍ରୀ ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ




# କେବଳ ଅଦା ନୁହେଁ ଚୋପା ମଧ୍ୟ ହୋଇଥାଏ ଲାଭଦାୟକ

ଅଦାରେ ଭିଟାମିନ୍, କ୍ୟାଲସିୟମ୍, ପୋଟାସିୟମ୍, କପର୍, ମ୍ୟାଗ୍ନେସିୟମ୍, ଆଇରନ୍, ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ । ଏହାକୁ ଖାଇବା ଦ୍ୱାରା ଇମ୍ୟୁନିଟି ବଢିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । କିନ୍ତୁ ପ୍ରାୟତଃ ମହିଳାମାନେ ଅଦା ଚୋପାକୁ ଛେଲି ବ୍ୟବହାର କରିଥାନ୍ତି । ଏହାର ଚୋପାକୁ ଅଦରକାରୀ ଭାବି ଫିଙ୍ଗି ଦେଇଥାନ୍ତି । କିନ୍ତୁ ବାସ୍ତବରେ, ଅଦା ପରି, ଏହାର ଚୋପା ମଧ୍ୟ ପୋଷକ ତତ୍ତ୍ୱରେ ଭରପୂର ରହିଥାଏ । ଏହାକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇପାରିବ । ତେବେ ଚାଲନ୍ତୁ ଜାଣିବା ଅଦା ଚୋପା ବ୍ୟବହାର କରିବାର ବିଭିନ୍ନ ଉପାୟ... ୧) ପୁଷ୍ଟିକର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣରେ ଭରପୂର, ଅଦା ଚୋପା ଇମ୍ୟୁନିଟି ଷ୍ଟ୍ରଙ୍ଗ୍ କରିବାରେ ସାହାଯ୍ୟ କରିଥାଏ । ଏଥି ସହିତ ପାଚନ ତନ୍ତ୍ର ମଜବୁତ ହୋଇ, ପେଟ ଯନ୍ତ୍ରଣା, ହଜମ, ଅମ୍ଳତା ଭଳି ସମସ୍ୟାକୁ ଦୁର କରିବାରେ ସାହାଯ୍ୟ କରିଥାଏ । ଏଥିପାଇଁ ଅଦା ଚୋପାକୁ ଧୋଇ ପାଣିରେ ଫୁଟାଇ ଚା 'ପ୍ରସ୍ତୁତ କରି ପିଅନ୍ତୁ । ୨) ତରକାରୀକୁ ଆହୁରି ସ୍ୱାଦୀଷ୍ଟ କରିବା ପାଇଁ ଏହାର ବ୍ୟବହାର କରାଯାଇଥାଏ । ବ୍ରୋକୋଲି, ଫୁଲକୋବି ଇତ୍ୟାଦି ପନିପରିବାକୁ ଷ୍ଟିମ୍ କରିବା ପୂର୍ବରୁ ସେଥିରେ ଅଦା ଚୋପା ପକାନ୍ତୁ । ଏହା ଦ୍ୱାରା ତରକାରୀ ସ୍ୱାଦୀଷ୍ଟ ହୋଇଥାଏ । ୩) ଅଦା ଚୋପାକୁ ସୁପ୍ ରେ ମିଶାଇ ଏହାର ସ୍ୱାଦ ବଢା ଯାଇପାରିବ । ଏଥିପାଇଁ ଅଦା ଚୋପାକୁ ପନିପରିବା ସହିତ ଫୁଟାନ୍ତୁ । ଏହା ପରେ ସୁପ୍ ପ୍ରସ୍ତୁତ କରି ପିଅନ୍ତୁ । ୪) କାଶରୁ ମୁକ୍ତି ପାଇବା ପାଇଁ ଅଦାର ଚୋପାକୁ ଖରାରେ ଶୁଖାଇ ଏହାର ପାଉଡର ପ୍ରସ୍ତୁତ କରନ୍ତୁ । କାଶ ହେଲେ ସମାନ ପରିମାଣର ଅଦା ପାଉଡର ଏବଂ ମହୁ ମିଶାଇ ଏହାକୁ ଉଷୁମ ପାଣିରେ ପିଅନ୍ତୁ । ଏହାକୁ ଦିନକୁ ୨ ଥର ପିଅନ୍ତୁ । କିଛି ଦିନ କ୍ରମାଗତ ଭାବରେ କରିବା ଦ୍ୱାରା କାଶ, ଥଣ୍ଡା ଏବଂ ଗଳା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ୫) ଅଦାର ଚୋପାକୁ ଉଭିଦର କମ୍ପୋଷ୍ଟ ଭାବରେ ମଧ୍ୟ ବ୍ୟବହାର କରିପାରିବେ । ଏଥିପାଇଁ ଅଦା ଚୋପାକୁ ବାହାରେ ପକାଇବା ପରିବର୍ତ୍ତେ ଏହାକୁ ଖତ ପରି ଉଭିଦ ମୁଳରେ ବ୍ୟବହାର କରନ୍ତୁ । ଏଥିରେ ଅଧିକ ଫସଫରସ୍ ରହିଥିବାରୁ ଫୁଲକୁ ଶୀଘ୍ର ବଢିବାରେ ସାହାଯ୍ୟ କରିଥାଏ ।

# ଫୁଲକୋବି ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ତେଲ, ଫୁଲ କୋବି, ଜୁଆଣି, ଜିରା, କଞ୍ଚା ଲଙ୍କା, ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଧନିଆ ପାଉଡର, ଗରମ ମସଲା, ଲୁଣ ଓ ହଳଦି ଗୁଣ୍ଡ ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା ନେଇ ତାକୁ ଭଲରେ ଭାବେ ଚକଟି ଦିଅନ୍ତୁ । ତା'ପରେ ଚକଟି ରଖିଥିବା ଅଟା ଉପରେ ତେଲ ଲଗାଇ କିଛି ସମୟ ପାଇଁ ଢ଼ାଙ୍କି ଦିଅନ୍ତୁ । ଏହାପରେ ଏକ ଫୁଲ କୋବି ଆଣି ତାକୁ ଧୋଇ ଦିଅନ୍ତୁ । ପରେ ତାକୁ ପାଖୁଡ଼ା ପାଖୁଡ଼ା କରି କାଟି ଦିଅନ୍ତୁ । ତା' ପରେ ତାକୁ ଗ୍ରେଟ୍ ?ରରେ ଗ୍ରେଟ୍ ? କରି ଦିଅନ୍ତୁ ତା'ପରେ କରେଇ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ଜୁଆଣି ଓ ଜିରା ପକାଇ ଦିଅନ୍ତୁ । ପରେ ସେଥିରେ କିଛି କଟା କଞ୍ଚା ଲଙ୍କା ଓ ଅଦା ପକାଇ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଗ୍ରେଟ୍ କରି ରଖିଥିବା ଫୁଲ କୋବିକୁ ପକାଇ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଲଙ୍କା ଗୁଣ୍ଡ, ଚାଟ ମସଲା, ଧନିଆ ପାଉଡର, ଗରମ ମସଲା ଓ ସ୍ୱାଦ ଅନୁସାରେ ଲୁଣ ଓ ହଳଦି ଗୁଣ୍ଡ ପକାଇ ଗୋଳାଇ କିଛି ସମୟ ପାଇଁ କଷନ୍ତୁ । କଷି ହେବା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ ଚକଟି ରଖିଥିବା ଅଟାରେ ଗୁଳା କରି ତା' ଭିତରେ ପୁର ଦେଇ ରୁଟି ବା ପରଟା ପରି ବେଲନ୍ତୁ । ତା'ପରେ ତାୱା ତେଲ ପକାଇ ଗରମ କରନ୍ତୁ । ସେଥିରେ ବେଲି ରଖିଥିବା ପରଟା ପକାଇ ଦିଅନ୍ତୁ ।

# ଆଜିର ରାଶିଫଳ

**ମେଷ** – କୌଣସି କ୍ଷେତ୍ରରେ ତରବରିଆ କାମ ଓ ଭାବପ୍ରବଣତା ଓଲଟା ଫଳ ପ୍ରଦାନ କରିବ । ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବାର ଯୋଗ ରହିଛି ।

**ବୃଷ** – ସେବା ମନୋବୃତ୍ତି ବଢ଼ିବ । ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇ ଖୁସି ହେବେ । ଦୂରଯାତ୍ରା କରିପାରନ୍ତି । କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ

**ମିଥୁନ** – କର୍ମକ୍ଷେତ୍ରରେ ସହମତି ଭିତ୍ତିରେ କାମ କଲେ ଅପେକ୍ଷାକୃତ ଅଧିକ ସଫଳତା ପାଇପାରନ୍ତି । ଉଚ୍ଚସମ୍ମାନିତ ହେବେ । ବନ୍ଧୁଙ୍କ ସହ ଅଯଥା ଅଯଥା ଯୁକ୍ତିତର୍କରୁ ଦୂରେଇ ରହିବା ଭଲ

**କର୍କଟ** – କେତେକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ପ୍ରଶାସନିକ, ସାମ୍ବାଦିକତା ଓ ପରିବହନରେ ସମସ୍ୟାର ସମାଧାନ ହୋଇଯିବ ।

**ସିଂହ** – ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ପୁନର୍ବିଚାର କଲେ ଭଲ ହେବ । ଅଶାନ୍ତିର ବାତାବରଣ ପୂର୍ବପରି ରହିବ । ମହିଳାମାନେ ଦୂରଯାତ୍ରା କରି ଖୁସି ରହିବେ । ମଘାନକ୍ଷତ୍ର ଅନୁଯାୟୀ ଦୂରଯାତ ।

**କନ୍ୟା** – ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି । ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ହେବ । ମହିଳାମାନେ ଗୃହକାର୍ଯ୍ୟରେ ଲାଗିରହିବେ ।

**ତୁଳା** – ବହୁତଦିନର ଆଶା ଆଜି ପୂର୍ଣ୍ଣ ହେବ । ଉଚ୍ଚସମ୍ମାନ ଲାଭ କରିପାରନ୍ତି । ଦେହ ଭଲ ରହିବ । କାର୍ଯ୍ୟରେ ମନୋବଳ ବହୁତ ବଢ଼ିଯିବ । ଦୂରଯାତ୍ରା କରିବାର ସୁଯୋଗ ପାଇବେ ।

**ବିଛା** – ଚାକିରି କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ବହୁତଦିନର ଅଶାନ୍ତି ଦୂରୀଭୂତ ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ ।

**ଧନୁ** – ରବି ଶୁକ୍ରଙ୍କ ପ୍ରଭାବରୁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ । ଶନି ଓ ବୁଧଙ୍କ ସଂଯୋଗଜନିତ ଖଳବ୍ୟକ୍ତିଙ୍କର ପ୍ରବଳ ବିରୋଧର ସମ୍ମୁଖୀନ ହେବେ ।

**ମକର** – ବ୍ୟବସାୟରେ ନିଜର ଆୟ ଓ ବ୍ୟୟ ସମାନ ରହିବ । କାର୍ଯ୍ୟରେ ସମ୍ମାନ ପାଇବେ । ଅର୍ଥ ଦେୟ ହେବ । କ୍ରୀଡ଼ା, କଳା ଏବଂ ସାମ୍ବାଦିକତାରେ ସମ୍ମାନିତ ହୋଇପାରନ୍ତି ।

**କୁମ୍ଭ** – ନୂତନ ବନ୍ଧୁମିଳନର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ଅର୍ଥ ବ୍ୟୟ ହେବ । ମହିଳାମାନେ ଗୃହକାର୍ଯ୍ୟ କରି ବହୁତ ବଡ଼ ଝାମେଲା ତୁଲାଇପାରିବେ ।

**ମୀନ** – ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଆସିଲେ ମଧ୍ୟ ଆପଣଙ୍କ କାର୍ଯ୍ୟ ହାସଲ ହୋଇଯିବ । ଗାଡ଼ି ମୋଟର କ୍ରୟ କରିବା ପାଇଁ ଯୋଜନା କରିବେ । ମହିଳାମାନେ ଅନ୍ୟକୁ ସାହାଯ୍ୟ କରିବେ ।

# ମଣିଷ ଦେହରେ ପ୍ଲାଷ୍ଟିକ କଣିକା

ମଣିଷ ଦେହରେ ପ୍ଲାଷ୍ଟିକ କଣିକା । ଫୁସ୍ଫୁସ୍‌ରେ ଭରି ରହିଛି କ୍ଷତିକାରକ ମାଇକ୍ରୋପ୍ଲାଷ୍ଟିକ୍ କଣିକା । ଯାହାକୁ ଖୋଜି ପାଇଛନ୍ତି ଇଂଲଣ୍ଡର ବୈଜ୍ଞାନିକ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଏହି ପ୍ଲାଷ୍ଟିକ କଣିକାଗୁଡ଼ିକ ଆମ ଅଜାଣତରେ ଶ୍ୱାସକ୍ରିୟ ଦେଇ ଫୁସ୍ଫୁସ୍‌ରେ ଜମୁଛି । ଫଳରେ ଆମର ଶ୍ୱାସ ଜନିତ ରୋଗ ସହିତ ଅନ୍ୟାନ୍ୟ ମାରାତ୍ମକ ରୋଗ ହେଉଛି ବୋଲି ବୈଜ୍ଞାନିକ ଖୁଲାସା କରିଛନ୍ତି । ମାକ୍ରୋପ୍ଲାଷ୍ଟିକ କଣିକା ହେଉଛି ପ୍ଲାଷ୍ଟିକ୍‌ର ଅତି କ୍ଷୁଦ୍ର ଖଣ୍ଡ । ଯାହା ବଡ଼ ବଡ଼ ପ୍ଲାଷ୍ଟିକ୍‌ରୁ ଭାଙ୍ଗି ଅତି କ୍ଷୁଦ୍ର ରୂପ ନେଇଥାଏ । ୫ ମିଲିମିଟର ଠାରୁ ବି ଏହା ଛୋଟ । ସମୁଦ୍ରରେ, ପାହାଡ଼ ପର୍ବତ ଓ ବାୟୁରେ ଏହି କଣିକାଗୁଡ଼ିକ ଭାସିବୁଲୁଥାଏ । ଏହା ଏତେ କ୍ଷୁଦ୍ର ଯେ ୱାଟର ଫିଲଟ୍ରେସନ୍‌ରେ ମଧ୍ୟ ଏହା ଖସିଯାଇଥାଏ । ଆଉ ଆଜିର ପ୍ରଦୂଷିତ ବାତାବରଣରେ ମଣିଷର ଶ୍ୱାସକ୍ରିୟା ଦେଇ ଏହା ଭିତରକୁ ଯାଇ ଫୁସ୍ଫୁସ୍‌ରେ ଅଟକି ଯାଏ । ଫଳରେ ଶୀରରରେ ଶ୍ୱାସକ୍ରିୟା ଜନିତ ନାନା ରୋଗ ସୃଷ୍ଟି କରିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି । ହୁଲ୍ ୟୋର୍କ ମେଡିକାଲ ସ୍କୁଲ୍ ଏବଂ ୟୁନିଭର୍ସିଟି ଅଫ୍ ହୁଲ୍ ବୈଜ୍ଞାନିକମାନେ ୧୩ ଜଣଙ୍କର ଫୁସ୍ଫୁସ୍ ଟିସୁ ସାମ୍ପଲ ଟେଷ୍ଟ କରିଥିଲେ । ଏଥିରେ ୧୧ ଜଣଙ୍କର ଠାରେ ୩୯ଟି ମାଇକ୍ରୋପ୍ଲାଷ୍ଟିକ କଣିକା ମିଳିଥିଲା । ପୂର୍ବରୁ କୌଣସି ଲାବୋରୋଟୋରୀ ଟେଷ୍ଟରେ ଏତେ ମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ କଣିକା ବାହାରି ନଥିଲା । ଇଂଲଣ୍ଡ ବୈଜ୍ଞାନିକଙ୍କର ଏହି ଗବେଷଣା ରିପୋର୍ଟ ବର୍ତ୍ତମାନ ବିଜ୍ଞାନ ପତ୍ରିକା 'ସାଇନ୍ସ ଅଫ୍ ଦି ଟୋଟାଲ ଏନ୍ଭାର୍ଣ୍ଣମେଣ୍ଟ' ପ୍ରକାଶିତ ହେବାକୁ ମନୋନୀତ ହୋଇଛି । ଏହି ଗବେଷଣାର ମୁଖ୍ୟ ଦାୟିତ୍ୱରେ ଥିବା ବୈଜ୍ଞାନିକ ତଥା ହୁଲ୍ ୟୋର୍କ ମେଡିକାଲ ସ୍କୁଲ୍‌ର ରେସ୍ପୋରେଟୋରୀ ମେଡିସିନ ବିଭାଗର ଅଧ୍ୟାପକ ଡା. ଲୌରା ସାଡୋଫ୍ସ୍କି କହିଛନ୍ତି " ପୂର୍ବରୁ ଶବ ବ୍ୟାବଚ୍ଛେଦ ବେଳେ ମଣିଷ ଶରୀରରୁ ମାଇକ୍ରୋପ୍ଲାଷ୍ଟିକ୍ କଣିକା ଦେଖାଯାଉଥିଲା । ହେଲେ ପ୍ରଥମ ଥର ପାଇଁ ଏହି ଗବେଷଣାରେ ଜୀବନ୍ତ ମଣିଷର ଫୁସ୍ଫୁସ୍‌ରେ ମାଇକ୍ରୋପ୍ଲାଷ୍ଟିକ ମିଳିଛି ।" ତେବେ ଏହା ଫୁସ୍ଫୁସ୍‌ର ତଳ ଅଂଶରେ ଅଟକି ରହିଥିବା ଦେଖିବାକୁ ମିଳିଛି ବୋଲି ଡା. ଲୌରା ସାଡୋଫ୍ସ୍କି କହିଛନ୍ତି । ଫୁସ୍ଫୁସ୍‌ର ଥିବା ବାୟୁ ଦ୍ୱାର ଖୁବ୍ କ୍ଷୁଦ୍ର ହୋଇଥିବାରୁ ସେଥିରେ ପ୍ଲାଷ୍ଟିକ୍ କଣିକା ଜମି ରହିବା କେହି ବିଶ୍ୱାସ କରିପାରୁ ନଥିଲେ । ହେଲେ ଗବେଷଣାରେ ତାହା ସମ୍ପୂର୍ଣ୍ଣ ଦେଖାଯାଉଛି ବୋଲି ସାଡୋଫ୍ସ୍କି କହିଛନ୍ତି । ସର୍ଜିକାଲ ପଦ୍ଧତିରେ ଜୀବନ୍ତ ଫୁସଫୁସ୍ ଟିସୁକୁ ନେଇ ପରୀକ୍ଷଣ କରାଯାଇଥିଲା । ଯେଉଁ ରୋଗୀମାନେ ନିୟମିତ ଡାକ୍ତରଖାନା ରୁଟିନ ଚେକ୍ ପାଇଁ ଆସୁଥିଲେ ସେମାନଙ୍କ ନେଇ ଏହି ପରୀକ୍ଷଣ କରାଯାଇଥିଲା ବୋଲି ଗବେଷକ ବୈଜ୍ଞାନିକ କହିଛନ୍ତି । ଏଥିରୁ ଗବେଷକମାନେ ୧୨ ପ୍ରକାରର ମାଇକ୍ରୋପ୍ଲାଷ୍ଟିକ କଣିକା ଖୋଜିପାଇଛନ୍ତି । ଏହି ସବୁ କଣିକାଗୁଡ଼ିକ ପ୍ୟାକେଜିଂ, ବୋତଲ, ପ୍ଲାଷ୍ଟିକ ରସି, କପଡ଼ା, ଏବଂ ଅନ୍ୟାନ୍ୟ ନିର୍ମାଣ ଆଦିରୁ ବାହାରିଥାଏ । ତେବେ ମହିଳାଙ୍କ ତୁଳନାରେ ପୁରୁଷଙ୍କ ଠାରେ ଅଧିକ ମାଇକ୍ରୋପ୍ଲାଷ୍ଟିକ କଣିକା ଦେଖିବାକୁ ମିଳିଛି ବୋଲି ଗବେଷକ ତାଙ୍କ ରିପୋର୍ଟରେ କହିଛନ୍ତି । ଗବେଷଣାକୁ ନେଇ ଡ. ଲୌରା କହିଛନ୍ତି " ଫୁସ୍ଫୁସ୍‌ରେ ବାୟୁ ନିର୍ଗମନ ନଳୀ ଅତି କ୍ଷୁଦ୍ର ଥିବାରୁ ଏହାର ତଳ ଅଂଶରେ ଅଧିକ ପରିମାଣରେ ପ୍ଲାଷ୍ଟିକ କଣିକା ମିଳିବ ବୋଲି ଆମେ ଭାବି ନଥିଲୁ । ଆମେ ଭାବିଥିଲୁ ଯେ କଣିକାଗୁଡ଼ିକ ଫୁସ୍ଫୁସ୍ ଭିତରେ ପଶିବା ପୂର୍ବରୁ ବାହାରେ ହିଁ ଛାଣି ହୋଇ ରହିଯାଇଥିବ ।" ହେଲେ ତଳ ଅଂଶରେ ପ୍ଲାଷ୍ଟିକ୍ କଣିକା ମିଳିବା ଆମକୁ ଆଶ୍ଚର୍ଯ୍ୟ କରିଥିଲା ବୋଲି ଡ. ଲୌର କହିଛନ୍ତି । ତା ସହିତ ଏହି ଗବେଷଣାରେ ଶ୍ୱାସକ୍ରିୟା ଦେଇ ଭିତରକୁ ଗଲାଭଳି ଆକାରର ପ୍ଲାଷ୍ଟିକ କଣିକା ମଧ୍ୟ ମିଳିଥିଲା । ଏହା ପୂର୍ବରୁ ରକ୍ତରେ ମଧ୍ୟ ଅତି କ୍ଷଦ୍ରୁ ପ୍ଲାଷ୍ଟିକ କଣିକା ଖୋଜିପାଇଥିଲେ ବୈଜ୍ଞାନିକ । ଏହାପରେ ସାରା ବିଶ୍ୱରେ ସତର୍କ ବାଣୀ ଶୁଣାଇ ଦିଆଯାଇଥିଲା । ଆଉ ଏବେ ଫୁସ୍ଫୁସ୍‌ର ତଳ ଅଂଶରେ ମାଇକ୍ରୋପ୍ଲାଷ୍ଟିକ କଣିବା ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

# ସ୍ୱାମୀ-ସ୍ତ୍ରୀ ଗୋଟିଏ ଥାଳିରେ ଭୋଜନ ଗ୍ରହଣ କରିବା ଉଚିତ ନୁହେଁ



ଭୀଷ୍ମ ପିତାମହ ଅର୍ଜୁନଙ୍କୁ ଦେଇଥିବା ଏକ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶରେ କହିଥିଲେ ଯେ ଖାଇବା ଥାଳିରେ ଗୋଡ ବାଜିଗଲେ ସେ ଥାଳିରେ ଭୋଜନ ଗ୍ରହଣ କରିବା ଉଚିତ ନୁହେଁ । ସେ ଥାଳିକୁ ତ୍ୟାଗ କରିଦେବା ଉଚିତ । ଭୀଷ୍ମ କହିଥିଲେ ଯେ ଭୋଜନ ସମୟରେ ଥାଳିରୁ ଚୁଟି ବାହାରିଲେ ମଧ୍ୟ ସେ ଭୋଜନ୍‌ାହଗା କରିଦେବା ଉଚିତ । ଚୁଟି ବାହାରିବା ପରେ ବି ଯଦି ସେ ଭୋଜନ କରାଯାଏ ତାହେଲେ ଦରିଦ୍ରତା ଆଶଙ୍କା ରହିଥାଏ । ଭୋଜନ ଥାଳି ବଢ଼ା ଯାଇଥିବା ସମୟରେ ସେହି ଥାଳିକୁ ଯଦି କିଏ ଡେଇଁ ଯାଏ ତାହେଲେ ସେ ଭୋଜନ ଗ୍ରହଣ କରିବା ଉଚିତ ନୁହେଁ । ଏହାକୁ ଅଳିଆ ସହ ସମାନ ବୋଲି କୁହାଯାଏ । ଭୀଷ୍ମ ପିତାମହ ଅର୍ଜୁନଙ୍କୁ କହିଥିଲେ ଯେ ଗୋଟିଏ ଥାଳିରେ ଭାଇ-ଭଉଣୀ ଭୋଜନ କଲେ ସେ ଅମୃତ ସହ ସମାନ । ଭାଇ-ଭଉଣୀ ଗୋଟିଏ ଥାଳିରେ ମିଶି ଭୋଜନ କଲେ ଧନଧାନ୍ୟ, ସ୍ୱାସ୍ଥ୍ୟ ଓ ଶ୍ରୀ ବୃଦ୍ଧି ହୋଇଥାଏ । ଅର୍ଜୁନ ସ୍ୱୟଂ ୫ ଭାଇ ଥିଲେ ଏବଂ ସବୁବେଳେ ମିଳିମିଶି ଭୋଜନ କରୁଥିଲେ । ଲାକ୍ଷାଗୃହ ଭଠନ ପରେ ବ୍ରାହ୍ମଣ ଭେଷରେ ଅର୍ଜୁନ ଯେତେବେଳେ ଦ୍ରୋପଦୀଙ୍କୁ ସ୍ୱୟମ୍ବରରେ ଜିତିଥିଲେ ମାତା କୁନ୍ତୀ ନ ଜାଣି ତାଙ୍କୁ ୫ ଭାଇ ମଧ୍ୟରେ ବାଣ୍ଟି ଦେବାକୁ କହି ଦେଇଥିଲେ । ସେତେବେଳେ ସମସ୍ତଙ୍କ ପାଇଁ ଧର୍ମ ସଙ୍କଟ ଛିଡା ହୋଇଥିଲା । ଏହାପରେ ଦ୍ରୋପଦୀ ୫ ଭାଇଙ୍କ ଆତ୍ମା ରୂପରେ ସ୍ଥାନ ପାଇଲେ । ଭୀଷ୍ମ ପିତାମହ ସ୍ୱାମୀ-ସ୍ତ୍ରୀ ଗୋଟିଏ ଥାଳିରେ ଭୋଜନ କରିବାକୁ ଠିକ ବୋଲି କହି ନାହାନ୍ତି । ତାଙ୍କ ଅନୁସାରେ ସ୍ୱାମୀ-ସ୍ତ୍ରୀ ଗୋଟିଏ ଥାଳିରେ ଭୋଜନ ଗ୍ରହଣ କଲେ ସେହି ଥାଳି ମାଦକ ପଦାର୍ଥରେ ଭାରି ଗଲା ସହ ସମାନ ହୋଇଥାଏ । ତାଙ୍କ ଅନୁସାରେ ସମ୍ଭବତଃ ସ୍ତ୍ରୀ ସ୍ୱାମୀଙ୍କ ପରେ ଭୋଜନ କରିବା ଉଚିତ । ଏହାଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ । ଭୀଷ୍ମ ପିତାମହଙ୍କ ଏହି କଥାକୁ ଅନେକ ବ୍ୟକ୍ତି ଠିକ ବୋଲି ନ ଭାବି ପାରନ୍ତି କିନ୍ତୁ ଏହା କେବଳ ପୌରାଣିକ ମାନ୍ୟତା ଆଧାରରେ ଏଠାରେ ଉଲ୍ଲେଖ କରାଯାଇଛି ।

# ଘରେ ମୟୁର ପୂଛ ରଖିଲେ ଖୋଲିଯାଏ ଭାଗ୍ୟ



ହିନ୍ଦୁ ଧର୍ମରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ତ୍ୱ ରହିଛି । ବାସ୍ତୁଶାସ୍ତ୍ର ଅନୁସାରେ ମୟୁର ପୂଛକୁ ବହୁତ ଶୁଭ ହୋଇଥାଏ । ମହୁର ପୂଛ ଭଗବାନ ଶ୍ରୀକୃଷ୍ଣଙ୍କୁ ବହୁତ ପ୍ରିୟ । ସେଥିପାଇଁ ତାକୁ ବହୁତ ଶୁଭ ବୋଲି କୁହାଯାଏ । ଘରେ ମୟୁର ପୂଛ ରଖିଲେ ଧନଧାନ୍ୟ ବୃଦ୍ଧି ହୋଇଥାଏ ବୋଲି କୁହାଯାଏ । ସେଥିପାଇଁ ଲୋକେ ଘରେ ମୟୁର ପୂଛ ରଖନ୍ତି । ଅନେକଳକ ଠାକୁର ଘରେ ରଖି ଏହାକୁ ପୂଜା ବି କରନ୍ତି । ଘରେ ମୟୁର ପୂଛ ରଖିବାର ଅନେକ ଲାଭ ରହିଛି । କିନ୍ତୁ ଏହାକୁ ସଠିକ ଦିଗରେ ଓ ସଠିକ ସ୍ଥାନରେ ରଖିବା ଉଚିତ । ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ମୟୁର ପୂଛ ରଖିଲେ ଅମଙ୍ଗଳ ଟଳି ଯାଇଥାଏ ଓ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ଘରେ ସୁଖ ଶାନ୍ତି ବଜାୟ ରହେ । ମୟୁର ପୂଛ ଆପଣ ଠାକୁର ଘରେ ବା ପୂଜା ଘରେ ରଖିପାରିବେ । ବୈବାହିକ ଜୀବନରେ ଅଶାନ୍ତି ଲାଗି ରହିଥିଲେ ଶୟନକକ୍ଷରେ ମୟୁର ପୂଛ ରଖିବା ଉଚିତ । ଏହାଦ୍ୱାରା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମ୍ପର୍କ ମଧୁର ହୋଇଥାଏ ଏବଂ ପ୍ରେମ ବଢିଥାଏ । ବାସ୍ତୁ ଅନୁସାରେ ପିଲାଙ୍କ ପଢା ଘରେ ମୟୁର ପୂଛ ରଖିବା ଉଚିତ । ଏହାଦ୍ୱାରା ପାଠ ପଢାରେ ପିଲାଙ୍କ ମନ ଲାଗିଥାଏ । ଏହାସହ ବୁଦ୍ଧି ବିକାଶ ମଧ୍ୟ ହୋଇଥାଏ । ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରିୟ ମୟୁର ପୂଛ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ । ଯଦି ଆପଣଙ୍କୁ କୌଣସି କାମରେ ସଫଳତା ମିଳୁନି ତାହେଲେ ଆପଣ ପାଖରେ ମୟୁର ପୂଛ ରଖିବା ଉଚିତ । ଏହାଦ୍ୱାରା ଆପଣଙ୍କ ହେଉନଥିବା କାମ ବି ହେବ । ଆର୍ଥିକ ସ୍ଥିତି ମଜବୁତ କରିବାକୁ ଅଫିସ କିମ୍ବା ଟ୍ରେଜେରିରେ ମୟୁର ପୂଛ ରଖନ୍ତୁ । ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନାଭାବ ଦୂର ହେବାସହ ଆର୍ଥିକ ସ୍ଥିତି ମଧ୍ୟ ମଜବୁତ ହେବ । ମୟୁର ପୂଛରୁ ସକାରାତ୍ମକ ଶକ୍ତି ପ୍ରାପ୍ତ ହୋଇଥାଏ । ସେଥିପାଇଁ ପାଖରେ ମୟୁର ପୂଛ ରଖିବା ଉଚିତ । ଏହାଦ୍ୱାରା ଶତ୍ରୁଙ୍କ ସହ ଥିବା କଟୁ ସମ୍ବନ୍ଧ ସୁଧୁରି ଯାଇଥାଏ । ଘରର ମୁଖ୍ୟ ଦ୍ୱାରରେ ମୟୁର ପୂଛ ଲଗାଇବା ଉଚିତ । ଏହାଦ୍ୱାରା ବାସ୍ତୁ ଦୋଷ କଟିଯାଇଥାଏ । ଭଗବାନ ଗଣେଶଙ୍କ ପ୍ରତିମା ସହ ବି ମୟୁର ପୂଛ ରଖିପାରିବେ । ଯଦି ଆପଣଙ୍କ ଘରେ ମୟୁର ପୂଛ ଅଛି ତାହେଲେ ଆପଣଙ୍କ ଘରକୁ କୌଣସି ଖରାପ ଶକ୍ତି ।

# ସପେଟାର ରହିଛି ଏହି ୫ଟି ଫାଇଦା

ସୁନ୍ଦର ଓ ସୁସ୍ଥ ଶରୀର ପାଇଁ ଫଳ ନିହାତି ଆବଶ୍ୟକ । ଫଳରେ ଅନେକ ପ୍ରକାର ପୋଷାକ ତତ୍ତ୍ୱ ରହିଛି । ଆଳୁ ଭଳି ଦେଖାଯାଉଥିବା ସପେଟାରେ ମଧ୍ୟ ଅନେକ ପୋଷାକ ତତ୍ତ୍ୱ ରହିଛି । ଏହାର ସ୍ୱାଦ ମିଠା । ସେଥିପାଇଁ ଲୋକେ ସପେଟା ଖାଇବାକୁ ବହୁତ ପସନ୍ଦ କରିଥାନ୍ତି । ସପେଟାରେ ଆହୁରି ଅନେକ ଗୁଣ ଅଛି ଯାହା ସ୍ୱାସ୍ଥ୍ୟ ପାଇଁ ହିତକର । ସପେଟାରେ କ୍ୟାଲସିୟମ, ଫସଫରସ, ପୋଟାସିୟମ ଆଦି ଭରପୁର ମାତ୍ରାରେ ରହିଛି । ସପେଟାରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ବି ରହିଛି । ସପେଟାର କଣ କଣ ଫାଇଦା ଅଛି ପଢନ୍ତୁ... ଏକ ରିପୋର୍ଟ ଅନୁଯାୟୀ, ସପେଟାରେ ଶକ୍ତିଶାଳୀ ଆଣ୍ଟିପାରାସିଟିକ୍, ଆଣ୍ଟିଭାଇରାଲ୍, ଆଣ୍ଟି-ଇନଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ଅଛି ଯାହା ପାଚନ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏହା ଅନ୍ତନଳୀ ସଂକ୍ରମଣ କମ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ସପେଟାରେ ଭରପୁର ମାତ୍ରାରେ ଫାଇବର ରହିଛି । ଏହା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ । ସପେଟାରେ ମିନେରାଲ୍ସ, କ୍ୟାଲସିୟମ, କପର, ଆଇରନ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ । ଆହାରରେ ତମ୍ବା ଅଭାବ ଦେଖାଦେଲେ ଅଷ୍ଟିୟୋପୋରୋସିସ ହେବାର ଆଶଙ୍କା ଥାଏ । ସପେଟାରେ ତମ୍ବା ଥିବା ଯୋଗୁଁ ଏହା ସୁସ୍ଥ ହାଡ ପାଇଁ ଆବଶ୍ୟକ । ସପେଟାରେ ଭିଟାମିନ-ସି,ଏ ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି ଯାହା ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବାରେ ସହାୟକ ହୋଇଥାଏ । ଏହା ସୁନ୍ଦର ତ୍ୱଚା ପାଇଁ ମଧ୍ୟ ଲାଭଦାୟକ । ଏହା ଶରୀରକୁ ଭାଇରସ, ବ୍ୟାକ୍ଟେରିଆ ଆଦିରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ତ୍ୱଚାକୁ ସୁନ୍ଦର କରିବା ପାଇଁ ସପେଟା ବହୁତ ଲାଭଦାୟକ । ଏହା ତ୍ୱଚାକୁ ହାଇଡ୍ରେଡ ରଖିବା ସହ ତ୍ୱଚାର ମୃତ କୋଷକୁ ପୁଣି ଜୀବନ୍ତ କରିଥାଏ ।

# କାନ୍ଥ ପାଖରୁ ଦୂରେଇ ରଖନ୍ତୁ ଫ୍ରିଜ୍



ପ୍ରାୟ ସମସ୍ତ ଘରେ ରେଫ୍ରିଜରେଟର ରହିଛି । ଅନେକ ଫ୍ରିଜକୁ ରୋଷେଇ ଘରେ ରଖୁଥିବାବେଳେ କେହି କେହି ଏହାକୁ ହଲରେ ରଖିଥାନ୍ତି । ପ୍ରାୟତଃ ଦେଖିବାକୁ ଗଲେ ଲୋକମାନେ ଏହାକୁ କାନ୍ଥ ପାଖରେ ରଖିଥାନ୍ତି । କିନ୍ତୁ ଆପଣ ଜାଣନ୍ତି କି ଏହାକୁ ରଖିବାର କରିବାର ସଠିକ୍ ଉପାୟ ? ଏହା କାନ୍ଥଠାରୁ କେତେ ଦୂରତାରେ ରହିବା ଉଚିତ । ବିଶେଷଜ୍ଞ ଅନୁଯାୟୀ, କାନ୍ଥରୁ ଫ୍ରିଜ୍ ୬-୧୦ ଇଞ୍ଚ ଦୂରରେ ରହିବା ଉଚିତ୍ । ଏହାକୁ ଭିତରୁ ଥଣ୍ଡା ରଖିବା ପାଇଁ ଏକ କଠିନ ପରିଶ୍ରମ କରିବାକୁ ପଡେ । ଏହି ପ୍ରକ୍ରିୟା ସମୟରେ ପଛ ଗ୍ରିଲ୍ ମାଧ୍ୟମରେ ଉତ୍ତାପ ବାହାରିଥାଏ । ଯଦି ଆପଣ ଏପରି ନ କରନ୍ତି, ତେବେ ଗରମ ପବନ ବହୁତ ଭଲ ଭାବରେ ବାହାରିପାରିବ ନାହିଁ । ଯେଉଁଥିରେ ରେଫ୍ରିଜରେଟରକୁ ଥଣ୍ଡା ରଖିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡିଥାଏ । ଏମିତିକି ବହୁତ ମାତ୍ରାରେ ବିଦ୍ୟୁତ୍ ଖର୍ଚ୍ଚ ମଧ୍ୟ ହୋଇଥାଏ । ରେଫ୍ରିଜରେଟରକୁ କାନ୍ଥଠାରୁ ଦୂରରେ ରଖିବା ସହ ଏହା ଏକ ହିଟର କିମ୍ବା ଅନ୍ୟ ଉତ୍ତାପ ଉତ୍ସ ନିକଟରେ ନ ରଖିବା ପାଇଁ ଚେଷ୍ଟା କରିବା ଉଚିତ୍ । ଯଦି ଆପଣ ଏପରି ନ କରନ୍ତି, ତାପମାତ୍ରାରେ ବହୁତ ବଡ଼ ପାର୍ଥକ୍ୟ ଆସିବ, ଯାହା ଫ୍ରିଜରେ ଅଧିକ ଘନୀଭୂତ ହୋଇପାରେ । ଏହା ପରେ ତୁମର ରେଫ୍ରିଜରେଟର ଭିତରୁ ଓଦା ହୋଇଯିବ ଓ ବରଫ ସୃଷ୍ଟି ହେବ, ଯାହା କୌଣସି ଫ୍ରିଜ୍ ପାଇଁ ଭଲ ନୁହେଁ । ଏମିତିକି ଖୁବଶୀଘ୍ର ଖରାପ ହୋଇଯିବ ରେଫ୍ରିଜିରେଟର ।

## ଫିଲ୍ମ ଟକ୍

# ଇବ୍ରାହିମଙ୍କ ପ୍ରେମରେ ଉବୁଟୁବୁ ପଲକ

ପଲକ ତିୱାରୀ ଖୁବ ଶୀଘ୍ର ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି । ଫିଲ୍ମ 'କିସି କା ଭାଇ କିସି କି ଜାନ' ରେ ସଲମାନ ଖାନଙ୍କ ବିପକ୍ଷରେ ନଜର ଆସିବେ । ଏହି ଫିଲ୍ମ ୨୧ ଏପ୍ରିଲରେ ବକ୍ସ ଅଫିସରେ ମୁକ୍ତିଲାଭ କରିବ । ଅବଶ୍ୟ, ଶ୍ୱେତା ତିୱାରୀଙ୍କ ଲାଡଲୀ ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନ ବିଷୟରେ ଅନେକ ଆଲୋଚନାରେ ରହିଛନ୍ତି । ପଲକ ତିୱାରୀ ନିକଟରେ ସୈଫ ଅଲି ଖାନଙ୍କ ପୁଅ ଇବ୍ରାହିମ ଅଲି ଖାନଙ୍କ ସହ ଡିନର ଡେଟ୍‌ରେ ନଜର ଆସିଥିଲେ । ଏହା ପରେ, ଉଭୟ ଷ୍ଟାରକିଡ୍ ଏକାଠି ଅନେକ ପାର୍ଟୀରେ ଦେଖିବାକୁ ମିଳିଥିଲା । ଯାହା ପରେ ଇବ୍ରାହିମ୍ ଅଲି ଖାନ୍ ଏବଂ ପାଲକ ତିୱାରୀଙ୍କ ଡେଟିଂ ଖବର ଆସିଥିଲା । ବର୍ତ୍ତମାନ ପଲକ ତିୱାରୀ ଇବ୍ରାହିମଙ୍କ ସହ ଥିବା ସମ୍ପର୍କ ଉପରେ ମୁହଁ ଖୋଲିଛନ୍ତି ।








# ରାହୁଲଙ୍କୁ ଜବାବ ଦେଲେ ଶାହା: ଗଣତନ୍ତ୍ର ବିପଦରେ ନାହିଁ, ଆପଣଙ୍କ ପରିବାର ବିପଦରେ ଅଛନ୍ତି

ନୂଆଦିଲ୍ଲୀ : ଉତ୍ତରପ୍ରଦେଶରେ କୌଶମ୍ବୀ ମହୋତ୍ସବ - ୨୦୨୩ ର ଉଦ୍ଘାଟନୀ କାର୍ଯ୍ୟକ୍ରମକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସମ୍ବୋଧିତ କରିଛନ୍ତି ଏବଂ ଏହି ସମୟରେ ସେ ବିରୋଧୀଙ୍କୁ କଡ଼ା ଆକ୍ରମଣ କରିଥିଲେ। ସଂସଦରେ ହୋଇଥିବା ଉତ୍ତେଜନାଠାରୁ ଆରମ୍ଭ କରି ରାହୁଲ ଗାନ୍ଧୀଙ୍କ ଗଣତନ୍ତ୍ର ଉପରେ ଦେଇଥିବା ବିବୃତ୍ତି ପର୍ଯ୍ୟନ୍ତ ଅମିତ ଶାହା ତୀବ୍ର ନିନ୍ଦା କରି କହିଛନ୍ତି ଯେ ଗଣତନ୍ତ୍ର ବିପଦରେ ନାହିଁ। ରାହୁଲ ଗାନ୍ଧୀଙ୍କ ନାମ ନ ରଖି ଅମିତ ଶାହା କହିଛନ୍ତି ଯେ ଭାରତର ଗଣତନ୍ତ୍ର ବିପଦରେ ନାହିଁ, କିନ୍ତୁ ଆପଣଙ୍କ ପରିବାର ବିପଦରେ ଅଛନ୍ତି। ଗାନ୍ଧୀ ପରିବାରର କୌଣସି ସଦସ୍ୟଙ୍କ ନାମ ନ ରଖି ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ଗଣତନ୍ତ୍ର ବିପଦରେ ନାହିଁ, କିନ୍ତୁ ଆପଣଙ୍କ ପରିବାର ବିପଦରେ ଅଛନ୍ତି। ଶାହା ଆହୁରି ମଧ୍ୟ କହିଛନ୍ତି, 'ସଂସଦ କେବଳ ଗତକାଲି ଶେଷ ହୋଇଥିଲା। ସ୍ୱାଧୀନତା ଇତିହାସରେ ଏହା କେବେ ହୋଇ ନାହିଁ ଯେ ସଂସଦ ଦେଶର ବଜେଟ୍ ଅଧିବେଶନ ଉପରେ ଆଲୋଚନା ନକରି ସମାପ୍ତ ହୋଇଛି। ବିରୋଧୀ ଦଳର ନେତାମାନେ ଗୃହକୁ କାର୍ଯ୍ୟ କରିବାକୁ ଦେଇନଥିଲେ। ରାହୁଲ ଗାନ୍ଧୀ ଅଯୋଗ୍ୟ ହେବାର କାରଣ। ରାହୁଲ ଗାନ୍ଧୀ ଏହି ବାକ୍ୟକୁ ଚ୍ୟାଲେଞ୍ଜ କରିବା ଉଚିତ୍। ତୁମେ ସଂସଦର ସମୟକୁ ବଳିଦାନ ଦେଇଛ । ରାହୁଲ ଗାନ୍ଧୀଙ୍କ ସଂସଦୀୟ ସଦସ୍ୟତା



ବାତିଲ କରି ସେ କହିଛନ୍ତି ଯେ ଗୁଜରାଟର ସୁରଟରେ ଥିବା ଏକ କୋର୍ଟ ରାହୁଲ ଗାନ୍ଧୀଙ୍କୁ ଏହି ଦଣ୍ଡ ଦେଇଛନ୍ତି। ଦଣ୍ଡ ସରିବା ମାତ୍ରେ ସାଂସଦ ଚାଲିଯାଆନ୍ତି, ଯିଏ ବି ହୋଇପାରେ । ବର୍ତ୍ତମାନ ପର୍ଯ୍ୟନ୍ତ ୧୭ ଜଣ ବିଧାୟକ ଏବଂ ସାଂସଦଙ୍କ ସଦସ୍ୟତା ରଦ୍ଦ ହୋଇଛି। ବର୍ତ୍ତମାନ କଳା ପୋଷାକ ପିନ୍ଧିଥିବା କଂଗ୍ରେସ ଲୋକ ସଂସଦ ବନ୍ଦ କରିଦେଇଛନ୍ତି। ମୁଁ ରାହୁଲ ଗାନ୍ଧୀଙ୍କୁ କହିବାକୁ ଚାହେଁ ଯେ ଆଇନ ପାଳନ କରିବା ପ୍ରତ୍ୟେକ ନାଗରିକଙ୍କ ଧର୍ମ।

## ଆଉ ନାହାନ୍ତି ଟିକ୍‌ଟକ୍ ଷ୍ଟାର୍ ହାରିସନ

ନୂଆଦିଲ୍ଲୀ: ମାତ୍ର ୧୮ ବର୍ଷ ବୟସରେ ଦୁନିଆକୁ ଅଲବିଦା କହିଲେ ପପୁଲାର ଟିକ୍‌ଟକ୍ ଷ୍ଟାର ହାରିସନ ଗିଲକ୍ସ । ଏକ ବିରଳ କ୍ୟାନସରରେ ଆକ୍ରାନ୍ତ ହାରିସନ ଦୀର୍ଘ ଦିନର ସଂଗ୍ରାମ ପରେ ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। ଏନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ହାରିସନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ଫ୍ୟାନ୍ସ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଖୁବ୍ କମ୍ ବୟସରେ ଟିକ୍ଟକ୍ ଭିଡ଼ିଓ କରି ବେଶ୍ ପପୁଲାର ହୋଇ ପାରିଥିଲେ ହାରିସନ । ଏପରିକି ତାଙ୍କର ୩ ଲକ୍ଷରୁ ଅଧିକ ଫଲୋୟର୍ସ ଥିଲେ। ହାରିସନଙ୍କ ମୃତ୍ୟୁରେ ତାଙ୍କ ପରିବାର ସଦସ୍ୟ ଖୁବ୍ ଭାଙ୍ଗି ପଡ଼ିଛନ୍ତି। ଏନେଇ ପରିବାର ପକ୍ଷରୁ ଏକ ଆବେଗଭରା ପୋଷ୍ଟରେ କୁହାଯାଇଛି, 'ହାରିସନ୍ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ।

# ଧରାପଡୁନି ଅମ୍ରିତପାଲ ସିଂହ

## ୧୪ ପର୍ଯ୍ୟନ୍ତ ପଞ୍ଜାବ ପୁଲିସ ଅଧିକାରୀଙ୍କ ଛୁଟି ବାତିଲ

ନୂଆଦିଲ୍ଲୀ : ପଞ୍ଜାବ ସରକାରଙ୍କ ନିଦ ହଜାଇଛି ଖଲିସ୍ତାନୀ ନେତା ଅମ୍ରିତପାଲ ସିଂହ। ଖଲିସ୍ତାନୀ ଆନ୍ଦୋଳନ ନିଆଁ ପୁଣି ଥରେ ଇନ୍ଧନ ଯୋଗାଇ ପଞ୍ଜାବରେ ଅଶାନ୍ତ ସୃଷ୍ଟି କରି ଫେରାର ଥିବା ଅମ୍ରିତପାଲ ସିଂହ ଏଯାଏ ପୁଲିସ ହାତରେ ଧରାପଡ଼ି ନାହାନ୍ତି। ଅମ୍ରିତପାଲ ସିଂହଙ୍କୁ ଗିରଫ ପାଇଁ ପଞ୍ଜାବ ପୁଲିସ ନାକେଦମ ହୋଇଥିବା ବେଳେ ଏପ୍ରିଲ ୧୪ ପର୍ଯ୍ୟନ୍ତ ପଞ୍ଜାବର ସମସ୍ତ ପୁଲିସଙ୍କ ଛୁଟି ବାତିଲ ହୋଇଯାଇଛି। ଏପ୍ରିଲ୍ ୧୪ ପର୍ଯ୍ୟନ୍ତ ସମସ୍ତ ଗେଜେଟେଡ୍ ଏବଂ ଅଣ-ଗେଜେଟେଡ୍ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଥିବା ଜଣାପଡ଼ିଛି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ତଥା 'ୱାରିସ ପଂଜାବ ଦେ' ମୁଖ୍ୟ ଅମୃତପାଲ ସିଂହକୁ ନେଇ ଖୋଳତାଡ଼ ଏବେ ବି ଜାରି ରହିଛି। ତାକୁ ଗିରଫ କରିବାକୁ ପୁଲିସ ଲଗାତର ଉଦ୍ୟମ ଜାରି ରଖିଛି। ତେବେ



ନିକଟରେ ଏକ ମୋଟର ଟ୍ରଲିରେ ଅମୃତପାଲ ପଳାଇ ଯାଇଥିବା ବେଳେ ସେହି ଟ୍ରଲି ଡ୍ରାଇଭରଙ୍କ ସହ କଥା ହୋଇଛି ଗଣମାଧ୍ୟମ ସଂସ୍ଥା ଏନ୍‌ଡିଟିଭି। ଏନଡିଟିଭି ସହ ବାର୍ତ୍ତାଳାପରେ ମୋଟର ଟ୍ରଲି ଡ୍ରାଇଭର ଜଣକ ସଫେଇ ଦେଇ କହିଛନ୍ତି ଯେ ସେ ଅମୃତପାଲ ସିଂ ବୋଲି ତାଙ୍କୁ ଜଣା ନଥିଲା।

ପଞ୍ଜାବର ଜଳନ୍ଧରରୁ ଖସିଯିବା ପରେ ସେ ହରିଆଣାରେ ଆତ୍ମଗୋପନ କରିଥିଲା। ବର୍ତ୍ତମାନ ପଞ୍ଜାବରେ ନଥିବା ଅମ୍ରିତପାଲକୁ ଶେଷଥର ପାଇଁ ହରିଆଣାରେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ବେଶ ବଦଳାଇ ସାରିଥିବା ଅମ୍ରିତପାଲକୁ ଧରିବା ପାଇଁ ଦିଲ୍ଲୀ ଓ ମହାରାଷ୍ଟ୍ର ବ୍ୟତୀତ ଉତ୍ତରାଖଣ୍ଡର ଡେରାଡୁନ, ହରିଦ୍ୱାରା ଓ ଉଦ୍ଧମ ସିଂହ ନଗରରେ ଆଲର୍ଟ ଜାରି କରାଯାଇଛି। ପୁଲିସ୍ ଅଧିକାରୀଙ୍କ କହିବା କଥା ଯେ ପଞ୍ଜାବରୁ ଖସିଯିବା ପରେ ଅମ୍ରିତପାଲ ସିଂହ ହରିଆଣାର କୁରୁକ୍ଷେତ୍ରରେ ରହିଥିଲା। ସେ ଓ ତା'ର ସହଯୋଗୀ ପାପଲପ୍ରୀତ ସିଂହ ସେଠାରେ ଜଣେ ମହିଳାଙ୍କ ଘରେ ରହିଥିଲେ। ଉକ୍ତ ମହିଳାଙ୍କୁ ପୁଲିସ୍ ଗିରଫ କରିଛି। ସେଠାରୁ ଖସି ଯିବା ପରେ ଅମ୍ରିତପାଲ ବିଭିନ୍ନ ରାଜ୍ୟକୁ ଯିବା ପାଇଁ ଉଦ୍ୟମ ଆରମ୍ଭ କରିଛି।

## ରୁଷ ହାତରେ ୟୁକ୍ରେନର ଯୁଦ୍ଧ ଯୋଜନା ଦସ୍ତାବିଜ୍

ୱାଶିଂଟନ୍: ରୁଷ ଉପରେ ଆକ୍ରମଣ ପାଇଁ ୟୁକ୍ରେନ ପ୍ରତିରକ୍ଷା ବାହିନୀକୁ ବଢ଼ାଇବାକୁ ଆମେରିକା ଏବଂ ନାଟୋର ଯୋଜନା ଗୁଡିକର ଗୁପ୍ତ ବିବରଣୀ ଧାରଣ କରିଥିବା ଅନେକ ଶ୍ରେଣୀଭୁକ୍ତ ଡକ୍ୟୁମେଣ୍ଟ ଅନଲାଇନରେ ଲିକ୍ ହୋଇଛି। ଦି ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଟ୍ୱିଟର ଏବଂ ଟେଲିଗ୍ରାମରେ ପ୍ରସାରିତ ଡକ୍ୟୁମେଣ୍ଟଗୁଡିକ ସୁରକ୍ଷା ଉଲ୍ଲଂଘନକୁ ନେଇ ଗୁରୁତର ଚିନ୍ତା ବଢ଼ାଇଛି ଏବଂ ବିଡେନ ପ୍ରଶାସନକୁ ଏହି ଘଟଣାର ତଦନ୍ତ ଆରମ୍ଭ କରିବାକୁ ବାଧ କରିଛି। ଉଲ୍ଲେଖନୀୟ ବିଷୟ ହେଉଛି, ଟ୍ୱିଟର ଏବଂ ଟେଲିଗ୍ରାମ ହେଉଛି ଦୁଇଟି ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ଯାହା ୟୁକ୍ରେନ ଏବଂ ରୁଷରେ ବହୁଳ ଭାବରେ ବ୍ୟବହୃତ ହୁଏ । ପେଣ୍ଟାଗନର ଡେପୁଟି ପ୍ରେସ ସେକ୍ରେଟାରୀ ସାବ୍ରିନା ସିଂ ଖବରକାଗଜକୁ କହିଛନ୍ତି ଯେ ସୋସିଆଲ ମିଡିଆ ପୋଷ୍ଟଗୁଡିକର ରିପୋର୍ଟ ବିଷୟରେ ଆମେ ଅବଗତ ଏବଂ ବିଭାଗ ଏହାର ସମୀକ୍ଷା କରୁଛି। ରିପୋର୍ଟ ଅନୁଯାୟୀ, ଲିକ୍ ହୋଇଥିବା ଡକ୍ୟୁମେଣ୍ଟରେ ଯୁଦ୍ଧ ଯୋଜନା ବିଷୟରେ କୌଣସି ସୂଚନା ନାହିଁ ଏବଂ ୟୁକ୍ରେନ କେବେ କିମ୍ବା କିପରି ଆକ୍ରମଣ ଆରମ୍ଭ କରିବାକୁ ଚାହୁଁଛି ତାହା କହି ନାହିଁ। ତେବେ, ଡକ୍ୟୁମେଣ୍ଟଗୁଡିକ ପାଞ୍ଚ ସପ୍ତାହ ପୁରୁଣା ହୋଇଥିବାରୁ ସେମାନେ ଆସନ୍ତା ମାସରେ ରୁଷର ବାହିନୀର ଆଉ ଏକ ଆକ୍ରମଣକୁ ସୂଚାଇ ଦେଇଛନ୍ତି। ଡକ୍ୟୁମେଣ୍ଟରେ ଥିବା ଅନ୍ୟାନ୍ୟ ସୂଚନାରେ ୟୁକ୍ରେନର ୧୨ ଟି ଯୁଦ୍ଧ ବ୍ରିଗେଡ୍ ପାଇଁ ତାଲିମ କାର୍ଯ୍ୟସୂଚୀ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରୁ ନଅ ଜଣଙ୍କୁ ଆମେରିକା ଏବଂ ନାଟୋ ବାହିନୀ ଦ୍ୱାରା ତାଲିମ ଦିଆଯାଉଥିବା ଦର୍ଶାଯାଇଥିଲା।

# ୧୫୫ ଦେଶର ନଦୀଜଳରେ ରାମ ଲାଲାଙ୍କ ଜଳାଭିଷେକ କରିବେ ଯୋଗୀ

ଅଯୋଧ୍ୟା: ଆସନ୍ତା ୨୩ ତାରିଖ ଦିନ ୧୫୫ଟି ଦେଶର ନଦୀଜଳରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମ ଲାଲ୍ଲାଙ୍କର 'ଜଳାଭିଷେକ' କରିବେ ବୋଲି 'ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ୍'ର ସଚିବ ଚମ୍ପତ ରାୟ କହିଛନ୍ତି। ସେ କହିଛନ୍ତି, ସମଗ୍ର ବିଶ୍ୱର ନଦନଦୀରୁ ଜଳ ଅଣାଯାଇ ପୂର୍ଣ୍ଣ କରାଯାଇଥିବା କଳସଟିକୁ ରାମ ଭକ୍ତ ତଥା ଦିଲ୍ଲୀର 'ବିଜେପି' ନେତା ବିଜୟ ଜଲିଙ୍କ ନେତୃତ୍ୱାଧୀନ ଟିମ୍ ସେ ଦିନ ଅଯୋଧ୍ୟାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଅର୍ପଣ କରିବ। ଏଥିପାଇଁ ଏପ୍ରିଲ୍ ୨୩ ତାରିଖରେ ମଣିରାମ ଦାସ ଚଓ୍ୱନି ଅଡିଟରିୟମରେଏକ ଉତ୍ସବ ଆୟୋଜନ କରାଯିବ। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉକ୍ତ ଟିମ୍ବାରୁ 'ଜଳ କଳସ' ଗ୍ରହଣ କରି ପୂଜା କରିବେ। ସମଗ୍ର ବିଶ୍ୱର ବିଭିନ୍ନ ଦେଶର ନଦନଦୀରୁ ଅଣାଯାଇଥିବା ଜଳପାତ୍ରରେ ସେ ଦେଶର ନାଁ, ଜାତୀୟ ପତାକା ଓ ନଦୀର ନାଁ



ଥିବା ଷ୍ଟିକର୍ ଲଗାଯାଇଛି। ଏହି କାର୍ଯ୍ୟକ୍ରମରେ ଅନେକ ଦେଶର ରାଷ୍ଟ୍ରଦୂତ ଅଂଶ ଗ୍ରହଣ କରିବେ। ଉଲ୍ଲେଖଯୋଗ୍ୟ, ପ୍ରଥମେ ପାକିସ୍ତାନରେ ଥିବା ହିନ୍ଦୁମାନେ ସେଠାକାର ନଈରୁ ଜଳ ସଂଗ୍ରହ କରି ଦୁବାଇ ପଠାଇଥିଲେ। ପରେ ଦୁବାଇରୁ ସେ ଜଳ ନୂଆଦିଲ୍ଲୀକୁ ଅଣାଯାଇଥିଲା। ଏବେ ସେ ଜଳ ଅଯୋଧ୍ୟାକୁ ଅଣାଯିବ। ପାକିସ୍ତାନ ବ୍ୟତିରେକେ, ସୁରିନେମ୍, ଚୀନ୍, ୟୁକ୍ରେନ୍, ରୁଷ୍, କାଜାଖସ୍ତାନ୍, କାନାଡା ଏବଂ ତିବ୍ବତ ଆଦି ଦେଶରେ ପ୍ରବାହିତ ନଦନଦୀରୁ ମଧ୍ୟ ରାମ ଲାଲ୍ଲାଙ୍କ ଜଳାଭିଷେକ ନିମନ୍ତେ ଜଳ ଆସିଛି।

## ଜାପାନରେ ବ୍ୟାପିଛି ପକ୍ଷୀ ଫ୍ଲୁ, ଅଣ୍ଡାର ମୂଲ୍ୟ ଆକାଶଛୁଆଁ

ଟୋକିଓ: ଜାପାନ ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ଖରାପ ପକ୍ଷୀ ଫ୍ଲୁ ବ୍ୟାପିଛି। ପକ୍ଷୀ ଫ୍ଲୁ ବ୍ୟାପିବା ଦ୍ୱାରା ଏହାର କୁକୁଡ଼ା ଚାଷ ପ୍ରଭାବିତ ହୋଇଛି, ଯେଉଁଥିପାଇଁ ଅଣ୍ଡାର ମୂଲ୍ୟ ଆକାଶଛୁଆଁ ହେଉଛି। ମୃତ କୁକୁଡ଼ାମାନଙ୍କୁ କବର ଦେବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ବାକି ନାହିଁ । ଚଳିତ ବର୍ଷ ଜାପାନରେ ୧୭ ମିଲିୟନରୁ ଅଧିକ ପକ୍ଷୀଙ୍କର ମୃତ୍ୟୁ ଘଟିଛି। ଜାପାନର ନ୍ୟୁଜ୍ ଚ୍ୟାନେଲ୍ ଘୋଷ ଅନୁଯାୟୀ ସ୍ଥାନୀୟ ପ୍ରଶାସନ ଏବଂ କୃଷକମାନେ କହିଛନ୍ତି ଯେ ସେମାନଙ୍କୁ ସମାଧି ଦେବା ପାଇଁ ପର୍ଯ୍ୟାପ୍ତ ଜମିର ଅଭାବ ରହିଛି। ଜାପାନରେ, ବର୍ତ୍ତମାନ ଜୀବାଣୁ ସଠିକ୍ ଭାବରେ ବିସ୍ତାର ନହେବା ପାଇଁ ଏକ ନୂତନ ଉପାୟ ଖୋଜିବାର ଆବଶ୍ୟକତା ଅଛି । ଭିୟନ୍ ରିପୋର୍ଟ ଅନୁଯାୟୀ, ଜାପାନ ପକ୍ଷୀ ଫ୍ଲୁ ସହିତ କିପରି ମୁକାବିଲା କରେ, ପୁନର୍ବାର ଚିନ୍ତା କରିବା ଆବଶ୍ୟକ, ବିଶେଷତ ଙ୍ଗଷରଭ ଯେତେବେଳେ ସାରା ବିଶ୍ୱରେ ଏହି ଜୀବାଣୁଙ୍କ ମୃତ୍ୟୁ ଘଟିଥାଏ। ଏହାର ଅଧିକାଂଶ ବିସ୍ଫୋରଣ ୟୁରୋପ, ଆମେରିକା ଏବଂ ଏସିଆରେ ଅଛି । ବର୍ତ୍ତମାନ ଦକ୍ଷିଣ ଆମେରିକାରେ ରୋଗ ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ଜାପାନରେ ମାଂସ ଏବଂ ଅଣ୍ଡା କିଣିବା କ୍ଷତିକାରକ । ଏହି କାରଣରୁ ମୁଦ୍ରାସ୍ଫୀତିର ଭୟ ମଧ୍ୟ ବୃଦ୍ଧି ପାଇଛି। ଏହି ବିସ୍ଫୋରଣ ମ୍ୟାକଡୋନାଲ୍ଡ ଏବଂ ଅନ୍ୟାନ୍ୟ ଚିକେନ୍ ସମ୍ବନ୍ଧୀୟ ଉତ୍ପାଦକୁ ବିକ୍ରୟ ବନ୍ଦ କରିବା କିମ୍ବା ମୂଲ୍ୟ ବୃଦ୍ଧି କରିବାକୁ କହିଛି।

## ଶସ୍ତା ହେବ ସିଏନଜି, ପିଏନଜି

ନୂଆଦିଲ୍ଲୀ : ପ୍ରାକୃତିକ ବାଷ୍ପ ଦାମ୍ ନିର୍ଦ୍ଧାରଣ ଲାଗି ସରକାର ଏକ ନୂଆ ପଦ୍ଧତିକୁ ଅନୁମୋଦନ କରିଛନ୍ତି। ଉକ୍ତ ପଦ୍ଧତି ଅନୁଯାୟୀ ପୁରୁଣା ଗ୍ୟାସ୍ ଫିଲ୍ଡରୁ ଉତ୍ତୋଳନ ହେଉଥିବା ଏପିଏମ୍ ଗ୍ୟାସ୍ ଦର ଆମେରିକା, କାନାଡ଼ା, ରୁଷିଆ ଭଳି ବଳକା ରାଷ୍ଟ୍ରର ଗ୍ୟାସ୍ ମୂଲ୍ୟ ପରିବର୍ତ୍ତେ ଅଶୋଧିତ ତୈଳ ଦର ଅନୁଯାୟୀ ସ୍ଥିର କରାଯିବ। ଗୁରୁବାର କ୍ୟାବିନେଟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ପାଇପ୍ରେ ଯୋଗାଇ ଦିଆଯାଉଥିବା ପ୍ରାକୃତିକ ଗ୍ୟାସ୍ (ପିଏନଜି) ୧୦ ପ୍ରତିଶତ ଶସ୍ତା ହେବ। ସେହିପରି କମ୍ପ୍ରେସ୍ଡ ପ୍ରାକୃତିକ ଗ୍ୟାସ୍ (ସିଏନଜି) ମୂଲ୍ୟ ୬ରୁ ୯ ପ୍ରତିଶତ କମିବ ବୋଲି ତୈଳ ସଚିବ ପଙ୍କଜ ଜୈନ କହିଛନ୍ତି।

## ପୁଡୁଚେରୀରେ ମାସ୍କ ବାଧ୍ୟତାମୂଳକ

ନୂଆଦିଲ୍ଲୀ: ପୁଣି ବଢୁଛି କରୋନା ସଂକ୍ରମଣ । ଏନେଇ ଅଗୁଆ ସର୍ତକ ହୋଇଛି ପୁଡୁଚେରୀ । ପୁଡୁଚେରୀରେ ସର୍ବସାଧାରଣ ସ୍ଥାନରେ ମାସ୍କ ବାଧ୍ୟତାମୂଳକ କରାଯାଇଛି । କରୋନା ସଂକ୍ରମଣ ବୃଦ୍ଧି ପରେ ପୁଡୁଚେରୀ ସରକାରଙ୍କ ଏହି ନିଷ୍ପତ୍ତି ନେଇଛନ୍ତି। ସ୍କୁଲରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ମାସ୍କ ବାଧ୍ୟତାମୂଳକ କରାଯାଇଛି । ଗତ ୨୪ ଘଣ୍ଟାରେ ମୋଟ ୫୩୩୫ ନୂଆ ସଂକ୍ରମଣ ଚିହ୍ନଟ ହୋଇଛନ୍ତି । ଦେଶରେ ଦୈ?ନିକ ପଜିଟିଭ୍ ହାର ୩.୩୨ ପ୍ରତିଶତ ଏବଂ ସାପ୍ତାହିକ ପଜିଟିଭ୍ ହାର ୨.୭୯ ପ୍ରତିଶତ ରହିଛି । ଦେଶରେ କରୋନା ସ୍ଥିତିର ସମୀକ୍ଷା ପାଇଁ ଏହି ବୈ?ଠକ କରାଯାଇଥିଲା । ଯେଉଁଥିରେ ଉଲ୍ଲେଖଯୋଗ୍ୟ, ସ୍ୱାସ୍ଥ୍ୟ ମନ୍ତ୍ରୀ ନିକଟରେ କହିଥିଲେ ଯେ ଦେଶରେ ସଂକ୍ରମଣ ବଢୁଥିବାରୁ ଆମକୁ ଏଥିପାଇଁ ସତର୍କ ରହିବାକୁ ପଡ଼ିବ । ଏନେଇ ଅଗୁଆ ସର୍ତକ ହୋଇଛି ପୁଡୁଚେରୀ । ଅନ୍ୟପଟେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବିୟ ଦେଶରେ ବଢି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହି ବୈଠକରେ ସେ କୋଭିଡ-୧୯ର ସ୍ଥିତିକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ କୋଭିଡ ଟେଷ୍ଟିଂ ଏବଂ ଜିନୋମ ସିକ୍ୱେନସିଂ ସହ କୋଭିଡ ନିୟମର ପାଳନକୁ ବଢାଇବାକୁ ନେଇ ଚର୍ଚ୍ଚା କରାଯାଇଛି। ମାଣ୍ଡବିୟ କହିଛନ୍ତି, ଆମକୁ ସତର୍କ ରହିବାକୁ ପଡିବ ଓ ଅନାବଶ୍ୟକ ଭୟ ପ୍ରଚାର କରିବା ନାହିଁ।

# ସରକାରଙ୍କ ବିରୋଧରେ ମିଥ୍ୟା ପ୍ରଚାର ଏଣିକି ସହଜ ହେବ ନାହିଁ

ନୂଆଦିଲ୍ଲୀ : ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ଇଣ୍ଟରନେଟରେ ଥିବା ଅନ୍ୟ ୱେବସାଇଟଗୁଡ଼ିକୁ ବର୍ତ୍ତମାନ ନିଶ୍ଚିତ କରିବାକୁ ପଡିବ ଯେ ଯଥା ପ୍ରେସ ଇନଫରମେସନ୍ ବ୍ୟୁରୋ ଦ୍ୱାରା ନକଲି ଖବର ଭାବରେ ଘୋଷିତ ଏହିପରି ପ୍ରବନ୍ଧ କିମ୍ବା ଅନ୍ୟ କୌଣସି ବିଷୟବସ୍ତୁ ତୁରନ୍ତ ହଟାଯିବ। ଏହିପରି ପୋଷ୍ଟଗୁଡିକ ପାଇଁ ଚଓଇ ଦ୍ୱାରା ସମ୍ପୃକ୍ତ ପ୍ଲାଟଫର୍ମଗୁଡିକ ସଚେତନ କରାଯିବ । ଆଇଟି ମନ୍ତ୍ରଣାଳୟ ନୂତନ ନିୟମକୁ ଅନୁମୋଦନ କରିଛି ଯେଉଁଥିରେ ପିଆଇବି ଫେସବୁକ୍, ଟ୍ୱିଟର, ଗୁଗୁଲକୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଚାଲିଥିବା ମିଥ୍ୟା, ଭୁଲ କିମ୍ବା ବିଭ୍ରାନ୍ତିକର ଖବରକୁ ଫ୍ୟାକ୍ଟ-ଯାଞ୍ଚ ଏବଂ ଅପସାରଣ କରିବାକୁ କହିପାରିବ। ଯଦି ସେମାନେ ତାହା ନକରନ୍ତି, ତେବେ ସେମାନଙ୍କୁ ନିୟମ ଅନୁଯାୟୀ କାର୍ଯ୍ୟର ସମ୍ମୁଖୀନ ହେବାକୁ ପଡ଼ିବ । ଆଇଟି ନିୟମ, ୨୦୨୧ ରେ 'ସୂଚନା ପ୍ରଯୁକ୍ତିବିଦ୍ୟା ସଂଶୋଧନ ନିୟମ, ୨୦୨୩' ମାଧ୍ୟମରେ ଏହି ପରିବର୍ତ୍ତନ କରାଯାଇଛି। ଏହି ପରିବର୍ତ୍ତନଗୁଡିକ ମନ୍ତ୍ରଣାଳୟ ଦ୍ୱାରା ସୂଚିତ କରାଯାଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସୂତ୍ର ଅନୁଯାୟୀ, ପିଆଇବି ର ଫ୍ୟାକ୍ଟ ଚେକ୍ ଟିମ୍ ସଂପୃକ୍ତ ସରକାରୀ ବିଭାଗ ସହିତ ଯୋଗାଯୋଗ କରିବେ ଏବଂ ଏହି ଖବର ନକଲି କି ନୁହେଁ ଏବଂ ସେହି ଅନୁଯାୟୀ ଅଧିକ ନିଷ୍ପତ୍ତି ନେବେ। ଯଦି କମ୍ପାନୀଗୁଡିକ ପିଆଇବି ଫ୍ୟାକ୍ଟ-ଚେକ୍ ଦଳର ଆଦେଶ ପାଳନ କରିବାକୁ ମନା କରନ୍ତି, ତେବେ ସେମାନେ ସେମାନଙ୍କର ନିରାପଦ ବନ୍ଦର ପ୍ରତିରୋଧକ ଶକ୍ତି ହରାଇବେ, ଯାହା ସେମାନଙ୍କ ପ୍ଲାଟଫର୍ମରେ ଉପଭୋକ୍ତାମାନଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା କୌଣସି ଠକ କିମ୍ବା ମିଥ୍ୟା ବିଷୟବସ୍ତୁରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ପଦକ୍ଷେପ ପଛର ଉଦ୍ଦେଶ୍ୟ ଗଣମାଧ୍ୟମକୁ ସେନ୍ସର କରିବା ନୁହେଁ, ବରଂ ସୋସିଆଲ ମିଡିଆ ପ୍ଲାଟଫର୍ମରେ କୌଣସି ନକଲି କିମ୍ବା ବିଭ୍ରାନ୍ତିକର ତଥ୍ୟ ବିସ୍ତାରକୁ ରୋକିବା। କେନ୍ଦ୍ର ମନ୍ତ୍ରୀଙ୍କ କହିବାନୁସାରେ, ବର୍ତ୍ତମାନ ପିଆଇବିରେ କୌଣସି ଫ୍ୟାକ୍ଟ ଚେକିଂ ୟୁନିଟ୍ ନାହିଁ ଏବଂ ଏହାକୁ ନୂତନ ନିୟମ ଅନୁଯାୟୀ ସୃଷ୍ଟି କରିବାକୁ ପଡ଼ିବ । ରାଜୀବ ଚନ୍ଦ୍ରଶେଖରଙ୍କ ଅନୁଯାୟୀ, ପିବି ଫ୍ୟାକ୍ଟ ଚେକ୍ ୟୁନିଟର ଉତ୍ତରଦାୟିତ୍ୱ ମଧ୍ୟ ସ୍ଥିର ହେବ ଏବଂ ଏହାର କାର୍ଯ୍ୟ ପ୍ରକ୍ରିୟା ପ୍ରସ୍ତୁତ ହୋଇଯିବ। ଭୁଲ ତଥ୍ୟର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ଏହା ଏକ ସ୍ୱଚ୍ଛ ଏବଂ ସଚ୍ଚୋଟ ପ୍ରୟାସ ବୋଲି ସେ କହିଛନ୍ତି।

# କୋଭିଡ୍‌ର ମୂଳ ତଥ୍ୟ ବେଜିଙ୍ଗ୍ ପାଖରେ ଅଛି

ଜେନିଭା: କୋଭିଡ୍ ଉତ୍ପତ୍ତି ସଂକ୍ରାନ୍ତରେ ଚୀନ୍ ପାଖରେ ଅଧିକ ତଥ୍ୟାବଳି ଅଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସୁନିଶ୍ଚିତ ବୋଲି ଡାକ୍ତର ଟେଡ୍ରସ୍ ଆଧନୋମ୍ ଗେବ୍ରେୟେସସ୍ କହିଛନ୍ତି। ସେ କହିଛନ୍ତି, ଚୀନ୍ ପାଖରୁ ସମ୍ପୂର୍ଣ୍ଣ ତଥ୍ୟ ନ ମିଳିଲେ କୋଭିଡ୍ ବିଷୟରେ ଆଲୋଚନା ପାଇଁ ଆଗତ ବାକି ସମସ୍ତ ତତ୍ତ୍ୱ ପଡ଼ି ରହିଥିବ। ସେଥିପାଇଁ ଏ ବିଷୟରେ ସହଯୋଗ କରିବା ଲାଗି ଚୀନକୁ ଅନୁରୋଧ କରିଆସୁଛୁ। ବେଜିଙ୍ଗ୍ ଯଦି ଏହି ଭୂତାଣୁ ସଂକ୍ରାନ୍ତରେ ମିଳୁ ନ



ଥିବା ତଥ୍ୟାବଳି ଯୋଗାଇ ଦିଅନ୍ତା, ଆମେ ଜାଣି ପାରନ୍ତୁ ଯେ, କେଉଁଥି ପାଇଁ ବା କେମିତି କୋଭିଡ୍ ଉତ୍ପତ୍ତି ହେଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ଆହୁରି ମଧ୍ୟ କହିଛନ୍ତି ଯେ, ତଥ୍ୟାବଳି ସେୟାର୍ କରିବା ଚୀନର ନୈତିକତା। ଯଥେଷ୍ଟ ପ୍ରମାଣ ସହିତ ଆମେ କୋଭିଡ୍ ଉତ୍ପତ୍ତି ସଂକ୍ରାନ୍ତରେ ଜାଣିବା ଆବଶ୍ୟକ। ତେଣୁ, ଚୀନଠାରୁ ସମ୍ପୂର୍ଣ୍ଣ ତଥ୍ୟ ନ ପାଇ ଆମେ କୋଭିଡର ଉତ୍ପତ୍ତି ବିଷୟରେ କାଳ୍ପନିକ ସିଦ୍ଧାନ୍ତ ନେଇ ପାରିବା ନାହିଁ। ଏହି ମହାମାରୀର ଅବସାନ ହୋଇ ଆସୁଥିବା ବିଷୟରେ ଆମେ ଆଶାବାଦୀ ହୋଇଥିଲେ ସୁଦ୍ଧା ଏହାର ଉତ୍ପତ୍ତି ବିଷୟରେ ଏପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ ବୋଲି ଡାକ୍ତର ଟେଡ୍ରସ୍ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ମାସରେ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ଚୀନକୁ କୋଭିଡ୍-୧୯ର ବାସ୍ତବ ତଥ୍ୟାବଳି ଯୋଗାଇବାକୁ କହିଥିଲେ। ଫଳରେ ଉକ୍ତ ରୋଗ ଉତ୍ପତ୍ତିର କାରଣ ଜଣାପଡ଼ନ୍ତା। ୨୦୨୦ରେ ଉହାନ୍ ଆମିଷ ବଜାରରୁ ସଂଗ୍ରହ କରିଥିବା ନମୁନାକୁ ଚୀନ୍ ଗୁପ୍ତ ରଖିଛି। ସେଥିରୁ କୋଭିଡ୍ ମହାମାରୀ ଉତ୍ପତ୍ତି ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳବ ବୋଲି ଆଶା କରାଯାଉଛି। ସ୍ମରଣଯୋଗ୍ୟ, ୨୦୧୯ରେ ଚୀନା ନଗରୀ ଉହାନର ଆମିଷ ବଜାରରୁ ପ୍ରଥମେ କୋଭିଡ୍ ଭୂତାଣୁ ସଂକ୍ରମିତ ହୋଇଥିବା କଥା ଜଣାପଡ଼ିଥିଲା। ସେଠାରୁ ଏହା ସମଗ୍ର ବିଶ୍ୱକୁ ବ୍ୟାପି ଅଦ୍ୟାବଧି ୭ ନିୟୁତ ଲୋକଙ୍କ ମୃତ୍ୟୁର କାରଣ ହୋଇଛି।

## ଭାଜପାରେ ମିଶିଲେ କିରଣ ରେଡ୍ଡୀ

ନୂଆଦିଲ୍ଲୀ : କଂଗ୍ରେସର ବରିଷ୍ଠ ନେତା ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କିରଣ କୁମାର ରେଡ୍ଡୀ ଶୁକ୍ରବାର ଭାରତୀୟ ଜନତା ପାର୍ଟି(ଭାଜପା)ରେ ସାମିଲ ହୋଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ତାଙ୍କୁ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂଙ୍କ ସମେତ ଅନ୍ୟ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ମାର୍ଚ୍ଚ ୧୨ ତାରିଖରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଆନ୍ଧ୍ରପ୍ରଦେଶକୁ ବିଭାଜିତ କରି ତେଲଙ୍ଗାନା ସୃଷ୍ଟି କରିବା ପାଇଁ ତତ୍କାଳୀନ ୟୁପିଏ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି କିରଣ ରେଡ୍ଡୀ



୨୦୧୪ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିଲେ। ଏହାପରେ ସେ ନିଜର ଏକ ଦଳ 'ଜୟ ସମିକ୍ୟାନ୍ଧ୍ର' ଗଠନ କରିଥିଲେ। ହେଲେ ୨୦୧୮ରେ ପୁଣି କଂଗ୍ରେସକୁ ଫେରିଆସିଥିଲେ।

## ଅମୀଷା ପଟେଲଙ୍କ ନାଁରେ ୱାରେଣ୍ଟ

ରାଞ୍ଚି : ଠକେଇ ଓ ଚେକ ବାଉନ୍ସ ମାମଲାରେ ବଲିଉଡ ଅଭିନେତ୍ରୀ ଅମୀଷା ପଟେଲ ଓ ତାଙ୍କ ବିଜନେସ ପାର୍ଟନର କୁନାଲଙ୍କ ବିରୋଧରେ ରାଞ୍ଚିର ଏକ କୋର୍ଟ ୱାରେଣ୍ଟ ଜାରି କରିଛନ୍ତି। ଝାଡଖଣ୍ଡର ଫିଲ୍ମ ପ୍ରଡ୍ୟୁସର ଅଜୟ କୁମାର ସିଂ ଅମୀଷା ପଟେଲ ଓ ତାଙ୍କ ବିଜନେସ ପାର୍ଟନରଙ୍କ ବିରୋଧରେ ଠକେଇ ଅଭିଯୋଗ ଆଣିଥିଲେ। ଯାହାପରେ ଏହି ୱାରେଣ୍ଟ ଜାରି



କରାଯାଇଥିବା ଜଣାପଡିଛି। ଅନ୍ୟପଟେ, ଅଭିନେତ୍ରୀଙ୍କୁ କୋର୍ଟ ସମନ ପଠାଇଥିଲେ। ହେଲେ ସେ କିମ୍ବା ତାଙ୍କ ଓକିଲ କୋର୍ଟରେ ହାଜର ହୋଇ ନ ଥିଲେ। ତେବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୫ ହେବ।

## ପାକିସ୍ତାନରେ ବଢୁଛି ଘରୋଇ ହିଂସା

ଇସଲାମାବାଦ : ପାକିସ୍ତାନରେ ଅଳ୍ପସଂଖ୍ୟକଙ୍କ ସ୍ଥିତି ଭଳି ଦେଶର ମହିଳାଙ୍କ ଉପରେ ଭେଦଭାବ ଓ ଦୁର୍ବ୍ୟବହାରର ସଂଖ୍ୟା ବଢିବାରେ ଲାଗିଛି। ଦେଶରେ ଘରୋଇ ହିଂସାରେ ବୃଦ୍ଧି କାରଣରୁ ଏହାର ସମାଧାନ ପାଇଁ ଦାବି କରାଗଲାଣି। ନ୍ୟୁଜ ଇଣ୍ଟରନ୍ୟାଶନାଲ ମତରେ ସ୍ତମ୍ଭକାର ଇମାନ ସମାର କହିଛନ୍ତି ଯେ ଲିଙ୍ଗଗତ ଅପରାଧ ସହ ମୁକାବିଲା କରିବା ସେମାନଙ୍କର ପ୍ରଥମ ପ୍ରାଥମିକତା ନୁହେଁ, ଯାହା ଆଇନ ଉଲ୍ଲଂଘନ କରୁଥିବା ରାଜନେତାଙ୍କ ଦ୍ୱାରା ସମର୍ଥିତ। ପାରିବାରିକ ହିଂସା ମାମଲାରେ ଏଫଆଇଆର ପଞ୍ଜିକରଣ କରିବାକୁ ପୋଲିସର ବାରଣ ଦର୍ଶାଉଛି ଯେ ପାକିସ୍ତାନର ମହିଳାମାନେ ବର୍ତ୍ତମାନ ନିର୍ଯ୍ୟାତନା ତଥା ହିଂସା ମାମଲାରେ ଆଗକୁ ଆସିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି।

## ଅଭିନେତ୍ରୀ ଆକାଂକ୍ଷା ଦୁବେ ମୃତ୍ୟୁ ମାମଲାରେ ସମର ସିଂ ଗିରଫ

ଗାଜିଆବାଦ : ଭୋଜପୁରୀ ଅଭିନେତ୍ରୀ ଆକାଂକ୍ଷା ଦୁବେଙ୍କ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିଙ୍ଗର ସମର ସିଂଙ୍କୁ ଉତ୍ତର ପ୍ରଦେଶ ପୋଲିସ ଗିରଫ କରିଛି। ପୋଲିସ ସମର ସିଂଙ୍କୁ ଗାଜିଆବାଦର ନନ୍ଦଗ୍ରାମ ଥାନା ଅଞ୍ଚଳରୁ ଗୁରୁବାର ରାତିରେ ଗିରଫ କରିଛି। ଗାଜିଆବାଦ ପୋଲିସ ଡିସିପି ନିପୁଣ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ସମର ସିଂଙ୍କୁ ଚାର୍ମସ କ୍ରିଷ୍ଟଲ ସୋସାଇଟି ରାଜନଗର ଏକ୍ସଟେନସନରୁ ଗିରଫ କରାଯାଇଛି। ସମର ସିଂଙ୍କୁ ଗିରଫ କରିବାକୁ ଗଠନ କରାଯାଇଥିବା ଟିମରେ ସାମିଲ ଥିବା ଆଶାପୁର ଚୌକି ଇନଚାର୍ଜ ଅଖିଳେଶ ବର୍ମା କହିଛନ୍ତି, ଏହି ଥାନା ନନ୍ଦଗ୍ରାମ ଅଞ୍ଚଳରେ ଆସୁଛି। ସେ କହିଛନ୍ତି ସମର ସିଂଙ୍କୁ ପ୍ରଥମେ ପୋଲିସ ଗାଜିଆବାଦ କୋର୍ଟରେ ହାଜର କରିବ



ଏହାପରେ ବାରାଣସୀ ପୋଲିସକୁ ହସ୍ତାନ୍ତର କରି ଦିଆଯିବ। ଏବେ ସମର ସିଂଙ୍କୁ ଗାଜିଆବାଦର ନନ୍ଦ ଗ୍ରାମ ଥାନାରେ ରଖାଯିବ। ସୂଚନାଯୋଗ୍ୟ,ଭୋଜପୁରୀ ଅଭିନେତ୍ରୀ ଆକାଂକ୍ଷା ଦୁବେଙ୍କ ମୃତଦେହ ସାରନାଥର ଏକ ହୋଟେଲରୁ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ୨୬ ମାର୍ଚ୍ଚରେ ମିଳିଥିଲା। ଏହି ମାମଲାରେ ମୃତ ଅଭିନେତ୍ରୀଙ୍କ ମାଆ ମଧୁଙ୍କ ଅଭିଯୋଗ କ୍ରମେ ପୋଲିସ ଆଜମଗଡ଼ ନିବାସି ସମର ସିଂ ଓ ସଞ୍ଜୟ ସିଂଙ୍କ ବିରୋଧରେ ଧାରା ୩୦୬ ଆଇପିସି ଆଧାରରେ ମାମାଲା ରୁଜୁ କରିଥିଲା।

ଅବକାରୀ ବିଭାଗର ଚଢ଼ାଉ

# ଗଞ୍ଜେଇ ଜବତ, ଜଣେ ଗିରଫ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ସଦର ଅବକାରୀ ବିଭାଗର ନବସ୍ମିତା ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାୟଗଡ଼ ବ୍ଲକ ମାର୍ଲବା ଘାଟିରେ ପେଟ୍ରୋଲିଂ ସମୟରେ ଯାଞ୍ଚ ବେଳେ ଏକ ବୋଲେରୋ ଗାଡ଼ିରୁ ୧୭୫ କେଜି ଗଞ୍ଜେଇ ଜବତ ହୋଇଥିବାର ଜଣାପଡିଛି। ଯାଞ୍ଚ ବେଳେ ଓଆର ୧୯ ଏନ ୨୫୨୫ ନମ୍ବର ବିଶିଷ୍ଟ ବୋଲେରୋ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବାର ଜଣା ପଡିଲା. ଏହି ଗାଡିକୁ ପାରଳାଖେମୁଣ୍ଡିସ୍ଥିତ ଅବକାରୀ କାର୍ଯ୍ୟାଳୟକୁ ଅଣାଯିବା ପରେ ଗାଡିର ବିଭିନ୍ନ ସ୍ଥାନରେ କୌଶଳକ୍ରମେ ଲୁଚା ଯାଇଥିବା ଗଞ୍ଜେଇ ଗୁଡିକୁ ବାହାର କରାଯାଇଥିବାର ଦେଖିବାକୁ ମିଳିଥିଲା। ଚାଲାଣକାରୀ ଜଣକ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଡାମାରି ଗ୍ରାମର ପବିତ୍ର ଗୌଡ଼ ବୋଲି ଜଣାପଡିଛି। ପବିତ୍ରକୁ ଗିରଫ କରାଯାଇଥିବାବେଳେ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗାଡିକୁ ମଧ୍ୟ ଜବତ କରାଯାଇଛି. ଜବତ ମୋଟ ୧୭୫ କେଜି ଗଞ୍ଜେଇର ମୂଲ୍ୟ ପ୍ରାୟ ୧୭ ଲକ୍ଷ ୫୦ ହଜାର ଟଙ୍କା ମୂଲ୍ୟ ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ।

# ପାନୀୟ ଜଳ ପ୍ରକଳ୍ପର ଭୂମିପୂଜନ କଲେ ମନ୍ତ୍ରୀ

ଟିଟିଲାଗଡ଼, (ପିପିଏସ୍): ରାଜ୍ୟ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ବ୍ଲକ ଅନ୍ତର୍ଗତ ଜଳକ୍ଲିଷ୍ଟ ଜଗୁଆ ପଞ୍ଚାୟତ ଭାଟିପଡା ଠାରେ ପାନୀୟ ଜଳ ଯୋଗାଣ ନେଇ ଭୂମୀ ପୂଜନ କରିଛନ୍ତି। ସ୍ଥାନୀୟ ପାଓମେକ୍ସ ଗ୍ରାଫାଇଟ ଇଣ୍ଡଷ୍ଟ୍ରିଜରୁ ଗ୍ରାମକୁ ପାଇପ ସଂଯୋଗ ସହ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ଏହି ଅବସରରେ ବ୍ଲକ ସହକାରି ନିର୍ବାହି ଯନ୍ତ୍ରୀ ଶିବାନି ପ୍ରଧାନ, ଆରଡବ୍ଲୁଏସଏସ ସହକାରି ନିର୍ବାହି ଯନ୍ତ୍ରୀ ଓମପ୍ରକାଶ ଦେହୁରୀ, କନିଷ୍ଠ ଯନ୍ତ୍ରୀ କ୍ଷିରୋଦ୍ର ପ୍ରସାଦ ରାଉତ, ବୃନ୍ଦାବନ ମେହେର, ଆଇନଜୀବୀ କିଶୋର ସାହୁ, ସ୍ଥାନୀୟ ସରପଞ୍ଚ ମୀନା ସାହୁ, ସମିତି ସଭ୍ୟ ପବନ ଗୁପ୍ତା, କୈଳାସ ବରଗ୍ତି, ଭକ୍ତ ଖର୍ସେଲ, ବଡ ଖର୍ସେଲ, ସାନ ଖର୍ସେଲ, ଡିକୁ ରଥ, ଧ୍ରୁବ ସାହୁ, ଓ୍ୱାର୍ଡମେମ୍ବର ପର୍ଶୁ ମାଝୀ, ପବନ ଖର୍ସେଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ କୁଶକେଲା ପଞ୍ଚାୟତ ଅନ୍ତର୍ଗତ ଲିମପଡା ଠାରେ ୧୬୩.୮୭ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଓଭରହେଡ ଟାଙ୍କିର ଶିଳାନ୍ୟାସ କରିଛନ୍ତି।



ଏଠାରୁ ପାଇପ ଯୋଗେ ଲିମପଡା ସମେତ ଲୁଧିପଡା, ଖଲିଆପଡାକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେବ। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପୁଷ୍ପା ମହାନନ୍ଦ, ସମିତି ସଭ୍ୟ ବେଣୁ ମହାନନ୍ଦ, ବିଜୟ ବେହେରା, ବିକ୍ରମ ସୁନା, ପ୍ରକାଶ ମହାନନ୍ଦ, ସାନେ ରଣା, ସୁଦର୍ଶନ ଭୋଇ, ତୀର୍ଥ ଭୋଇ, ଗୋପାଳ ରଣା, ପାଞ୍ଚାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ବିନେକେଲା ଠାରେ ନବନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟର ଉଦଘାଟନ କରିଥିଲେ। ଏହା ସହ ବ୍ଲକର ଗ୍ରାମାଞ୍ଚଳରେ ପ୍ରଥମ ସରକାରି ହାଇସ୍କୁଲ ମାନ୍ୟତା ପ୍ରାପ୍ତ ବିନେକେଲା ହାଇସ୍କୁଲରେ ଯୁକ୍ତ ଦୁଇ ପାଠ୍ୟକ୍ରମକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏନେଇ ପ୍ରଧାନଶିକ୍ଷକ ସୁରୁପ୍ରତାପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀଙ୍କ ଉଦ୍ୟମ କ୍ରମେ ଟିଟିଲାଗଡ ଗ୍ରାମାଞ୍ଚଳରେ ପ୍ରଥମ ସରକାରି ହାଇସ୍କୁଲରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ ନେଇ ମଧ୍ୟ ପ୍ରଥମ ହୋଇଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ତଥା ଗ୍ରାମର ବୟୋଜ୍ୟେଷ୍ଠ ମନ୍ତ୍ରୀଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ସିଆରସିସି ହରିହର ଶିକା, ସହକାରି ଶିକ୍ଷକ ସନ୍ଧ୍ୟାରାଣୀ ଦୋରା, ସଙ୍ଗିତା ସାହୁ, ଦନାର୍ଦ୍ଦନ ପାଣ୍ଡେ, ଚିନ୍ମୟୀ ମହାନନ୍ଦ, ମଧୁସ୍ମିତା ମାଝୀ, ରମେଶ ବାରିକ, ସୁବ୍ରତ ଓଲା, ବାବୁଲୁ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଯୁକ୍ତ ଦୁଇ ପାଇଁ ୧୨୮ଟି ସିଟ ରହିଥିବା ବେଳେ ୬୪ଟିରେ ପିଲା ସିଧାସଳଖ ନାମ ଲେଖାଇବା ବ୍ୟବସ୍ଥା ହୋଇଛି। ପରେ ସ୍ଥାନୀୟ ମଠ ପଡିଆରେ ଅନୁଷ୍ଠିତ କର୍ମି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଆର୍ଶିବାଦ ନେଇ ପୁର୍ବରୁ ଦୁର୍ଗମ ରହିଥିବା ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇପାରିଥିବା କହିଥିଲେ। ଉନ୍ଦେର ନଦୀରେ ସିରେକେଲା ଶାଗନାମୁଣ୍ଡା ମଧ୍ୟରେ ନୁତନ ପୋଲ ନିର୍ମାଣ ନେଇ ଅଞ୍ଚଳବାସୀ ସିଧାସଳଖ କଳାହାଣ୍ଡି ଜିଲା ସହ ନୁତନ ପଥ ଖୋଲିବ। ଏନେଇ ସଭାରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଟିକି ପୋଢ ଅଞ୍ଚଳବାସୀଙ୍କ ପକ୍ଷରୁ ମନ୍ତ୍ରୀଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଥିଲେ। ବ୍ଲକ ଅଧକ୍ଷା ସଂଯୁକ୍ତା ନାୟକ, ଜିଲା ପରିଷଦ ସଭ୍ୟା ଗିତା ବିଶି, ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଢ, ସରପଞ୍ଚ ଯାଜ୍ଞସେନୀ ସାହୁ, ସମିତି ସଭ୍ୟା ଗିତାଞ୍ଜଳି ନାଗ, ମାର୍ଲାଡ ସମିତି ସଭ୍ୟ ଶଙ୍କର ଛୁରା, ଗୟ ବରଗ୍ତି, ପ୍ରଦୀପ ସାହୁ, ଗିରିଶ ନାଗ, ଶତୃଘ୍ନ ରତେଇ, ଶଙ୍କର ପୋଢ, କୃଷ୍ଣଚନ୍ଦ୍ର ହାତୀ, ଡୋଲାମଣୀ ହେର୍ଣ୍ଣା, ଲକ୍ଷ୍ମଣ ସାହୁ, ଭୋଦେବ ମାଝୀ, କୃଷ୍ଣ ମାଝୀ, ଡୋଲାମଣୀ ହେର୍ଣ୍ଣା, ଲକ୍ଷ୍ମଣ ସାହୁ, ବଳରାମ ବାଗ, ତାରାଚନ୍ଦ ଆଡୟୁଆଡ, ରୋହିତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସାନ ରାଧାକାନ୍ତ ମଠରେ ମଲ୍ଲି ଝୁଲଣ ଅନୁଷ୍ଠିତ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ସାନ ରାଧା କାନ୍ତ ମଠ (ନୃସିଂହ ନାଥ )ମନ୍ଦିରରେ ଚୈତ୍ର ଶୁକ୍ଲ ଦଶମୀ ଦିନ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଛଅ ଦିନ ଧରି ମହନ୍ତ ମଦନ ଗୋପାଳ ଦାସ ଓ ମଧୁସୂଦନ ଦାସଙ୍କ ତତ୍ତ୍ୱାବାଧାନରେ ମଲ୍ଲି ଝୁଲଣ ଅନୁଷ୍ଠିତ ହୋଇ ଯାଇଛି। ରାଧାକାନ୍ତ ମହାପ୍ରଭୁ ଓ ନୃସିଂହ ନାଥ ମହାପ୍ରଭୁଙ୍କୁ ନେଇ ଝୁଲଣ ମନ୍ଦିର ପରିସରରେ ଚାଲିଛି। ବସନ୍ତ ଋତୁର ଆଗମନରେ ଧରା ପୃଷ୍ଠରେ ନୂତନ ପୁଷ୍ପ ପ୍ରସ୍ଫୁଟିତ ହୋଇଥାନ୍ତି ତନ ମଧ୍ୟରୁ ମଲ୍ଲିକା ପୁଷ୍ପ ସୌନ୍ଦର୍ଯ୍ୟ ଓ ସୁଗନ୍ଧ ।ଅନୁଭବ କରିବା ପାଇଁ ଶ୍ରୀ ଯୁଗଳ କିଶୋର ଙ୍କୁ ସଖୀ ମଞ୍ଜରି ମାନେ ମଲ୍ଲି ପୁଷ୍ପରେ ଦୋଳି ସଜାଇ ଉଭୟ ଯୁଗଳଙ୍କୁ ବିରାଜ ମାନ କରି ସେବାକାନ୍ତ କରିଥାନ୍ତି। ଉକ୍ତ ପରମ୍ପରା କୁ ଏହି ମଠରେ ଦୀର୍ଘ ୬୦ ବର୍ଷ ଧରି ପାଳନ କରାଯାଉଛି। ମଠର ମହନ୍ତ ମାନଙ୍କ ଦ୍ୱାରା ମଲ୍ଲିକା ଝୁଲଣ ଚାଲିଛି ଓ ଏହି ଝୁଲଣରେ ଭଜନ ସଂକୀର୍ତ୍ତନ ହେବା ସହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି।

## ସ୍ୱାଭିମାନ ଅଞ୍ଚଳର ପଣସପୁଟକୁ ବସ୍ ସେବା ଆରମ୍ଭ

ମାଲକାନଗିରି, (ହି.ସ.): ମାଲକାନଗିରିରୁ ସ୍ୱାଭିମାନ ଅଂଚଳର ପଣସପୁଟକୁ ଆଜି ବସ ସେବା ଆରମ୍ଭ ହୋଇଛି। ଆଜି ସକାଳୁ ସାଂସଦ ରମେଶ ମାଝୀ ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ବାଲିମେଳା ଛକ ଠାରେ ମାଲକାନଗିରିରୁ ପଣସପୁଟ ବସ ସେବାର ଉଦ୍ଘାଟନ କରିବା ପରେ ବସଟି ପଣସପୁଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତ ମାସ ୨୮ ତାରିଖ ଦିନ ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ନିମନ୍ତେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ହନ୍ତାଳଗୁଡ଼ା ଠାରେ ପହଂଚିଥିଲେ। ସେଠାରେ ସ୍ୱାଭିମାନ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସ୍ୱାଭିମାନ ଅଂଚଳବାସୀ ଆଉ ଏକ ସରକାରୀ ବସ୍ ମାଲକାନଗିରି ଠାରୁ ପଣସପୁଟ ଯାଏଁ ଚଳାଚଳ ନିମନ୍ତେ ଦାବି କରିଥିଲେ। ଦଶ ଦିନ ଭିତରେ ନିଶ୍ଚିତ ଆଉ ଏକ ବସ୍ ଆପଣଙ୍କ ଅଂଚଳକୁ ଚାଲିବ ବୋଲି ଫାଇଭ-ଟି ସଚିବ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବସ୍ ପ୍ରତିଦିନ ସକାଳ ୬ଟାରେ ମାଲକାନଗିରିରୁ ବାହାରି ଦିନ ୧୦ଟାରେ ପଣସପୁଟରେ ପହଂଚିବ ଏବଂ ସେଠାରୁ ଦିନ ୨ଟା ସମୟରେ ବାହାରି ସନ୍ଧ୍ୟା ୭ଟାରେ ମାଲକାନଗିରିରେ ପହଂଚିବ। ଏହି ବସ୍ ସେବା ଆରମ୍ଭ ହୋଇଥିବାରୁ ଅଂଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ଜିଲ୍ଲା କାର୍ଯ୍ୟାଳୟ ଠାରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ

ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଏରେଦେଲା ସାହି ଠାରେ ଥିବା ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଜିଲ୍ଲା ବିଜେପି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜ଼ିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର କହିଥିଲେ ଯେ ମହାନ ରାଷ୍ଟ୍ର ନାୟକ ବା ମହାପୁରୁଷ ଜନସଂଘର ପ୍ରତିଷ୍ଠାତା ଦୀନ ଦୟାଲ ଉପାଧ୍ୟାୟ ଓ ଡ଼ଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ମାର୍ଗ ଦର୍ଶନ ରେ ପ୍ରଭାବିତ ହୋଇ କିଭଳି ବିଜେପି ୧୯୮୦ମସିହା ଏପ୍ରିଲ ଛ ତାରିଖରେ ଜନ୍ମ ନେବା ସହ ବିଜେପି ର ପ୍ରତିଷ୍ଠାତା ଭାରତ ରତ୍ନ ଅଟଳ ବିହାରୀ ବାଜପାୟୀ ଓ ଏ ଯୁଗର ଲୌହ ମାନବ ଲାଲକୃଷ୍ଣ ଆଡ଼ଭାନୀ କିଭଳି ଶତ ଝଡ଼ ଝଞ୍ଜାର ସମ୍ମୁଖୀନ ହୋଇ ଭାରତ ର ପରିଚୟ ପୁଣି ଥରେ ସମଗ୍ର ବିଶ୍ୱରେ କିଭଳି କାୟା ବିସ୍ତାର କରିଛି ସେ ଉପରେ ବର୍ଣ୍ଣନା କରିଥିଲେ। ତାଙ୍କ ଉତ୍ତରଧାକାରୀ ମୋଦିଜୀ ବର୍ତମାନ କିଭଳି ସର୍ବୋଚ୍ଚ ଲୋକପ୍ରିୟତା ବଜାୟ ରଖିଛନ୍ତି ସେଥି ଉପରେ ଆଲୋକପାତ କରିଥିଲେ।ଉକ୍ତ ଦିବସରେ ଅନ୍ୟ ମାନଙ୍କ ମଧ୍ୟରେ ଅନ୍ୟତମ ସାଧାରଣ ସମ୍ପାଦକ ଆଇ ପ୍ରଶାନ୍ତ,ଜ଼ିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ,ମହିଳା ମୋର୍ଚ୍ଚା ସଭାପତି ଅରୁଣିମା ସାହୁ, ଗୋଶାଣୀ ସମିତି ସଭ୍ୟ ଜି. ଶ୍ରୀଧର ନାଇଡୁ, ପୂର୍ବତନ ଲ. ସୀତାପୁର ସରପଞ୍ଚ ଡ଼ି ରାଜେଶ, ଗତ ପୌର ନିର୍ବାଚନରେ ଆଧକ୍ଷା ଭାବେ ପ୍ରତିଦ୍ୱନ୍ଦିତା କରିଥିବା ରାଜେଶ୍ୱରୀ ଆମ୍ମାଙ୍କ ସହ ଅନେକ ମଣ୍ଡଳ ଓ ଜ଼ିଲ୍ଲା ସ୍ତରୀୟ କାର୍ଯ୍ୟକର୍ତ୍ତା ଉକ୍ତ ପ୍ରତିଷ୍ଠା ଦିବସରେ ଭାଗ ନେଇଥିଲେ।



## ଗ୍ରାମୀଣ ମହିଳାଙ୍କ ପାଇଁ ପନିପରିବା ନର୍ସରୀ ପରିଚାଳନା ତାଲିମ

ବଲାଙ୍ଗିର, (ହି.ସ.): ଗ୍ରାମୀଣ ସ୍ୱରୋଜଗାରର ପ୍ରଶିକ୍ଷଣ ସଂସ୍ଥାନ ବଲାଙ୍ଗୀର ୩୫ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ପନିପରିବା ନର୍ସରୀ ପରିଚାଳନା ଏବଂ ଚାଷ ଉପରେ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧୦ ରୁ ୧୯, ୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏବଂ ପନିପରିବା ଚାଷର ଉଭୟ ତତ୍ତ୍ୱ ତଥା ବ୍ୟବହାରିକ ପଦ୍ଧତିକୁ ଅନ୍ତର୍ଭୁକ୍ତ କରିଥିଲା। ଏହି ପ୍ରଶିକ୍ଷଣକୁ ସରପଂଚ ଉଦଘାଟନ କରିଥିଲେ ଏବଂ ଜୟ ହନୁମାନ, ପାର୍ବତୀ, ପ୍ରତୀକ, ସରସ୍ୱତୀ, କୃଷ୍ଣ ଗୁରୁ, ତୁଳାସୀ, ମା ବୈଷ୍ଣବୀ ଷ୍ଣବୀ, ଏବଂ ପ୍ରଭାତୀ ଭଳି ସ୍ୱୟଂ ସହାୟକ ଗୋଷ୍ଠୀ ର ଅଂଶଗ୍ରହଣ ଦେଖିଥିଲେ। ଏହି ପ୍ରଶିକ୍ଷଣର ସ୍ଥାନ ହେଉଛି ହନୁମାନ ମନ୍ଦିର ନିକଟରେ ଥିବା ଚିକାଲବାହାଲ୍ ଯୁଥ୍ କ୍ଲବ୍ ଏବଂ ଏହା ଚିକଲବାହାଲ୍ ଭିଏସ୍ଏସ୍ ଅଧୀନରେ ପରିଚାଳିତ ହେଉଛି । ଏହି କାର୍ଯ୍ୟକ୍ରମଟି ଅଂଶଗ୍ରହଣକାରୀମାନଙ୍କୁ ଉଚ୍ଚମାନର ପନିପରିବା ଉତ୍ପାଦନ ପାଇଁ ଆବଶ୍ୟକ ଜ୍ଞାନ ଏବଂ କୌଶଳ ସହିତ ସଜାଇବା ପାଇଁ ଲକ୍ଷ୍ୟ ରଖିଛି । ସେମାନେ ଭର୍ମିକମ୍ପୋଷ୍ଟର ବ୍ୟବହାର ଏବଂ ପନିପରିବା ନର୍ସରୀଗୁଡ଼ିକର ସଠିକ୍ ପରିଚାଳନା ବିଷୟରେ ଜାଣିଲେ। ଏଥିସହ, ପ୍ରଶିକ୍ଷଣ ସ୍ଥାନଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ ସାଉନ୍ତମୁଣ୍ଡା ଏବଂ ପ୍ରତାପୁରକୁ ଏକ ଏକ୍ସପୋଜର ପରିଦର୍ଶନ, ଅଂଶଗ୍ରହଣକାରୀ ମାନଙ୍କୁ ପନିପରିବା ଚାଷ ବିଷୟରେ ପ୍ରଥମ ଜ୍ଞାନ ଆହରଣ କରିବାରେ ସାହାଯ୍ୟ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ କେବଳ ଗ୍ରାମାଂଚଳର ମହିଳାମାନଙ୍କ ପାଇଁ ଚାକିରି ସୁଯୋଗ ସୃଷ୍ଟି କରିବ ନାହିଁ ବରଂ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ ଏବଂ ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧିରେ ସହାୟକ ହେବ।

## ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର, ଡାକ୍ତରଖାନାରେ ଚିକିତ୍ସିତ

ପାଟଣାଗଡ (ପିପିଏସ୍): ପାଟଣାଗଡ ନିକଟରେ ଥିବା ଟିଙ୍ଗେରବନ୍ଧ ଗ୍ରାମର ହୃର୍ଷି ପଟେଲ ନାମକ ଜଣେ ୫୫ ବର୍ଷୀୟା ବ୍ୟକ୍ତି ଜାଳେଣି କାଠ ସଂଗ୍ରହ କରିବାକୁ ଯାଇ ନିଜ ସାଇକେଲରେ ଟିଙ୍ଗେରବନ୍ଧକୁ ଫେରୁଥିବା ସମୟରେ ଏକ ଅଜଣା ଗାଡି ଧକ୍କା ଦେବାରୁ ନିଜ ଗୋଡରେ ଆଘାତ ଲାଗି ଗୋଡ ଛିଣ୍ଡି ଯାଇଥିବାରୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ରେ ପାଟଣାଗଡ ଡାକ୍ତରଖାନାକୁ ଆଣି ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗିର ଭୀମଭୋଇ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛ । ଖବର ପାଇ ପାଟଣାଗଡ ଉପଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ତୁରନ୍ତ ପାଟଣାଗଡ ତହସିଲଦାର ଲକ୍ଷ୍ମଣ ମାଝୀଙ୍କୁ ଡାକ୍ତରଖାନା ପଠାଇ ଉକ୍ତ ପରିବାରକୁ ରେଡ କ୍ରସ ତରଫରୁ ୫ହଜାର ଟଙ୍କା ସାହାର୍ଯ୍ୟ ପ୍ରଦାନ କରିଥିଲେ । ଉପଜିଲ୍ଲାପାଳଙ୍କ ଏଭଳି ମହାନତା ପାଇ ଲୋକେ ପ୍ରସଂଶା କରିଛନ୍ତି।



# ନାବାଳିକା ଛାତ୍ରୀଙ୍କୁ ଶିକ୍ଷକଙ୍କ ଦୁଷ୍କର୍ମ ଉଦ୍ୟମ, ଥାନାରେ ଅଭିଯୋଗ

ପାଟଣାଗଡ, (ପିପିଏସ୍): ଗୁରୁ-ଶିଷ୍ୟର ପବିତ୍ର ସଂପର୍କରେ ପୁଣିଥରେ ଲାଗିଛି କଳଙ୍କର ଦାଗ । ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ସହ ଦୁଷ୍କର୍ମ କରିବା ଉଦ୍ୟମ ଏବଂ ଘଟଣାକୁ ପ୍ରକାଶ କଲେ ଜୀବନରେ ମାରିଦେବା ଧମକ ଦେଇଥିବା ଭଳି ଏକ ଗୁରୁତର ଘଟଣା ଘଟିଛି ଏହି ଅଞ୍ଚଳରେ ।



ତେବେ ପୀଡିତା ଛାତ୍ରୀଙ୍କ ଅଭିଭାବକ ଏ ସଂପର୍କରେ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ଶିକ୍ଷକଙ୍କୁ ଧରି ଆଣି ଅଧିକ ପଚରା ଉଚୁରା ଆରମ୍ଭ କରିଛି ପୁଲିସ । ପ୍ରକାଶ ଯେ, ବ୍ଲକ ଅନ୍ତର୍ଗତ ଖଲିଆ ଗ୍ରାମର ଜନୈକ ୧୫ ବର୍ଷୀୟା ନାବାଳିକା ଯୋଗୀମୁଣ୍ଡା ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢନ୍ତି । ଗତ ୨୮ ତାରିଖ ଦିନ ଉକ୍ତ ବିଦ୍ୟାଳୟର ଶିକ୍ଷକ ସତ୍ୟନାରାୟଣ ନାଏକ(୪୨) ପୁସ୍ତକ କିଣି ଦେବା ଆଳ ଦେଖାଇ ଛାତ୍ରୀ ଜଣକୁ ନିଜ ସହ ମୋଟର ସାଇକେଲରେ ବସିବା ପାଇଁ ବାଧ କରିଥିଲେ । ଗୁରୁଙ୍କ ଆଦେଶକୁ ଅବଜ୍ଞା କରି ନ ପାରି ଛାତ୍ରୀ ଜଣକ ବାଧ ହୋଇ ତାଙ୍କ ମୋଟର ସାଇକେଲରେ ବସିଥିଲା । ତେବେ ମୁଖ୍ୟ ରାସ୍ତାକୁ ଛାଡି ଶିକ୍ଷକ ସତ୍ୟନାରାୟଣ ନିଛାଟିଆ ଜଙ୍ଗଲୀ ରାସ୍ତାକୁ ମୋଟର ସାଇକେଲ ମୁହାଁଇଥିଲେ । କେବଳ ସେତିକି ନୁହେଁ ଏକ ଜଙ୍ଗଲ ମଧ୍ୟରେ ନିଛାଟିଆ ଜାଗା ଦେଖି କାମୁକ ଶିକ୍ଷକ ଜଣକ ବାଇକ ରଖି ଛାତ୍ରୀଙ୍କ ସହ ଅସଦାଚରଣ କରିଥିଲେ । ପରେ ପରେ ଶିକ୍ଷକ ଜଣକ ଦୁଷ୍କର୍ମ ପାଇଁ ଉଦ୍ୟମ ଆରମ୍ଭ କରିବା ମାତ୍ରେ ଛାତ୍ରୀ ଜଣକ ଜୋରରେ ଚିତ୍କାର କରିବା ପରେ ଶିକ୍ଷକ ସତ୍ୟନାରାୟଣ ଉକ୍ତ ସ୍ଥାନ ଛାଡି ଫେରାର ମାରିଥିଲେ । ଲାଜ ତଥା ଜୀବନ ଭୟରେ ନୀରିହା ଛାତ୍ରୀ ଜଣକ ଏ ବିଷୟରେ କାହାରିକୁ କିଛି କହିଲା ନାହିଁ ସତ, କିନ୍ତୁ ସେ ଆଉ ବିଦ୍ୟାଳୟ ଯିବାକୁ ରାଜି ହେଲା ନାହିଁ । ଅନ୍ୟପଟେ ଝିଅଟିର ମା-ବାପା ତାକୁ ବିଦ୍ୟାଳୟ ଯିବାକୁ ବାଧ କରିବାରୁ ସେ ସେମାନଙ୍କ ଆଗରେ ସମସ୍ତ ଘଟଣା ବର୍ଣ୍ଣନା କରିଥିଲା । ଆଜି ଝିଅର ବାପା ଏ ସଂକ୍ରାନ୍ତରେ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପାଟଣାଗଡ ପୁଲିସ ଶିକ୍ଷକ ଜଣକ ରହୁଥିବା ଲାଇନପଡାସ୍ଥିତ ଭଡାଘରେ ଚଢଉ କରି ଅଭିଯୁକ୍ତ ଶିକ୍ଷକ ସତ୍ୟନାରାୟଣଙ୍କୁ ଥାନାକୁ ନେଇ ଆସି ପଚରା ଉଚୁରା ଆରମ୍ଭ କରିଛନ୍ତି । ଏ ସଂକ୍ରାନ୍ତରେ ପାଟଣାଗଡ ଥାନାରେ ଭାରତୀୟ ପିଙ୍ଗଳ କୋଡ ଧାରା ୩୭୬, ୫୧୧, ୫୦୬ ଏବଂ ୮ ପକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି । ତେବେ ଅଭିଯୁକ୍ତକୁ ବଲାଙ୍ଗିର କୋର୍ଟ ଚାଲାଣ କରାଯାଇଥିବା ପାଟଣାଗଡ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି ।

## ଘୁନସର ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା —

# ଚିକିତ୍ସାଧୀନ ଅବସ୍ଥାରେ ଚାଳକ ମୃତ, ୨ ଗୁରୁତର






ଖପ୍ରାଖୋଲ, (ପିପିଏସ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଲାଠୋର ରାସ୍ତାର ଘୁନସର ଛକ ନିକଟ ବୁଲାଣିରେ ଗତ ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ଗାଡି ଚାଳକଙ୍କର ମୃତ୍ୟୁ ହୋଇଥିବା ଜାଣିବାକୁ ମିଳିଥିବା ବେଳେ ଗାଡିରେ ବସିଥିବା ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗୁରୁବାର ଅପରାହ୍ନ ୪ଟା ସମୟରେ ଲାଠୋରର ଉମେଶ ଦତ୍ତ (୨୬) ଏବଂ ତାଙ୍କର ଦୁଇସାଙ୍ଗ ଇନ୍ଦ୍ର ମେହେର(୨୬), ଟୁନୁ ଅଗ୍ରୱାଲ(୨୫) ଓଡି-୨୬-ଏଫ-୭୯୪୮ ସୁଜ୍କି ପ୍ରେସୋ ଗାଡିରେ ହରିଶଙ୍କରରୁ ଲାଠୋରକୁ ଫେରୁଥିଲେ । ଗାଡିଟି ଦ୍ରୁତ ଗତିରେ ଯାଉଥିବା ବେଳେ ଘୁନସର ଛକଠାରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣପଟରେ ଥିବା ଏକ ନିମ୍ବ ଗଛରେ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ, ଗାଡିରେ ଲାଗିଥିବା ସୁରକ୍ଷା ବେଲୁନ ଫାଟିଯିବା ସହିତ ଗାଡି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଥିଲା । ଗାଡି ଚାଳକ ଗାଡି ଭିତରେ ଚାପି ହୋଇ ରହିଯାଇଥିଲେ । ସ୍ଥାନୀୟ ସ୍ୱେଚ୍ଛାସେବୀ ପ୍ରବୀଣ ଅଗ୍ରୱାଲ ସ୍ଥାନୀୟ ଲୋକଙ୍କ ସହଯୋଗରେ ଗାଡି ଭିତରୁ ଚାଳକଙ୍କ ସମେତ ଗାଡି ପଛ ସିଟ୍‌ରେ ବସିଥିବା ଦୁଇଜଣ ବନ୍ଧୁଙ୍କୁ ଉଦ୍ଧାର କରିଥିଲେ । ଗାଡି ଚାଳକଙ୍କ ମୁଣ୍ଡ, ହାତ, ଗୋଡରେ ଗଭୀର ଆଘାତ ଲାଗିବା ସହିତ ଫୁସ୍ ?ଫୁସ୍ ? କଣା ହୋଇ ରକ୍ତ ବାହାରିଥିଲା । ଗାଡି ପଛରେ ବସିଥିବା ଲାଠୋରର ପ୍ରଦୀପ ଅଗ୍ରୱାଲଙ୍କ ପୁଅ ଟୁନୁ ଅଗ୍ରୱାଲ ଏବଂ ପିପଲବାହାଲ ଗ୍ରାମର ଶତ୍ରୁଘ୍ନ ମେହେରଙ୍କ ପୁତ୍ର ଇନ୍ଦ୍ର ମେହେର ଗୁରୁତର ଥିବା ବେଳେ ତାଙ୍କୁ ଖପ୍ରାଖୋଲ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଇଥିଲା । ଉମେଶଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଚିକିତ୍ସାଧିନ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା ।ଅନ୍ୟ ପକ୍ଷରେ ଦୁଇବନ୍ଧୁ ଟୁନୁ ଏବଂ ଇନ୍ଦ୍ରଙ୍କର ଗୋଡ ଭାଙ୍ଗିଯିବା ସହିତ ମୁହଁ, ମୁଣ୍ଡ ଏବଂ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି । ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ଏବଂ ପୋଲିସ ଟିମ ଏବଂ ପରେ ଅଗ୍ନିଶମ ଦଳ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କୁ ଖପ୍ରାଖୋଲ ଡାକ୍ତରଖାନାକୁ ପଠାଇବାର ବ୍ୟବସ୍ଥା କରିଥିଲେ । ପରେ ଲାଠୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କର ତଥ୍ୟ ନେଇଥିଲେ । ପରେ ଗୁରୁତର ଥିବା ଇନ୍ଦ୍ର ଏବଂ ଟୁନୁଙ୍କୁ ରାୟପୁର ଏବଂ ନୂଆପଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ମୃତ ଉମେଶ ଦତ୍ତ ଲାଠୋର ଗ୍ରାମର ଭୁବନେଶ୍ୱର ଦତ୍ତଙ୍କ ପୁଅ ବୋଲି ଜାଣିବାକୁ ମିଳିଛି । ଉମେଶଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଜମି ରେଜିଷ୍ଟ୍ରିକରଣ ପାଇଁ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବଲାଙ୍ଗିର, (ହି.ସ.): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକ ତହସିଲ୍ କାର୍ଯ୍ୟାଳୟରେ ଜମି ରେଜିଷ୍ଟ୍ରିକରଣ ସକାଶେ ଆଜି ଏକ ନୂତନ କାର୍ଯ୍ୟାଳୟ ଉଦଘାଟନ ହୋଇଯାଇଛି। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଆଗଲପୁର ତହସିଲଦାର ସୁଶ୍ରୀ ସରୋଜା ବେହେରା ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହ ଫିତା କାଟିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟାଳୟ ହେବାଦ୍ୱାରା ଲୋକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ଆଗଲପୁରର ନାଗରିକ କମିଟି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ରାଜସ୍ୱ ସହାୟକ ତୁକୁ ଦୀପ, ଡାଟା ଏଂଟ୍ରି ଅପରେଟର ପ୍ରଶନଜିତ ସାମଲ, ଉପ ବିଭାଗ ଅଧିକାରୀ ଲମ୍ବୋଦର ଭୋଇ ଓ କନିଷ୍ଠ ରାଜସ୍ୱ ସହାୟକ ନିଳମାଧବ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଜମିଜମା ଓ ବିବାହ ସମ୍ବନ୍ଧୀୟ ରେଜିଷ୍ଟ୍ରି ଏଠାରେ ହୋଇପାରିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ସପ୍ତାହକୁ ୩ ଦିନ ଯଥା ଗୁରୁବାର, ଶୁକ୍ରବାର ଓ ଶନିବାର ଦିନ ରେଜିଷ୍ଟ୍ରି ହେବ ବୋଲି ପ୍ରକାଶ କରିଛନ୍ତି।

## ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ଝାରସୁଗୁଡ଼ାରେ ୩୮.୫ ଡ଼ିଗ୍ରୀ

ଝାରସୁଗୁଡ଼ାରେ (ହି.ସ.): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ଝାରସୁଗୁଡ଼ାରେ ୩୮.୫ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଜଗତସିଂହପୁରରେ ୧୯.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୭.୮ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୫.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି। କଟକରେ ସର୍ବୋଚ୍ଚ ତାପମାତ୍ରା ୩୭.୦ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୫.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆଜି ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।


GOVERNMENT OF ODISHA,
PANCHAYATIRAJ & D.W. DEPARTMENT
OFFICE OF THE PANCHAYAT SAMITI,
BIRIDI, JAGATSINGHPUR
E-mail - ori-biridi@nic.in
"e" Procurement Notice No.BDO-BIRIDI-PS-02/2022-23

| | | | |
|---|---|---|---|
| 1 | Total No. of Work | : | 01 (one) No. |
| 2 | Tender Cost (Approx.) | : | Rs.30.88 Lakh |
| 3 | Tender paper Cost | : | Rs.6,000/- (On-line payment) (Non-refundable) |
| 4 | Bid Security | : | 1% of BID value (On-line payment) |
| 5 | Class of Contractor | : | 'C' & 'B' Class Contractor |

5. Other details are as follows.

| Procurement Officer | Bid Identification No. | Availability of Tender | | Date & Time of opening of BID. | Place of opening of Bid |
|---|---|---|---|---|---|
| | | From | To | | |
| BLOCK DEVELOPMENT OFFICER, BIRIDI | BDO-BIRIDI-PS-02 / 2022-23 | 10.04.2023 at 10.00 Hours | 24.04.2023 at 17.00 Hours | 25.04.2023 upto 5.00 PM during office hours | O/o the Panchayat Samiti, Biridi |

Further details can be seen from the Govt. web site "https://tendersodisha.gov.in"

Sd/-
BLOCK DEVELOPMENT OFFICER
BIRIDI

i-36 OIPR-19221/11/0001/2324

*ଭୋଟ ପାଇଯାଇ ମନ୍ତ୍ରୀ ହୋଇଗଲେ ଲୋକଶାସନ ହୁଏନାହିଁ । ଶାସନର ପ୍ରତି କ୍ଷେତ୍ରରେ କଅଣ ହେଉଛି ଓ କେଉଁଠି କଅଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ ।*

**(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)**

**-ଡକ୍ଟର ହରେକୃଷ୍ଣ ମହତାବ**


# ପ୍ରଜାତନ୍ତ୍ର

**ତା ୮।୪।୨୦୨୩ ■ ଶନିବାର**


## ସପ୍ତାହାନ୍ତ ବିଚାର

# କିପରି ରୋକିଛି ରୁଷକୁ ୟୁକ୍ରେନ

ରୁଷ-ୟୁକ୍ରେନ ଯୁଦ୍ଧ ହେବା ଇତିମଧ୍ୟରେ ୪୦୦ ଦିନ ବିତିଗଲାଣି । ତେବେ ଗୋଟିଏ ପ୍ରଶ୍ନ ଦୁନିଆସାରା ଲୋକଙ୍କ ମନକୁ ମନ୍ଥିଚାଲିଛି ଯେ ଶକ୍ତିଶାଳୀ ରୁଷ ସେନାକୁ ୟୁକ୍ରେନ କିପରି ଭାବେ ଏତେ କଡ଼ା ଜବାବ ଦେଇଚାଲିଛି ? ଇଉରୋପ-ଆମେରିକାଠାରୁ ୟୁକ୍ରେନକୁ ସହାୟତା ମିଳୁଛି, ତାହା ସମସ୍ତଙ୍କୁ ଜଣା । ତାହା ଅସ୍ତ୍ରଶସ୍ତ୍ର ହେଉ କି ଗୋଳାବାରୁଦ ସବୁକିଛି ସେଠାରୁ ପହଞ୍ଚାଯାଉଛି । କିନ୍ତୁ ଯଦି ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର ବଳରେ ଯୁଦ୍ଧ ଜିତାଯାଇପାରନ୍ତା, ତେବେ ରୁଷ କେବେଠାରୁ ଜିତିଯାଇ ସାରନ୍ତାଣି । ଅସଲରେ, ରୁଷ-ୟୁକ୍ରେନ ଯୁଦ୍ଧ ବିଶ୍ୱର ସାମରିକ ରଣନୀତିକ ବିଶେଷଜ୍ଞଙ୍କୁ ଯୁଦ୍ଧ ରଣନୀତିକୁ ନୂଆ ପ୍ରକାରେ ପରିଭାଷିତ କରିବା ଲାଗି ବାଧ୍ୟ କରିଛି ।

ଇତିହାସ ସାକ୍ଷୀ ଅଛି କିପରି ମାନବତା ସାମ୍ନାରେ ଯୁଦ୍ଧ ବିଦ୍ରୋହ ଅନେକ ସତ୍ୟ ଉପସ୍ଥାପନ କରିଛି, ଯାହା ସଂପର୍କରେ କେହି କେବେ କଳ୍ପନା ବି କରିପାରିନଥିଲେ । ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟ ନୂଆ ଉଦାହରଣ ଗଢ଼ିଚାଲିଛି । ପ୍ରଥମ ଦୃଷ୍ଟିରେ ସ୍ପଷ୍ଟ ନଜରକୁ ଆସୁଛି ଯେ ରୁଷ ସେନାର ଅଗ୍ରଗତିକୁ ୟୁକ୍ରେନ ସାଂଘାତିକଭାବେ ବାଧା ଦେବାକୁ ସକ୍ଷମ ହୋଇଛି, ଯାହାକି ରାଜଧାନୀ କୀଭ୍ ଲଢ଼େଇ କାଳରେ ଖୋଲାଖୋଲି ଭାବେ ସାମ୍ନାକୁ ଆସିଛି । ୟୁକ୍ରେନୀୟ ସେନା ନିଜର ଗତିଶୀଳତାକୁ ସବୁଠାରୁ ବଡ଼ ହତିଆର ଭାବେ ବ୍ୟବହାର କଲା । ସାମରିକ ଘେରାବନ୍ଦୀ ହେଉ କି ଯୁଦ୍ଧ ସଂରଞ୍ଜାମର ଅଭାବ, ରୁଷ ସେନା ବିଶେଷକରି ତା'ର ଟ୍ୟାଙ୍କ ଗୋଟିଏ ଜାଗାରେ କି ଏକ ଛୋଟ ଅଞ୍ଚଳରେ ଅଟକି ରହିବାକୁ ବାଧ୍ୟ ହୋଇଗଲା । ଫଳରେ, ୟୁକ୍ରେନ ସେନା, ତାହାର କ୍ଷେପଣାସ୍ତ୍ର ବା ମିସାଇଲ ଓ ତାହାର ଡ୍ରୋନ୍ ଆକ୍ରମଣ ଦ୍ୱାରା ରୁଷ ସେନା ଓ ତା'ର ଟ୍ୟାଙ୍କକୁ ସହଜରେ ଟାର୍ଗେଟ ହୋଇପାରିଲା । ଏ ଯୁଦ୍ଧରେ ରୁଷ ସେନାର ରଣନୀତିରେ ଥିବା ତ୍ରୁଟି ସବୁ ସାମ୍ନାକୁ ଆସିଛି ।

ଆରମ୍ଭରୁ ରୁଷର ଲକ୍ଷ୍ୟ ଥିଲା ପୂରା ୟୁକ୍ରେନକୁ ଦଖଲକୁ ନେବ, ଅର୍ଥାତ୍ ସବୁ ଅଞ୍ଚଳରେ ତାହା ପହଞ୍ଚାଇବା ଲାଗି ସୈନ୍ୟ ପରିଚାଳନା କରାଯାଇଥିଲା ଯାହା ପାଇଁ ସମ୍ଭବତଃ ରୁଷ ସେନା ପ୍ରସ୍ତୁତ ନଥିଲା, ତେଣୁ ବିକ୍ଷିପ୍ତ ହୋଇଗଲା । ରଣନୀତି ମାମଲାର ବିଶେଷଜ୍ଞ ପ୍ରଫେସର ଫିଲପ୍ସ ଓବ୍ରାୟାନ ଦ୍ୱିତୀୟ ବିଶ୍ୱଯୁଦ୍ଧର ସାମରିକ ରଣନୀତିକୁ ଗମ୍ଭୀରତାର ସହ ଅଧ୍ୟୟନ କରିଛନ୍ତି । ୟୁକ୍ରେନ ଯୁଦ୍ଧ ସଂପର୍କରେ ସେ କହନ୍ତି, ଏୟାର ସୁପରମେସୀ, ଅର୍ଥାତ୍ ଯୁଦ୍ଧକ୍ଷେତ୍ରରେ ରୁଷୀୟ ପ୍ରଭାବକୁ ଅକାମୀ କରିଦେବା ୟୁକ୍ରେନ ଲାଗି ଅତ୍ୟନ୍ତ ଫାଇଦା ହୋଇଛି । ରୁଷର ବିଶାଳ ବାୟୁସେନା ଲାଗି ୟୁକ୍ରେନ ଭିତରେ ଯାଇ ଆକ୍ରମଣ କରିବା ଆଦୌ କଷ୍ଟକର ବ୍ୟାପାର ହେବା କଥା ନଥିଲା, କିନ୍ତୁ ୟୁକ୍ରେନର ପ୍ରସ୍ତୁତି ରୁଷୀୟ ବାୟୁସେନାକୁ ଆଦୌ ଖୋଲାଖୋଲି ଭାବେ ଆକାଶରେ ଉଡ଼ିବାକୁ ହିଁ ଦେଲାନାହିଁ । ଏହା ପଛରେ ଥିବା ଅନେକ କାରଣ ମଧ୍ୟରୁ ସବୁଠାରୁ ବଡ଼ କାରଣ ହେଉଛି, ବିଭିନ୍ନ ପ୍ରକାରର ସୈନ୍ୟ ପ୍ରଣାଳୀ । ଯେପରିକି 'ଫିକ୍ସଡ ଉଇଙ୍ଗ' ମିଗ ବିମାନର ବ୍ୟବହାର, ଯାହାକି ୟୁକ୍ରେନ ପାଖରେ ସଂଖ୍ୟା ଦୃଷ୍ଟିରୁ କମ୍ ଥିଲେ ମଧ୍ୟ, ତାହା ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହେଲା ।

ୟୁକ୍ରେନ ରଣନୀତିରେ ଉନ୍ନତ ଏଣ୍ଟିଏୟାର ସିଷ୍ଟମ ସହ କାନ୍ଧରେ ରଖି ଚଳାଯାଇପାରୁଥିବା 'ଷ୍ଟିଙ୍ଗର ମିଶାଇଲ'ର ବଡ଼ ଭୂମିକା ରହିଛି, ଯାହାକି ଢେର ଅଧିକ ସଂଖ୍ୟାରେ ତା' ନିକଟରେ ମହଜୁଦ ଅଛି । ଇଏ ହେଉଛି ସେଇ ଷ୍ଟିଙ୍ଗର ମିଶାଇଲ, ଯାହାକି ୧୯୮୦ ଦଶନ୍ଧିରେ ତତ୍କାଳୀନ ସୋଭିଏତ ସେନାକୁ ଆଫଗାନିସ୍ଥାନ ଛାଡ଼ି ଚାଲିଯିବାକୁ ବାଧ୍ୟ କରିଥିଲା । ଏପରିସ୍ଥିତିରେ ରୁଷର ଯୁଦ୍ଧବିମାନ ପ୍ରାରମ୍ଭିକ ଆକ୍ରମଣରେ ସଫଳ ହୋଇଥିଲା ସତ, କିନ୍ତୁ ତାହା ଏବେ ଆଉ ଏତେ ସଫଳ ହେଉନାହିଁ । ଭୂଇଁ ଉପରେ ଲଢ଼େଇ କଥା ଯଦି କୁହାଯାଏ ତେବେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ରୁଷ ସେନା ୟୁକ୍ରେନ୍ ସହରମାନଙ୍କୁ ପୂରା ନିଜ ଦଖଲକୁ ନେଇପାରି ନାହିଁ, ଯେଉଁ କାରଣରୁ ତାହାର ସେନାକୁ ସଞ୍ଚାର ଓ ରସଦ ମିଳିବାରେ ବହୁମାତ୍ରାରେ ଅସୁବିଧା ଭୋଗ କରିବାକୁ ପଡୁଛି । ରୁଷ ସେନାର ବଡ଼ ବିଫଳତା ଭିତରେ ଗୋଟିଏ ହେଉଛି, ତାହା ମୁଖ୍ୟସଡ଼କ ଉପରକୁ ଆସି ଫସିଯାଇଛି । ରୁଷସୈନ୍ୟମାନେ ସଡ଼କ ପଥରେ ୟୁକ୍ରେନରେ ପହଞ୍ଚିଗଲେ ଅବଶ୍ୟ, କିନ୍ତୁ ନିଜ ଲାଗି ସୁରକ୍ଷିତ ଆଶ୍ରୟ ଖୋଜି ପାଇପାରି ନାହାନ୍ତି । ତାଙ୍କ ଉପରକୁ ସବୁଦିଗରୁ ଆକ୍ରମଣ କରାଯାଉଛି । ସାମରିକ ମାମଲାରେ ଆମେରିକା ବିଶେଷଜ୍ଞ ପ୍ରଫେସର ବେଞ୍ଜାମିନ ଜେନସେନଙ୍କ ଅଧ୍ୟୟନ ଅନୁସାରେ ସଂପ୍ରତି ୟୁକ୍ରେନ-ରୁଷ ସଂଘର୍ଷରେ ଶତ୍ରୁର ସଠିକ୍ ସ୍ଥିତି ଜାଣିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଥିବା ବେଳେ ୟୁକ୍ରେନୀୟ ସୈନିକଙ୍କୁ ଆମେରିକାର ଗୋଇନ୍ଦା ଉପଗ୍ରହରୁ ସୂଚନା ମିଳୁଛି, ଯାହା ସିଧା ଭୂଇଁ ଉପରେ ଆକ୍ରମଣ କରୁଥିବା ୟୁକ୍ରେନୀୟ ସୈନିକଙ୍କ ଯାଏ ରିଏଲଟାଇମରେ ପହଞ୍ଚିପାରୁଛି । ଏହାଫଳରେ ରୁଷ ସେନାକୁ ଭୁଲ କରିବା ପାଇଁ ୟୁକ୍ରେନୀୟ ସୈନ୍ୟମାନେ ବାଧ୍ୟ କରାଇ ଅନେକ ସମୟରେ ତାଙ୍କୁ ଘେରିକରି ଆକ୍ରମଣ କରୁଛନ୍ତି । ପ୍ରଫେସର ଜେନେସେନଙ୍କ ମୁତାବକ ୟୁକ୍ରେନର ଜେନେରାଲ ଉନବିଂଶ ଶତାବ୍ଦୀର ସାମରିକ କୌଶଳ ଆପଣାଇଛନ୍ତି, ଯାହା ନେପୋଲିୟନ ତାଙ୍କ ଶତ୍ରୁଙ୍କ ବିରୋଧରେ ଗ୍ରହଣ କରୁଥିଲେ । ଏହି କୌଶଳ ଶତ୍ରୁଙ୍କୁ ଏକାଠି ହେବାକୁ ଦିଏନାହିଁ । ଫଳରେ ରୁଷ ପାଖରେ ଅସ୍ତ୍ରଶସ୍ତ୍ର ଅଧିକ ଥିବା ସତ୍ତ୍ୱେ ବି ଏକାସାଙ୍ଗରେ ଆକ୍ରମଣ କରିପାରୁ ନାହିଁ । ୟୁକ୍ରେନର ସୈନିକମାନେ ତାଙ୍କୁ ଷ୍ଟ୍ରିଟ୍ ଫାଇଟ୍‌ରେ ବ୍ୟାପୃତ କରିଦେଉଛନ୍ତି, ଯାହାକି ରୁଷ ଲାଗି ଅତ୍ୟନ୍ତ ଘାତକ ପ୍ରମାଣିତ ହେଉଛି ।

ଯୁଦ୍ଧରେ ସଡ଼କ ପଥକୁ ବ୍ୟବହାର କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥାଏ କିନ୍ତୁ ମୁଖ୍ୟସହରମାନଙ୍କୁ ଦଖଲ କରିବା ରଣନୀତି କାରଣରୁ ରୁଷ ସୈନ୍ୟ ଅନେକ ଅଞ୍ଚଳରେ ୟୁକ୍ରେନ ସୈନିକଙ୍କ କୌଣସି ବାଧା ବିନା ୟୁକ୍ରେନର ଆଭ୍ୟନ୍ତରୀଣ ଇଲାକା ଭିତରେ ପହଞ୍ଚିଗଲେ । ଏହାଫଳରେ ଛାଡ଼ିଯାଇଥିବା ଅଞ୍ଚଳରେ ଏବେ ୟୁକ୍ରେନୀୟ ସୈନିକମାନେ ଦଖଲକୁ ନେଇ ରୁଷ ସୈନ୍ୟଙ୍କୁ ପଛରୁ ବି ଆକ୍ରମଣ କରୁଛନ୍ତି । ଏପ୍ରକାର ସ୍ଥିତି, ବିଶେଷକରି କୀଭ ଲଢ଼େଇରେ ଦେଖିବାକୁ ମିଳିଛି, ଯେଉଁଠି ରୁଷ ସୈନ୍ୟ କୀଭ ଭିତରକୁ ପଶିଗଲେ ସତ, ପଛରୁ ହେଉଥିବା ଆକ୍ରମଣକୁ ସମ୍ଭାଳିପାରିଲେ ନାହିଁ । ବିଶ୍ୱର ଅନ୍ୟ ଉନ୍ନତ ରାଷ୍ଟ୍ରମାନଙ୍କରୁ ୟୁକ୍ରେନକୁ ମିଳୁଥିବା ଉନ୍ନତ ଟେକ୍ନିକାଲ ଯୁଦ୍ଧାସ୍ତ୍ର ଦ୍ୱାରା ରୁଷୀୟ ରାଡାର, କମାଣ୍ଡ ପୋଷ୍ଟ ଓ ସାମରିକ ଡିପୋକୁ ବଡ଼ ଆକାରରେ ଧ୍ୱସ୍ତ କରିଦିଆଯାଇଛି ଯାହାଫଳରେ ରୁଷ ଆକ୍ରମଣର ତୀବ୍ରତା ଧିମେଇ ଯାଇଛି ।

ୟୁକ୍ରେନର ସାମରିକ ରଣନୀତି ଏକ ଧାରଣାକୁ ମଧ୍ୟ ଭାଙ୍ଗିଛି ଯାହା ହେଉଛି ସୈନ୍ୟ ଏପରି ଏକ ସ୍ତରରେ ପହଞ୍ଚିଯାଇଛି ଯେଉଁଠି 'ରିମୋଟ ଯୁଦ୍ଧ' ନିର୍ଣ୍ଣାୟକ ହେବ କିନ୍ତୁ ଏ ଯୁଦ୍ଧରେ ଆମେ ଦେଖୁଛନ୍ତି ଗରିଲା ଯୁଦ୍ଧ ଆଜି ବି ସେତେ ଘାତକ ହେଉଛି । ଅବଶ୍ୟ ଏଯାଏ ୟୁକ୍ରେନ ଯୁଦ୍ଧ ଜିତିନାହିଁ, କିନ୍ତୁ ଏକଥା ମଧ୍ୟ ସ୍ପଷ୍ଟ ଯେ ରୁଷ ସୈନିକମାନେ ଏବେ ୟୁକ୍ରେନର ପୂର୍ବ ଓ ଦକ୍ଷିଣ ଅଞ୍ଚଳରେ ନିଜର ଧ୍ୟାନ କେନ୍ଦ୍ରୀତ କରିବା ଆରମ୍ଭ କରିଦେଇଛନ୍ତି ଏବଂ ଏକ ରକ୍ଷଣାତ୍ମକ ପରିଧିରେ ନିଜକୁ ସୀମିତ କରିବାରେ ଲାଗିଛନ୍ତି । ୟୁକ୍ରେନ ପାଇଁ ଏହା ହୁଏତ ଆଶ୍ୱସ୍ତିର ବିଷୟ ହୋଇପାରେ କିନ୍ତୁ ହାତରୁ ଖସିଯାଇଥିବା ଅଞ୍ଚଳ ସବୁକୁ ହାସଲ କରିବାଲାଗି ୟୁକ୍ରେନ ଯେ ଲଢ଼େଇ କରିବ ଏଥିରେ ଦ୍ୱିମତ ନାହିଁ । ଯଦି ଏପରି ହୁଏ, ତେବେ ଯୁଦ୍ଧ ଲମ୍ବାସମୟ ଯାଏ ଚାଲିବ । ତାହା ଶୀଘ୍ର ବନ୍ଦ ହେଉ, ସେଦିଗରେ ଅନ୍ୟ ଦେଶମାନେ ଉଦ୍ୟମ କରିବା ଦରକାର । ▢▢

**–ଭର୍ତ୍ତୃହରି ମହତାବ**

# ଟଙ୍କା ୧୨ରେ ବାହାଘର, ୨୫ରେ ଭୋଜି



**ମାୟାଧର ନାୟକ**

ଏ ଅଧିନ ମଧ୍ୟ ଜଣେ ମହାପ୍ରେମିକ ନହେଲେ ବି ସହାସ୍ୟ ପ୍ରେମିକ । କଲେଜ ଜୀବନରୁ ରାଜନୈତିକ ଜୀବନ ୧୯୭୮ ମସିହା ପର୍ଯ୍ୟନ୍ତ ୧୦୦ରୁ ବେଶି ଝିଅ ଭଲ ପାଉଥିଲେ । ଏ ହସ ହସ ପ୍ରେମାନନ୍ଦ ମଧ୍ୟ ସେମାନଙ୍କୁ ଭଲପାଉଥିଲା ବେଶ୍ । ସେମାନଙ୍କ ସୁଦୀର୍ଘ ତାଲିକା ଭିତରେ ଧନାଢ୍ୟା, ବର୍ଣ୍ଣାଢ୍ୟା, ଉଚ୍ଚଶିକ୍ଷିତା କନ୍ୟା ଏବଂ ନିପଟ ମଫସଲ ଗାଁର ନାଁ ନଥିବା କନ୍ୟାରତ୍ନ ବି କେତେକିଏ ସାମିଲ୍ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାହିଁଥିଲେ ସେଦିନର ଏ ଅକିଂଚନକୁ ବିବାହ କରିବାକୁ । ଅଧିକାଂଶ ମୁହଁ ଖୋଲି ମଧ୍ୟ କହିଛନ୍ତି । ଛାତ୍ର ଜୀବନରୁ ରାଜନୀତି କ୍ଷେତ୍ରରେ ଝଡରସିଂହାନାଦ କରିକରି ତ ସମୟ ବିତିଯାଉଥିଲା । ରାଜନୀତି ପାଇଁ କଲେଜ ଜୀବନରେ ବାପା କରିଦେଇଥିଲେ ସେଦିନ ତେଜ୍ୟପୁତ୍ର ।

ବାପାସମାନ ବଡଭାଇ ଦୀନବନ୍ଧୁ, ମଝିଆ ଭାଇ ଦୈତାରୀ ଏ ସର୍ବହରା ଭାଇଟାକୁଇ ଲୁଚାଇ ଲୁଚାଇ ଟଙ୍କା ଦେଉଥିଲେ ସେଦିନ । ବିପ୍ଳବର ବଢିପାଣିରେ ବାହିଚାଲିଥିଲି ସମରତରୀ । ବିବାହ କଥା ଏକରକମ୍ ଭୁଲିଯାଇଥିଲି । ମୋ ପ୍ରେମିକାମାନଙ୍କୁ ଏ ଭଙ୍ଗା ରଣତରୀରେ ରେଶମୀ ତକିଆ ପକାଇ ଫୁଲସେଜ ପାରିବାକୁ କ'ଣ ଭଲ ଲାଗିଥାନ୍ତା ? ଅସତ୍ ପୁରୁଷର ସାନ୍ନିଧ୍ୟରେ ନାରୀ ପାଲଟିଯାଇଥାଏ ପାଶାଣୀ । ମାତ୍ର ସତ୍‌ପୁରୁଷର ସାମାନ୍ୟତମ ସ୍ପର୍ଶରୋମାଂଚ ସେଇ ନିଥରା ପାଶାଣୀକି କରିଦିଏ ନିସ୍ତରା, ଆତ୍ମହରା, ଅହ୍ୟ-ଅହଲ୍ୟା, 'ପ୍ରୀତିପଦ୍ମିନୀ ପୁତାନାରୀ' । ନିବୃତ୍ତ ନାରୀତ୍ୱର ଅଜସ୍ର ବ୍ୟଥା - ନିଗୃହିତା ନାରୀ ନିଜ ନିର୍ଯାତନାର କରୁଣକାହାଣୀ ବୟାନକରିପାରିବ କାହାସାମ୍ନାରେ ? ସେଇ ପ୍ରେମିକାମାନଙ୍କ ମଧ୍ୟରୁ କେତେଜଣ ସନ୍ତପ୍ତା ନାରୀଙ୍କର ଅକୁହା ଅନେକ କଥା ସେମାନେ ଏଇ ଖୋଲାମଣିଷ ଆଗରେ ମରମଫିଟାଇ ବଖାଣିଛନ୍ତି । ସେମାନଙ୍କୁ ଯଥାସାଧ୍ୟ ଆଲୋକମୁଖୀନୀ ଅଭିଯାତ୍ରୀନୀ ହେବାର ପ୍ରେରଣାଦେଇ ନାରୀମୁକ୍ତିର ବୈପ୍ଳବିକ ବର୍ଣ୍ଣମାଳା ଶୁଣାଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଅତିକ୍ରମ କରିଯାଇଛନ୍ତି ନିଜ ନିଜର ନଷ୍ଟନିର୍ବାଣ ।

ଅଧିକାଂଶ ପ୍ରେମିକାଙ୍କୁ ବାହାହେବାକୁ ବାରଣ କଲାପରେ ଜଣଙ୍କ ପାଖରେ ହାରିଗଲି । ସେ ହେଉଛନ୍ତି ସେଦିନ ଏ ଦାରିଦ୍ର୍ୟକଣ୍ଟକମୁକୁଟପରିହିତ ଭାଟୀବାଟୀର ଘାଏଲ୍ ରଜା ବେକରେ ବରଣମାଳା ପିନ୍ଧାଇଦେଇଥିବା ଓଲୀରାଣୀ ଲିଲି ଓରଫ୍ ଇନ୍ଦିରା ଦାସ । ଇନ୍ଦିରା ଉଚ୍ଚଶିକ୍ଷିତା, ସମ୍ଭ୍ରାନ୍ତବଂଶୀୟ – ବାହାଘର ଆମେରିକାରେ ଚାକିରୀ କରୁଥିବା ଜଣେ ଇଞ୍ଜିନିୟରଙ୍କ ସହିତ ସ୍ଥିର ହେବାକୁ ଯାଉଥିଲା । ସେତେବେଳେ ଏଇ ଇନ୍ଦିରା ସୁକିନ୍ଦା ଜଗନ୍ନାଥହାଇସ୍କୁଲରେ ଥିଲେ ଶିକ୍ଷୟତ୍ରୀ । ଆମେ ଏସ୍.ୟୁ.ସି.ଆଇ.ବାଲା ତାଙ୍କ ଠାରୁ ମାସିକ ୪୦ ଟଙ୍କା ଚାନ୍ଦା ଆଣୁଥିଲୁ । ସେ ଟଙ୍କାରେ ଭାତଡାଲମା ଆମର ପ୍ରାୟ ୧୫ ଦିନ ପାଇଁ ଚଳିଯାଉଥିଲା । ଇନ୍ଦିରାଙ୍କ ସହ ସାକ୍ଷାତ ହେଲାପରେ ସେ ମୋ ଠାରୁ ବଙ୍ଗଳା ଓ ଓଡିଆ ଉପନ୍ୟାସ, ପାର୍ଟିର ବହି, ପତ୍ରପତ୍ରିକା ନେଉଥିଲେ । ସେ ବଙ୍ଗଳା ଶିଖି ଉପନ୍ୟାସସମ୍ରାଟ ଶରତଚନ୍ଦ୍ରଙ୍କ ପ୍ରାୟ ସବୁ ବହି ପଢିବାକୁ ଆରମ୍ଭ କରିଦେଲେ । ଆମ କାର୍ଯ୍ୟକଳାପ ଦେଖି ଆମମାନଙ୍କ ଉପରେ ତାଙ୍କର ଦୟା ତ ନୁହେଁ – ଶ୍ରଦ୍ଧା ଓ ସମ୍ମାନ ବଢିଯାଇଥିଲା । ଯେଉଁଦିନ ସେ ସୁକିନ୍ଦାରୁ ଯାଜପୁରରୋଡ ତାଙ୍କଘରକୁ ଆସି ସମ୍ଭାବ୍ୟବର ସହ ଦେଖାସାକ୍ଷାତ ହେବାର ଥିଲା – ସେଇଦିନ ଓପରଓଳି ଦେଇଥିବା ବହି ଫେରେଇଆଣିବାକୁ ଯାଇଥିଲି । କହିଥିଲି – ତୁମେ ତ ବାହାହୋଇ ଆମେରିକା ଚାଲିଯିବ - ଆମେସବୁ ଯାଯାବର, ସର୍ବହରାମାନେ ଚାନ୍ଦା ୪୦ ଟଙ୍କା ପାଇବୁ କେମିତି ? ଇନ୍ଦିରା ଭାବବିହ୍ୱଳ ହୋଇଗଲେ । ଆଖିରେ ତାଙ୍କର ଲୁହ ଜକେଇ ଆସିଲା । କୋହଭରା କଣ୍ଠରେ କହିଲେ – ମୁଁ ଆମେରିକା ବରକୁ ବାହାହେବିନି । ଆପଣମାନଙ୍କ ସହିତ ମିଶି ପାର୍ଟିକାମ କରିବି । ମୁଁ ପଚାରିଲି – ତା'ହେଲେ ବରଦେଖା – ବାହାଘର ? ସେ କହିଲେ – ଏତେ ବଡ ବିପ୍ଳବୀ ! କ'ଣ କିଛି ବୁଝି ପାରୁନାହାଁନ୍ତି ? - ନା – ବୁଝିପାରୁନି – ବୋକାଙ୍କ ଭଳି କହିଲି । ସେ କହିଲେ – ମତେ ଆପଣ ବାହା ହେବେ ? ମୁଁ ଆଶ୍ଚର୍ଯ୍ୟଚକିତ, ବାକ୍‌ରୁଦ୍ଧ । କିଛି ସମୟ ପରେ ସେ କହିଲେ – ମୁଁ ସିନା ରାଜି - ଆପଣ ରାଜି ତ ? ସେଦିନ କହିଥିଲି – ତମ ସହ ମନ ସିନା ମିଳିଛି, ଏପର୍ଯ୍ୟନ୍ତ ମତ ମିଳିନି ।

ପ୍ରେମ ହୁଏତ ଦେହ ଓ ଦହନର ଦ୍ୱୈତଗାନ, ପ୍ରକୃତ ପ୍ରେମ କିନ୍ତୁ ମନ ଆଉ ମତର ମିଳନରାଗ ! ଆମ ବଡନେତାଙ୍କ ପାଖେ ନେଇ ଏ ପ୍ରସ୍ତାବ ରଖିବି । ସେମାନେ ଆମ ଦୁହିଁଙ୍କର ମନ ଓ ମତକୁ ପରୀକ୍ଷା କଲାପରେ - ଯାହା ହେବ । ଇନ୍ଦିରା କହିଲେ - ପରୀକ୍ଷା ପାର୍ଥନୀୟ । ଓପରଓଳି ସୁକିନ୍ଦାରୁ ବସରେ ଯାଇ ଯାଜପୁରରୋଡ ଘରେ ପହଞ୍ଚି ତାଙ୍କ ବାପା ସ୍ୱାଧୀନତାସଂଗ୍ରାମୀ ବନମାଳୀ ଦାସଙ୍କୁ ସେ କହିଥିଲେ – ବାପା, ମୁଁ ମାୟାଧର ନାୟକଙ୍କୁ ବାହା ହେବି । ଘରେ ତାଙ୍କର ପାଞ୍ଚ ଭଉଣୀ ଓ ଦୁଇ ଭାଇଭାଉଜ ଅଛନ୍ତି । ସମସ୍ତେ ଶୁଣି ହସିଲେ – କହିଲେ – ବୋକି ଝିଅଟା । ତୁ ପାରିବୁନାହିଁ । ମାୟାଧର ବହୁତ କଷ୍ଟ କରୁଛି । ତା'ର ରହିବା ଖାଇବା କିଛି ଠିକ୍ ଠିକଣା ନାହିଁ । ତୁ ହଇରାଣ ହେବୁ । ମାତ୍ର ଇନ୍ଦିରାଙ୍କ ବାପମା ଭାରି ଖୁସିହୋଇଥିଲେ । ତାଙ୍କ ବାପା କହିଲେ – ବହୁଦିନ ହେଲା ତୋ ବୋଉ ଆଉ ମୁଁ ତୋ ପାଇଁ ମାୟାଧରକୁ ବାଛିଥିଲୁ । ଆମେ ବହୁତ ଖୁସି । ଇନ୍ଦିରା ରୋକ୍‌ଠୋକ୍ ସମସ୍ତଙ୍କୁ ଜଣାଇଦେଇଥିଲା – ମୁଁ ମାୟାଧରବାବୁଙ୍କ ସହ ଗଛମୂଳେ ଭୋକଉପାସରେ ରହିବାକୁ ପ୍ରସ୍ତୁତ । କହିରଖୁଛି – ମୋ ଜୀବନ ଥିଲା ପର୍ଯ୍ୟନ୍ତ ଯେତେ କଷ୍ଟ, ଦୁଃଖ ହେଲେବି କାହାକୁ କିଛି କହିବିନି ।

ଇନ୍ଦିରା ଆମସହ ୧୯୭୮ ଅପ୍ରେଲ୍ ୨୪ ପାର୍ଟିପ୍ରତିଷ୍ଠା ଦିବସରେ କଲିକତା ଯାଇଥିଲେ । ସେଠାରେ ଆମନେତା ତାପସ ଦତ୍ତ, ପ୍ରଭାସ ଘୋଷଙ୍କୁ ଦେଖାକଲେ । ମାତ୍ର ୫ ମିନିଟ୍ କଥାବାର୍ତ୍ତାରେ ସେମାନେ 'ହଁ' କହିଲେ । ଏ ବିବାହ ପ୍ରସ୍ତାବରେ ନେତାଙ୍କ ସମ୍ମତି ସତ୍ତ୍ୱେ ପାର୍ଟିସର୍କଲର କେତେଜଣ କମ୍ରେଡ୍ ନାପସନ୍ଦ କଲେ । ଇନ୍ଦିରା ଦାସ ସୁନ୍ଦରୀ, ଶିକ୍ଷିତା ହୋଇପାରନ୍ତି – ହେଲେ ସେ ବଡଲୋକଘରର ଝିଅ । ମାୟାଧରବାବୁ ସିନା ପାର୍ଟି ଭିତରେ ଥିବା ଝିଅଙ୍କ ମଧ୍ୟରୁ କାହାକୁ ବାହା ହୋଇଥାନ୍ତେ ! ସେଇ ଇନ୍ଦିରା ଦାସ କିନ୍ତୁ ବେଶ୍ କେତୋଟି ବର୍ଷ ପାର୍ଟି କାମକରି ସମସ୍ତଙ୍କର ପ୍ରିୟ ଲିଲିଅପା ହୋଇଗଲେ । ମହିଳା ସାଂସ୍କୃତିକ ସଂଘ ରାଜ୍ୟ ସଂପାଦିକା ହୋଇ ସାରାଦେଶରେ ନାରୀମୁକ୍ତି ଆନ୍ଦୋଳନରେ ସାମିଲ ହୋଇଗଲେ । ଆମ ବାହାଘର ମାତ୍ର ୧୨ ଟଙ୍କାରେ ସମ୍ପନ୍ନ ହୋଇଛି । ମୁଁ ଦୁଇ ଟଙ୍କାରେ ଫର୍ମ କିଣିଲି, ଲିଲି ୧୦ ଟଙ୍କା ରେଜିଷ୍ଟ୍ରେସନ୍ ଫି ଦେଲେ । କଟକରେ ରେଜିଷ୍ଟ୍ରେସନ୍‌ବେଳେ ଲିଲିଙ୍କ ବାପା, ମୋ ମଝିଆଭାଇ ଉପସ୍ଥିତ ରହିଥିଲେ । ସେଠାରୁ କଟକ ଏସ୍.ୟୁ.ସି.ଆଇ. ପାର୍ଟି ଅଫିସକୁ ଆସି କମ୍ରେଡ୍‌ମାନଙ୍କ ଗହଳରେ ୨୫ ଟଙ୍କାର ଚେନାଚୂର ସମସ୍ତେ ମିଶି ଖାଇଥିଲେ । ସେ ବହୁତ କଥା । ୪୫ ବର୍ଷ ବିତିଗଲାଣି । ଏବେ ଇନ୍ଦିରାଙ୍କୁ ୭୩ ବର୍ଷ, ମତେ ୭୭ ବର୍ଷ ।

ଆରମ୍ଭରୁ ଆମେ ପତିପତ୍ନୀ ସାଙ୍ଗ ଭଳି । ଆମର ଝିଅ ଭୂମିକା, ପୁଅ ଆକାଶ ଦୁହେଁ ନିଜେ ନିଜ କାର୍ଯ୍ୟ କରିଚାଲିଛନ୍ତି । ଜ୍ୱାଇଁ ସ୍ୱରୁପ ବମ୍ବେରେ ଚାକିରୀ କରିଛନ୍ତି । ବୋହୂ ଶୁଭ୍ରାଜ୍ୟୋତି 'ଉତ୍ର' ଚାରିଟେବୁଲ ଟ୍ରଷ୍ଟ ମାଧ୍ୟମରେ 'ଥିଲେ ଦିଅ, ନଥିଲେ ନିଅ' କାର୍ଯ୍ୟକ୍ରମ ସାଧାରଣ ସମ୍ପାଦିକା ଭାବେ ଚାଲୁରଖିଛନ୍ତି । ଝିଅ ଭୂମିକା ଇଂରାଜୀରେ ଏମ୍.ଏ. ପାସ୍ କରିଥିଲେବି ଚାକିରୀ ନକରି ସୁଗୃହିଣୀ । ନାତୁଣୀ ଜୋଷିକା ବମ୍ବେରେ +୩ ପ୍ରଥମ ବର୍ଷରେ ପଢୁଛି ଏବଂ ଆର୍ନ୍ତଜାତୀକ ଫିଲ୍ମ ଫେଷ୍ଟିଭାଲକୁ ଯିବାପାଇଁ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମରେ ସାମ୍ବାଦିକା ଭୂମିକାରେ ଅଭିନୟ କରିସାରିଛି । ନାତି ଭିଭାନ, ଅଂଶ୍ ପଢୁଛନ୍ତି । ସାନନାତି ଦେଶାନ୍ ଆମକୁ ନଦେଖିଲେ ବ୍ୟସ୍ତହୋଇପଡୁଛି । ଇନ୍ଦିରା ଏବେ ପ୍ରଜାପିତା ବ୍ରହ୍ମକୁମାରୀ ସଂଗଠନରେ । ମୁଁ ବୟସକୁ ବେଖାତିର କରି ରାତିଦିନ ୧୯ ଘଣ୍ଟା କର୍ତ୍ତବ୍ୟରତ । ସତ୍ୟକଥା କହିଚାଲିଛି - ଲେଖୁଛି ମଧ୍ୟ । ଆମ ପ୍ରେମ ଖୁବ୍ ମଜବୁତ୍ । ଏକଦମ୍ କଂକ୍ରିଟ୍ ଭଳି ଶକ୍ତ । ଆମେ ଦୁହେଁ ଶପଥ ନେଇଛୁ - ଶେଷ ଜୀବନ ପର୍ଯ୍ୟନ୍ତ ଆମ ଏ ବନ୍ଧନ ଅତୁଟ ରହିବ । ଏବେବି ଲିଲି ସାଇତି ରଖିଛି ମୋର ପ୍ରଥମ ପ୍ରେମପତ୍ର । ତା'ହେଲେ କୁହନ୍ତୁ ତ ମୁଁ କ'ଣ ଜଣେ ପ୍ରେମିକ ନୁହେଁ ? ଏଇ ଦୁନିଆରେ ଯଦି କିଏ କହେ – ତା' ଜୀବନରେ କେବେ ପ୍ରେମକରିନି – ତା'ଠାରୁ ମହାମିଛୁଆ କେହିନାହିଁ । ଆମେ ସମସ୍ତେ ଜଣେ ଜଣେ ପ୍ରେମିକ-ପ୍ରେମିକା ।


ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


# ମରୁଭୂମି ପାଲଟିବ ଓଡ଼ିଶା

**ବାଦଲ ଭୂୟାଁ**

ପ୍ରତିବର୍ଷ ଲକ୍ଷ ଲକ୍ଷ ହେକ୍ଟର ଜମି ବନୀକରଣ କରାଯାଉଛି ବୋଲି ତଥ୍ୟ ପ୍ରକାଶ ପାଉଛି । ମାତ୍ର ଏପଟେ ଓଡ଼ିଶା ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିବାକୁ ବସିଲାଣି । ଦେଶର ପ୍ରମୁଖ ପାଞ୍ଚଟି ମରୁଡ଼ି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି । ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀର ପରେ ଓଡ଼ିଶାର ସ୍ଥାନ ପଞ୍ଚମ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ରାଜ୍ୟରେ ଜମିଗୁଡ଼ିକ ଶୁଷ୍କ ପାଲଟି ଗଲାଣି । ଅସନ୍ତୁଳିତ ଜଳବାୟୁ, ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧି, ଜଙ୍ଗଲ କ୍ଷୟ, ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀନାଳ ଜଳରାଶିର ଅସଂଯତ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ଭୂମି ବିନିଯୋଗ ଯୋଗୁଁ ଏପରି ଉଦ୍‌ବେଗ ଜନକ ସ୍ଥିତି ସୃଷ୍ଟି ହୋଇଛି । ଏପରି ସ୍ଥିତି ଲାଗି ରହିଲେ ସମୟ ଆସିବ ଓଡ଼ିଶା ବି ଦିନେ ଏକ ବଡ଼ ମରୁଭୂମିରେ ପରିଣତ ହୋଇଯିବ । ଏକ ରିପୋର୍ଟ ଅନୁଯାୟୀ, ମରୁ ଅଞ୍ଚଳ ତାଲିକାରେ ପ୍ରଥମ ସ୍ଥାନରେ ରହିଛି ରାଜସ୍ଥାନ । ଏହି ରାଜ୍ୟର ୨.୩ କୋଟି ହେକ୍ଟର ଜମି ଶୁଷ୍କ । ଏହା ପଛକୁ ଥିବା ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀରରେ ୧.୩ କୋଟି ହେକ୍ଟର ଜମି ଶୁଷ୍କ ଅବସ୍ଥାରେ । ଆଉ ପଞ୍ଚମରେ ଥିବା ଓଡ଼ିଶାରେ ୫୦ଲକ୍ଷ ହେକ୍ଟର ଜମି ଶୁଷ୍କ ପାଲଟିଗଲାଣି । ଯାହାକି ମୋଟ ଜମିର ଶତକଡ଼ା ୩୩ଭାଗ । ତଥାପି ପ୍ରତିବର୍ଷ ସରକାର କହୁଛନ୍ତି ଏଥିପାଇଁ ପଦକ୍ଷେପ ନିଆଯାଉଛି । ମାତ୍ର ବର୍ତ୍ତମାନ ଓଡ଼ିଶାର ସ୍ଥିତି ଯାହା ଭବିଷ୍ୟତରେ ରାଜ୍ୟ ପ୍ରତି ଏକ ବଡ଼ ବିପଦ ମାଡ଼ି ଆସୁଛି ବୋଲି କୁହାଯାଇପାରେ । ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ କାରଣ ଯୋଗୁଁ ଏହି ମରୁକରଣ ପ୍ରକ୍ରିୟା ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି । ବର୍ଷକୁ ହାରାହାରି ୧୦ ଇଞ୍ଚରୁ ବୃଷ୍ଟିପାତ କମ୍ ହେଲେ ଅଞ୍ଚଳଟି କ୍ରମଶଃ ମରୁଭୂମିରେ ପରିଣତ ହୋଇଥାଏ । ଅସନ୍ତୁଳିତ ଜଳବାୟୁ, ବୃଷ୍ଟିହୀନତା ଓ ବୃକ୍ଷ ଛେଦନ ଏହି ପ୍ରକ୍ରିୟା ପାଇଁ ଦାୟୀ । ରାଜ୍ୟର ବିଭିନ୍ନ ଅଞ୍ଚଳରେ କେଉଁଠି ରାସ୍ତା ପ୍ରଶସ୍ତିକରଣ ପାଇଁ ହେଉ ବା ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ପାଇଁ ପ୍ରତିଦିନ ବଡ଼ ବଡ଼ ବୃକ୍ଷ କଟା ଯାଉଛି । ଖୋଦ୍ ରାଜଧାନୀରେ ଗତ ବର୍ଷ ବହୁ ବଡ଼ ବଡ଼ ବରଗଛ ଓ ଅଶ୍ୱତ୍ଥ ଗଛ କଟାଯାଇଛି । ରାଜ୍ୟର ଅନ୍ୟ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ଜାଳେଣି ପାଇଁ ଗଛଲତା କାଟିଥାନ୍ତି ।

ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ବରଗଛର ସ୍ଥାନ ଶାଳ, ପିଆଶାଳ କି କୌଣସି ଫୁଲ ଗଛ ନେଇପାରିବ ନାହିଁ । ବର ଓ ଅଶ୍ୱତ୍ଥ ଗଛ ନିକଟରେ ବାୟୁମଣ୍ଡଳକୁ ଶୁଦ୍ଧ ରଖିବା ପାଇଁ ଯେଉଁ କ୍ଷମତା ରହିଛି, ତାହା ଅନ୍ୟ କୌଣସି ଗଛ ନିକଟରେ ନାହିଁ । ମାତ୍ର ପ୍ରଶାସନର ଚିନ୍ତାଧାରା ଭିନ୍ନ । ବର୍ଷ ବର୍ଷ ଧରି ଥିବା ପୁରୁଣା ଗଛ ଗୁଡ଼ିକୁ ସେମାନେ କାଟି ଚାଲିଛନ୍ତି । ଗୋଟିଏ ପଟେ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ସ୍ଲୋଗାନ ଦିଆଯାଉଛି, ମାତ୍ର ଅନ୍ୟପଟେ ପ୍ରତିଦିନ ଅବିଚାରିତ ଭାବେ ବୃକ୍ଷ କଟା ଚାଲିଛି । ତଥ୍ୟ ଅନୁଯାୟୀ, ଆଗରୁ ଯେପରି ବୃଷ୍ଟିପାତ ହେଉଥିଲା । ଏହା ଧୀରେ ଧୀରେ କମିବାକୁ ଲାଗିଲାଣି । ଏଣୁ ବର୍ତ୍ତମାନ ବୃଷ୍ଟି ଜଳକୁ କିପରି ସଂରକ୍ଷିତ ରଖାଯିବ ଓ ଅଧିକରୁ ଅଧିକ ବନୀକରଣ ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବା ଜରୁରୀ । ଏହାସହ ଜଙ୍ଗଲ ଓ ପରିବେଶ ବିଭାଗରେ ଯେଉଁ ଜଳବାୟୁ ପରିବର୍ତ୍ତନ ସେଲ୍ ଗଠନ କରାଯାଇଛି ତାହା ଦ୍ୱରାନ୍ୱିତ ହେବା ଜରୁରୀ ।

ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବା ନେଇ ପରିବେଶବିତ୍ ଓ ଜଳସୁରକ୍ଷା କର୍ମୀମାନେ ଦାବି କରୁଛନ୍ତି । ଓଡ଼ିଶାରେ ମରୁକରଣ ପ୍ରକ୍ରିୟା ପ୍ରତିରୋଧ କରିବା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗତବର୍ଷ ବନୀକରଣ କାର୍ଯ୍ୟକ୍ରମରେ ବେଶ୍ ସଫଳତା ମିଳିଛି । ୧ଲକ୍ଷ ୯୮ ହଜାର ୮୯୧ ହେକ୍ଟର ଜମିରେ ବନୀକରଣ କରାଯାଇଛି । ୪୭୫୫ କିଲୋମିଟର ରାସ୍ତାରେ ବୃକ୍ଷରୋପଣ କରାଯାଇଛି । ୫କୋଟି ୫୦ଲକ୍ଷ ଚାରା ମାଗଣାରେ ବଣ୍ଟା ଯାଇଛି । କେବଳ ସହରାଞ୍ଚଳରେ ୧୪ଲକ୍ଷ ୯୦ ହଜାର ଚାରା ରୋପଣ କରାଯାଇଛି । ଗତବର୍ଷ ୧୨ କୋଟି ୪ଲକ୍ଷ ଚାରା ବଣ୍ଟନ ଓ ରୋପଣ କରାଯାଇଥିବାବେଳେ ଚଳିତ ବର୍ଷ ସାଢ଼େ ୧୩ କୋଟି ଚାରା ରୋପଣ କରାଯିବାର ଯୋଜନା ରହିଛି । ଅନୁସନ୍ଧାନରୁ ଜଣାଯାଇଛି ଯେ, ଧୀରେ ଧୀରେ ବୃଷ୍ଟିପାତ କମିବାରୁ ଓଡ଼ିଶାର ଲକ୍ଷ ଲକ୍ଷ ହେକ୍ଟର ଜମି ଏବେ ଶୁଷ୍କ । ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିଯିବ । ଜଳ ପ୍ରଦୂଷଣକୁ ରୋକିବା ସହ ବ୍ୟାପକ ବୃକ୍ଷ ରୋପଣ ଜରୁରୀ । ଏହାଦ୍ୱାରା ଉତ୍ତପ୍ତ ପରିବେଶ ଶାନ୍ତ ସୁଶୀତଳ ହୋଇପାରିବ ସର୍ବୋପରି ବ୍ୟାପକ ବନୀକରଣ ଦ୍ୱାରା ସବୁଜ ପରିବେଶ ସୃଷ୍ଟି ହେବା ସହ ମୃତ୍ତିକା କ୍ଷୟକୁ ରୋକିବା ସହ ଜୈବମଣ୍ଡଳରେ ପ୍ରଚୁର ଓ ବିଶୁଦ୍ଧ ଅମ୍ଳଜାନ ମିଳିପାରିବ । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁଦାୟିତ୍ୱ ରହିଛି । ନିଜେ ଗଛ ଲଗାଇବା ସହ ପିଲାମାନଙ୍କ ଭିତରେ ବ୍ୟାପକ ବୃକ୍ଷରୋପଣ ପାଇଁ ସଚେତନତାକୁ ବଢ଼ାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଣୁ ଏଥିପାଇଁ ଉଭୟ ରାଜ୍ୟ ସରକାର ଓ ଜନସାଧାରଣ ପଦକ୍ଷେପ ନେବା ଆବଶ୍ୟକ । ବର୍ତ୍ତମାନ ପରିବେଶ ମଣିଷର ସ୍ଥିତିକୁ ଦୋହଲାଇ ଦେଲାଣି । ସମସ୍ତେ ଏବେ ଧ୍ୱଂସ ଆଡ଼କୁ ଗତି କରୁଛନ୍ତି । ଯଦି ଉଚିତ ପଦକ୍ଷେପ ନିଆନଯାଏ, ତେବେ ରାଜ୍ୟ ସଂପୂର୍ଣ୍ଣ ଶୁଷ୍କ ପାଲଟିଯିବ ।


ପୁରୁଣା ସୋନାରୀ,
ଜାମସେଦପୁର,
ମୋ:୭୪୮୮୯୯୮୫୩୨


# ସ୍କ୍ରିନ ଆଡିକ୍ଟ

**ଡାକ୍ତର ସମ୍ରାଟ କର**

ଆଜିକାଲି ସବୁ ବର୍ଗର ଲୋକଙ୍କର ଅଧିକାଂଶ ସମୟ ସ୍କ୍ରିନକୁ ଦେଖି ଦେଖି କଟୁଥିବାର ନଜରକୁ ଆସୁଛି । ଆମର ସକାଳ ଯେ କୌଣସି ଏକ ବ୍ଲୁ ସ୍କ୍ରିନକୁ ଦେଖି ଆରମ୍ଭ ହେଉଥିବାବେଳେ ସରୁଛି ମଧ୍ୟ ସେହିଭଳି । ଦୈନନ୍ଦିନ ଜୀବନର ଅନେକ କିଛି କାମ ପାଇଁ ଆମକୁ ଏହା ଉପରେ ନିର୍ଭର କରିବାକୁ ପଡୁଛି । ହେଲେ ଏହା ସବୁ ବର୍ଗ ପାଇଁ ଅନେକ କ୍ଷତି ପହଞ୍ଚାଇଥାଏ । ସେହିଭଳି କିଛି ସମସ୍ୟାକୁ ନେଇ ଉପସ୍ଥାପନା । ସବୁବେଳେ ରହିଥାଏ ସାଙ୍ଗରେ : ସ୍କୁଲ ଠାରୁ ଆରମ୍ଭ କରି କାର୍ଯ୍ୟାଳୟ ସବୁ ସ୍ଥାନରେ କୌଣସି ନା କୌଣସି ବ୍ଲୁ ସ୍କ୍ରିନ ଗ୍ୟାଜେଟ ଯେପରି ଫୋନ, କମ୍ପ୍ୟୁଟର, ଲାପଟପ, ଟାବଲେଟ ଆଦିରେ ଆମର ଅଧିକାଂଶ ସମୟ ଅତିବାହିତ ହୋଇଥାଏ । ସେହିଭଳି ବର୍ତ୍ତମାନ ଆମର ଅବସର ସମୟ ମଧ୍ୟ ଏହି ସ୍କ୍ରିନକୁ ଦେଖି ଦେଖି କଟୁଛି । କୌଣସି କାମରୁ ବିରତି ସମୟ ହେଉ କିମ୍ବା ଅବସର ସମୟ ଅତିବାହିତ ପାଇଁ ଆମେ ଆମର ସାଙ୍ଗସାଥି ଓ ପରିବାର ଉପରେ କମ ନିର୍ଭର କରୁଛେ । ଏହାଠାରୁ ଅଧିକ ଆମେ ବ୍ଲୁ ସ୍କ୍ରିନ ଥିବା ଗ୍ୟାଜେଟ ଉପରେ ନିର୍ଭର କରୁଛେ । ତେବେ କେବେ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା କରାଯାଇନଥାଏ । ଏହାର ଖରାପ ପ୍ରଭାବ କାରଣରୁ ଆମେ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଉ । ନିଦ୍ରା ହୀନତା : ସ୍କ୍ରିନ ଆଡିକ୍ଟର ଏକ ଗୁରୁତର ପ୍ରଭାବ ହେଲା ନିଦ୍ରା ହୀନତା । ଏହାର ପ୍ରଭାବରେ ନିଦ ଆସିନଥାଏ । ନିଦରେ ଅନିୟମିତତା ଦେଖାଦେଇଥାଏ । ଏହି ଲାଇଟ ଆମ ବେନରେ ପ୍ରଭାବ ପକାଇଥାଏ, ଯାହାଫଳରେ ବ୍ରେନରେ କେତେକ ହରମୋନ ସିକ୍ରେସନ ହେବା ବନ୍ଦ ହୋଇଯାଏ । ଏହି କାରଣରୁ ଆମ ଶରୀର ପ୍ରାକୃତିକ ଉପାୟରେ ରିଲାକ୍ସ ହୋଇପାରିନଥାଏ ଏବଂ ନିଦ ମଧ୍ୟ ଆସିନଥାଏ । ତେବେ ଏଭଳି ସମସ୍ୟା ଯଦି ଲାଗି ରୁହେ ତେବେ ଆଗକୁ କିଛି ବଡ଼ ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ିବାର ସମ୍ଭାବନା ବଢ଼ିଥାଏ । କେତେ ଲୋକ ଏହାକୁ ଛୋଟ ସମସ୍ୟା ଭାବି ଏଡାଇ ଯାଆନ୍ତି, ହେଲେ ଏହା ଏକ ଗମ୍ଭୀର ସମସ୍ୟା, ଯାହାର ସମାଧାନ ଦରକାର । ତେବେ ଏହି ସମସ୍ୟାର ପ୍ରାଥମିକ ଉପଚାର ହେଲା ବ୍ଲୁ ଲାଇଟରୁ ଦୂରେଇ ରହିବା । ତେବେ ଏହାପରେ ଡାକ୍ତରଙ୍କ ପରାମର୍ଶ ନେବାର ମଧ୍ୟ ଆବଶ୍ୟକତା ରହିଛି । ଓବେସିଟି : ଆଜିକାଲି ଯୁବ ପିଢ଼ିଙ୍କର ଫିଟ ରହିବା ଏକ ନିଶା । ଫିଟ ରହିବା ପାଇଁ ସେମାନେ ଅନେକ କିଛି କରୁଛନ୍ତି । କିଏ ବ୍ୟାୟାମର ସାହାଯ୍ୟ ନେଉଛି ତ ଆଉ କିଏ ଯୋଗ ପ୍ରାଣାୟମର । ତେବେ ଏହି ବ୍ଲୁ ଲାଇଟ ପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ହେଲେ ଗବେଷକଙ୍କ ମତରେ ଏହି ବ୍ଲୁ ଲାଇଟ କାରଣରୁ ଓବେସିଟି ଭଳି ରୋଗ ମଧ୍ୟ ହୋଇଥାଏ । ଯେଉଁମାନେ ସ୍କ୍ରିନ ଆଡିକ୍ଟ ସେମାନଙ୍କର ଓଜନ ବଢ଼ିବା ସହିତ ସେମାନଙ୍କର ଓବେସିଟି ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ । ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଲାପଟପ, କମ୍ପ୍ୟୁଟର କିମ୍ବା ମୋବାଇଲ ଧରି ଗୋଟିଏ ସ୍ଥାନରେ ଲଗାତାର ଅଧିକ ସମୟ ବସନ୍ତି ତେବେ ତାଙ୍କର ଓଜନ ବଢ଼ିବାର ସମ୍ଭାବନା ଅଧିକ ରହିଛି । ତେଣୁ ଯଦି ବି ଆପଣଙ୍କୁ ବାଧ୍ୟତା ମୂଳକ ଏପରି କରିବାକୁ ପଡୁଛି ତେବେ ମଝିରେ ମଝିରେ ଉଠି କିଛି ସମୟ ପାଇଁ ବୁଲନ୍ତୁ । ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ସିଟରେ ନବସି କିଛି ସମୟ ୱାକ କରିପାରିବ । ଏହାଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ । ବେକ ଓ ପିଠି ଯନ୍ତ୍ରଣା : ସ୍କ୍ରିନ ଆଡିକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଏହା କାରଣରୁ ବେକ ଓ ପିଠିରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଇଲେକ୍ଟ୍ରୋନିକ ସାମଗ୍ରୀର ଅଧିକ ବ୍ୟବହାର ଫଳରେ କ୍ରୋନିକ ବ୍ୟାକ, କାନ୍ଧ ବିନ୍ଧା ଓ ବେକରେ ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ଯାହା ଆଗକୁ ଯାଇ ସ୍ପଣ୍ଡିଲାଇଟସ ଭଳି ରୋଗକୁ ସୃଷ୍ଟି କରିଥାଏ । ଏହା ବହୁତ କଷ୍ଟଦାୟକ ହୋଇଥାଏ । ଏଥିରେ ପୀଡ଼ିତ ଖୁବ ଯନ୍ତ୍ରଣା ଅନୁଭବ କରିଥାଏ । ତେବେ ଯଦି ଆପଣଙ୍କର ଏହାର ଆରମ୍ଭ ହେଉଛି ତେବେ ଏହାକୁ ପ୍ରଥମରୁ ଆଭୋଏଡ଼ କରନ୍ତୁ । ପ୍ରଥମରୁ ଏଥିନିମନ୍ତେ ଧ୍ୟାନ ଦିଅନ୍ତୁ । ଅଧିକ ସମୟ ପାଇଁ ବସିବାକୁ ଥିଲେ ମଝିରେ ମଝିରେ ବ୍ରେକ ନିଅନ୍ତୁ । ସେହିଭଳି କିଛି ଷ୍ଟ୍ରେଚିଂ ଏକ୍ସରସାଇଜ କରି ଆପଣ ଏହି ସମସ୍ୟାର ସମାଧାନ କରିପାରିବେ । ଏହି ବ୍ୟାୟାମ କରିବା ଦ୍ୱାରା କ୍ରୋନିକ ଡିସଅର୍ଡ଼ରକୁ ଦୂରେଇ ହେବ ।


ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩


# ଆଭ୍ୟନ୍ତରୀଣ ସୁରକ୍ଷା ଏବେ ପ୍ରମୁଖ ଆବଶ୍ୟକତା

**ପ୍ରାପ୍ତପତ୍ର**

ଆଞ୍ଚଳିକ ବୈଶମ୍ୟ, ବିଭେଦ, ଗରିବଙ୍କୁ ଶୋଷଣ , ଅଧିକାର ହାସଲ ନାଁରେ ରିତିମତ ରାଜନୀତି କରୁଛନ୍ତି କିଛି ମୁଷ୍ଟିମେୟ ଗୃହଶତ୍ରୁ । ବାରମ୍ବାର ଦେଶର ଭିନ୍ନଭିନ୍ନ ପ୍ରାନ୍ତରେ ଅସ୍ଥିରତା, ନକ୍ସଲ ହିଂସା ବଢି ଚାଲିଛି । ଗରିବ,ନିରିହ ଦେଶବାସୀଙ୍କୁ ଢାଲ ଭାବେ ବ୍ୟବହାର କରି ମିଥ୍ୟା ପ୍ରତିଶ୍ରୁତିର ମାଳମାଳ ଲୋଭ ଦେଖାଇ ରାଜନୀତିର ରୁଟି ଶେକା ଯାଉଛି । ଗରିବଙ୍କ ପାଇଁ ବରାଦ ଅର୍ଥକୁ ବାଟ ମାରଣ ପାଇଁ ସହରର ପଞ୍ଚ ତାରକା ହୋଟେଲରେ ମସୁଧା କରୁଛନ୍ତି କିଛି ନ୍ୟାସ୍ତସ୍ୱାର୍ଥ ଗୋଷ୍ଠୀ । ଭାରତର ଅବିଚ୍ଛ୍ୟଦେ ଅଙ୍ଗ ଜାମ୍ମୁକାଶ୍ମୀରକୁ ଭାରତ ଠାରୁ ଅଲଗା କରିବାକୁ ବିଚ୍ଛିନ୍ନତାବାଦୀ ସଂଗଠନର ନେତା ମାନେ ପ୍ରୟାସ ଜାରି ରଖିଛନ୍ତି । ଭାରତର ଉତ୍ତରପୂର୍ବ ରାଜ୍ୟର ,ବୋଡ ଲ୍ୟାଣ୍ଡ ଗଠନ ପାଇଁ ବିଭିନ୍ନ ସଂଗଠନ ନାଁରେ ଦେଶ ବିରୋଧରେ ଏକାଠି କରାଯାଉଛି । ଖଟିଖିଆ ମାନଙ୍କୁ ଦେଶ ବିରୋଧରେ ବିଭ୍ରାନ୍ତିକର ଭାଷଣ ଦିଆଯାଇ ଉତ୍ତେଜିତ କରାଯାଇ ଅଖଣ୍ଡ ଭାରତବର୍ଷକୁ ଖଣ୍ଡଖଣ୍ଡ ପାଇଁ ପ୍ରୟାସ ହେଉଛି । ବୋଡଲ୍ୟାଣ୍ଡ, କୁଚବେହାର ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ଜୋରଦାର କରାଯାଉଛି । ଦକ୍ଷିଣ ଭାରତୀୟଙ୍କ ମନରେ ଦେଶର ରାଷ୍ଟ୍ରଭାଷାକୁ ନାଗରିକଙ୍କୁ ଜାଣିଶୁଣି ଅବହେଳା କରାଯାଉଥିବା କୁହାଯାଇ ଭାରତ ବିରୋଧରେ ନାରା ଦେବାକୁ ପ୍ଲାକାର୍ଡ ଧରେଇ ଦିଆ ଯାଉଛି । ଉଲଫା, ଏନଏସିଏନ,ଏନଏଲଏଫଟି ନେଇ ବିଦ୍ୱେଶ ଭାବ ମଧ୍ୟ ସୃଷ୍ଟି କରାଯାଉଛି । ସେମାନଙ୍କୁ ଇଂରାଜି ଭାଷାକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଉଛି କିନ୍ତୁ ନିଜର ରାଷ୍ଟ୍ରଭାଷା ହିନ୍ଦି କହିବା ପ୍ରତି ସେଭଳି ଶ୍ରଦ୍ଧା ସୃଷ୍ଟି କରାଯାଉନି । ତେଣୁ ଏସବୁ ପଛରେ କିଛି ଗୋଷ୍ଠୀ ରିତିମତ ଉଧମ କରୁଛନ୍ତି । ଧର୍ମନିରପେକ୍ଷ ଦେଶ ଭାରତକୁ କେବଳ ହିନ୍ଦୁରାଷ୍ଟ୍ର ବୋଲି ଆମର ଭିନ୍ନତା ମଧ୍ୟରେ ଏକତା ଏବଂ ଆମ ଭାଇଚାରା ପରମ୍ପରାରେ ବାରମ୍ବାର ଫାଟ ସୃଷ୍ଟି ପାଇଁ ପ୍ରୟାସ ହେଉଛି । ଦେଶରେ ଏକ ଦୃଢ଼ ଓ ସଂକଳ୍ପସିଦ୍ଧ ସରକାର ରହିଲେ ଦେଶର କୌଣସି କ୍ଷତି ହୋଇପାରିବ ନାହିଁ । ଏଥିପାଇଁ ଦେଶର ନାଗରିକଙ୍କୁ ସଚେତନ ହେବାକୁ ପଡ଼ିବ ।


ସୁଧାକର ସାହୁ, ପୁରୀ

### ପଶ୍ଚିମ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ବ୍ୟବସାୟୀଙ୍କ କବଳରେ ମହୁଲ ଫୁଲ

# ଉଚିତ୍ ମୂଲ୍ୟ ପାଇବାରୁ ସଂଗ୍ରହକାରୀ ବଞ୍ଚିତ

**ପାଟଣାଗଡ (ସଦାଶିବ ସରାଫ):** କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ଆଦିବାସୀ ଙ୍କ ବିକାଶ ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିପରି ସେମାନଙ୍କୁ ବିଭିନ୍ନ ପ୍ରକାର ଶୋଷଣ ରୁ ରକ୍ଷା କରିବା ପାଇଁ ଅନେକ ଆଇନ କାନୁନ ତିଆରି ହୋଇଛି। ହେଲେ ବଲାଙ୍ଗିର ଜିଲ୍ଲା ପାଟଣାଗଡ ରେ ଏହିସବୁ ଆଇନ କାନୁନ ଠିକ ଭାବରେ କାର୍ଯ୍ୟକାରୀ ହେଉନଥିବାରୁ ଆଦିବାସୀମାନେ ବିଭିନ୍ନ ଉପାୟରେ ରାଜ୍ୟ ବାହାରର ଲୋକମାନଙ୍କୁ ଶୋଷିତ ହେଉଛନ୍ତି। ବଲାଙ୍ଗିର ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ବଣ ପାହାଡ ଘେରା ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୪୦ ପ୍ରତିଶତ ଆଦିବାସୀ ପରିବାର ଜଙ୍ଗଲରୁ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ସେମାନଙ୍କର ଜୀବନ ଜୀବିକା ନିର୍ବାହ କରିଥାନ୍ତି। ହେଲେ ମହୁଲ ବଜାର ଅଣ ଓଡିଆ ବ୍ୟବସାୟୀଙ୍କ କବ୍ଜାରେ। ତେଣୁ ସେମାନେ ସଂଗ୍ରହ କରୁଥିବା ମହୁଲର ଉଚିତ ମୂଲ୍ୟ ପାଉନଥିବାରୁ ସେମାନଙ୍କ ପରିବାର ଆଜି ସଂକଟରେ।

ଆଦିବାସୀ ଲୋକଙ୍କ ଜମି, ଜଳ, ଜଙ୍ଗଲ ସହିତ ନିବିଡ ସଂପର୍କ। ସେମାନଙ୍କ ପାଇଁ ଜଙ୍ଗଲ ସବୁକିଛି। ଜଙ୍ଗଲ ବିନା ସେମାନଙ୍କ ଜୀବନ ଅଚଳ ହୋଇ ପଡିଥାଏ କହିଲେ ଅତ୍ୟୁକ୍ତି ହୋବ ନାହିଁ। ସେମାନେ ବର୍ଷକୁ ୧୨ ମାସ ରୁ ପ୍ରାୟ ୩ ମାସ ମହୁଲ, ଟୋଲ, ତେନ୍ତୁଳି ଭଳି ବିଭିନ୍ନ ଲଘୁବନ ଜାତ ଦ୍ରବ୍ୟ ଗୁଡିକୁ ସଂଗ୍ରହ ଓ ବିକ୍ରିକରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ମହୁଲ ଗଛକୁ ଉଦ୍ଭିଦ ବିଜ୍ଞାନ ରେ 'ମଧୁକାଲିଙ୍ଗି ଫୋଲିଆ' କୁହାଯାଏ। ସାଧାରଣତଃ ମାର୍ଚ୍ଚ ମାସରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ମହୁଲ ଫୁଲ ଝଡିବା ଆରମ୍ଭ ହୋଇଯାଏ । ଏବେ ମହୁଲ ଫୁଲ ସଂଗ୍ରହ ର ବେଳ ଆସିଯାଇଥିବାରୁ ବଲାଙ୍ଗିର ଜିଲ୍ଲା ର ବଣ ପାହାଡ ଅଞ୍ଚଳ ରପୂର ପଲ୍ଲୀ ରେ ଥିବା ଜଙ୍ଗଲ ର ମହୁଲ ଗଛ ଗୁଡିକରେ ଫୁଟିଛି ଅସଂଖ୍ୟ ମହୁଲ ଫୁଲ। ଏହି ମହୁଲ ଫୁଲ କୁ ସଂଗ୍ରହ କରିବା ପାଇଁ ଆଦିବାସୀ ଅଞ୍ଚଳ ଗୁଡିକରେ ଏକ ପ୍ରକାର ପ୍ରତି ଯୋଗିତା ଚାଲିଥାଏ। ଯିଏ ଜଙ୍ଗଲକୁ ପ୍ରଥମେ ପହଞ୍ଚେ ସେ ଅଧିକ ମହୁଲ ଫୁଲ ସଂଗ୍ରହ କରିଥାଏ। ଏହି ଦୁଇମାସ ରେ ଆଦିବାସୀ ସଂମ୍ପ୍ରଦାୟ ଲୋକେ ସେମାନଙ୍କ ଦୈନିକ ଗୁଜୁରାଣ ମେଣ୍ଟାଇବା ପାଇଁ ଭୋରରୁ ଉଠି ଉଭୟ ମହିଳା ପୁରୁଷ ସେମାନଙ୍କ କୁନି ପିଲାଛୁଆଙ୍କ ସମେତ ମହୁଲ ଫୁଲ କୁ ସଂଗ୍ରହ କରିବା ପାଇଁ ଭୋର ୪ଟାରୁ ବାହାରିଥାନ୍ତି। ଗଛମୂଳରେ ପଡିଥିବା ମହୁଲ ଫୁଲକୁ ୧୨ ଟା ପର୍ଯ୍ୟନ୍ତ ଗୋଡାଇ ଥାନ୍ତି। ସାଙ୍ଗରେ





ଆଣିଥିବା ବାସୀ ପଖାଳ କୁ ଖାଇ ନିଜର ଶୋଷ ମେଣ୍ଟାଇ ଥାନ୍ତି। ଟାଣ ଖରାକୁ ମଧ ଖାତିର ନକରି ବହୁତ ଉତ୍ସାହ ସହ ଗୋଟି ଗୋଟି କରି ମହୁଲ ଫୁଲ କୁ ସଂଗ୍ରହ କରିଥାନ୍ତି। ଆପେ ଆପେ ମହୁଲ ଫୁଲ ଗଛ ଉପରୁ ଝଡି ପଡିଥାଏ ଓ ଡେମ୍ଫରେ ଗଛ ଲାଗିରହିଥାଏ। ପରବର୍ତ୍ତୀ ଅବସ୍ଥା ରେ ଏହା ମହୁଲ ଫୁଲ 'ଟୋଲ' ହୋଇଥାଏ। ଏହି ଟୋଲ ରୁ ତେଲ ପ୍ରସ୍ତୁତ ହୋଇଥାଏ। ଏହି ତେଲ କୁ ଟୋଲ ତେଲ କୁହାଯାଏ। ମହୁଲ ଗଛରୁ ବର୍ଷକୁ ଦୁଇଟି ଅମଳ ଦେଇଥାଏ। ସେଥିରୁ ଉଭୟ ଉଭୟ ଫୁଲ ଓ ଫଳ ଏହି ଗଛରୁ ମିଳିଥାଏ। ଆଦିବାସୀ ଜୀବନ ଜୀବିକା ମହୁଲ ଗଛ ଉପରେ ନିର୍ଭର କରୁଥିବାରୁ ସେମାନେ ମହୁଲଗଛକୁ ଅଧିକ ଯତ୍ନ କରିବା ସହ ସୁରକ୍ଷା ଦେଇଥାନ୍ତି। ଦୈନିକ ଗୋଟିଏ ପରିବାର ସମସ୍ତେ ମିଳିମିଶି ୧୦ ରୁ ୧୫ କେ.ଜି. ମହୁଲ ଫୁଲକୁ ବାଉଁସ ତିଆରି ଡାଲା, ଟାଙ୍ଗୁଡି ରେ ଭଡି କରି ଘରକୁ ଫେରିଥାନ୍ତି। ଏହାକୁ ଖରାରେ ଦୁଇ ଦିନ ଶୁଖାଇବାପରେ ବିକ୍ରି କରିଥାନ୍ତି। ହେଲେ ଏଇଠି ରହିଛି ସେମାନଙ୍କର ଦୁଃଖ। ଦୈନିକ ଖରାତରା ରେ ବହୁ କଷ୍ଟ କରି ସେମାନେ ମହୁଲ ସଂଗ୍ରହ କରୁଥିଲେ ବି ପରିଶ୍ରମ ଅନୁସାରେ ଉଚିତ୍ ମୂଲ୍ୟ ମିଳିନଥାଏ।

ରାଜ୍ୟ ସରକାରଙ୍କ ତରଫରୁ ବଣଜାତ ଦ୍ରବ୍ୟର କୌଣସି ବଜାର ବ୍ୟବସ୍ଥା ନଥିବାରୁ ଏହାର ସୁଯୋଗ ନେଇ ରାଜ୍ୟ ବାହାରର ମୁଖ୍ୟତଃ ଅଣ ଓଡିଆ ବ୍ୟବସାୟୀମାନେ ଅତିକମ୍ ଦରରେ ତାକୁ କ୍ରୟକରି ମାଲାମାଲ ହେଉଛନ୍ତି। ବର୍ଷାଦିନେ ଆଦିବାସୀ ଗରିବ ଖଟିଖିଆ ଲୋକେ ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ କାରଣ ଯୋଗୁଁ ବିହାରୀ ବାବୁଙ୍କ ଠାରୁ ଧାର କରଜ କରିଥାନ୍ତି। ଏହାକୁ ସୁଝିବା ପାଇଁ ଋଣ ନେବା ସମୟରେ ହିଁ ମୌଖିକ ଚୁକ୍ତି କରିବାକୁ ପଡିଥାଏ। ଏହି ଚୁକ୍ତି ଅନୁସାରେ ମହୁଲଫୁଲ ଅମଳ ସମୟରେ ଯେ କୌଣସି ଦାମ ଥିଲେ ମଧଋଣ ବଦଳ ରେ ମହୁଲ ଦେଇ କାର ଜରୁମୁକ୍ତ ହେବାକୁ ପଡିଥାଏ। ଅନ୍ୟପକ୍ଷରେ ପଞ୍ଚାୟତ ସମିତି ଗୁଡିକ ରେ ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରିବାର ନିୟମ ଥିଲେ ମଧ ବଲାଙ୍ଗିର ଜିଲ୍ଲାରେ ଏହା ବାସ୍ତବରେ କାର୍ଯ୍ୟକାରୀ କରାଯାଇନାହିଁ। କେବଳ କାଗଜ କଲମରେ ଅଟିକିଛି ଲଘୁବନ ଜାତ ଦ୍ରବ୍ୟ ର ମୂଲ୍ୟ । ପ୍ରାଥମିକ ସଂଗ୍ରହ କାରୀଙ୍କ ପାଖକୁ ଲଘୁବନ ଜାତ ଦ୍ରବ୍ୟର ନିର୍ଦ୍ଧାରିତ ମୂଲ୍ୟର ସୂଚନା ମଧ ଦିଆଯାଉନାହିଁ। ସେପଟେ ପଞ୍ଚାୟତ ଗୁଡିକରେ କଳା ବେପାରି ମାନଙ୍କୁ ଲଘୁ ବନଜାତ ଦ୍ରବ୍ୟ କିଣାବିକା କରିବା ପାଇଁ ଲାଇସେନ୍ସ ଦିଆଯାଉଛି। ଫଳରେ କିଛି କଳା ବ୍ୟପାରି ମାନଙ୍କ ଏକଚାଟିଆ କାରବାର ଯୋଗୁ ସରଳ ଆଦିବାସୀମାନେ ବହୁ ପରିଶ୍ରମ କରିମଧ କମଦାମରେ ବିକ୍ରି କରିବା କୁ ବାଧ ହୋଇଥାନ୍ତି । ତେଣୁ ସରକାର ଆଦିବାସୀ ଙ୍କ ବିକାଶ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରୁଥିବା କଥା ଘୋଷଣା କରୁଥିଲେ ମଧ ତାହା ଘୋଷଣାରେ ରହିଯାଇଛି। ବଲାଙ୍ଗିର ଜିଲ୍ଲା ର ପାଟଣାଗଡ, ଖପ୍ରାଖୋଲ ଓ ବେଲପଡା ବ୍ଲକରେ ଏହି ନିରିହ ଆଦିବାସୀଙ୍କ ଦୁଃଖ କୁ କିପରି ଭୂଲିଯାଇଛନ୍ତି ବୋଲି ସାଧାରଣ ରେ ପ୍ରଶ୍ନ ଉଠିଛି। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ମହୁଲ ସଂଗ୍ରହ କରୀ ଙ୍କ କିପରି ରାଜ୍ୟ ବାହାର ର ବ୍ୟବସାୟୀ ଓ କଳା ବେପାରୀ ଙ୍କ କବଳ ରୁ ଶୋଷଣ ମୁକ୍ତ କରିବା ସହିତ ସେମାନେ କିପରି ମହୁଲ ର ଉଚିତ ଦାମ ପାଇବେ ସେ ଉପରେ ଦୃଷ୍ଟି ଦେବେ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ବର୍ତ୍ତମାନ ମହୁଲ ଫୁଲ ପାଟଣାଗଡ ଉପଖଣ୍ଡର ବିଭିନ୍ନ ବ୍ଲକରେ ସମାନ ଧାର୍ଯ୍ୟ ନରଖି ପାଟଣାଗଡରେ ୩୨ଟଙ୍କା,ଖପ୍ରାଖୋଲରେ ୨୯ଟଙ୍କା ଓ ବେଲପଡା ବ୍ଲକରେ ୩୦ଟଙ୍କା ଧାର୍ଯ୍ୟ ରଖାଯାଇଥିବା ଜଣାଯାଇଛି।



### ବନମାଲ ଗ୍ରାମରେ ମହାମାରୀ ରୂପ ନେଇଛି କିଡ୍‌ନୀ ରୋଗ

# ଦଶ ବର୍ଷରେ ୭ ମୃତ୍ୟୁ

**ଖପ୍ରାଖୋଲ, (ଅଶୋକ ବାଗ୍):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଉପାନ୍ତ ପାହାଡିଆ ଅଞ୍ଚଳରେ ରହିଥିବା ମହରାପଦର ପଞ୍ଚାୟତର ବନମାଲ ତଥା ଆଖପାଖ ଗ୍ରାମରେ ବହୁ ବର୍ଷ ହେଲା କିଡ଼ନୀ ରୋଗର ଆତଙ୍କ ଲାଗିରହିଛି। କିଡ଼ନୀ ରୋଗ ପାଇଁ ଗାଁ ରେ ଏବେ ମହାମାରୀ ରୂପ ନେଇଛି। ଦଶ ବର୍ଷ ମଧ୍ୟରେ ୭ ଜଣ ମୃତ୍ୟୁ ଓ ଅନେକ ଆକ୍ରାନ୍ତ ହୋଇ ବିଭିନ୍ନ ସରକାରୀ ଏବଂ ବେସରକାରୀ ମେଡିକାଲରେ ଚିକିତ୍ସାଧୀନ ରହିଥିବା ଜନସାଧାରଣଙ୍କ ଠାରୁ ମିଳିଥିବା ସୂଚନାରୁ ଜଣାପଡିଛି। ଭୟ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି ଗ୍ରାମବାସୀ। ବନମାଲ ଗାଁ ଟି ଖପ୍ରାଖୋଲ ବ୍ଲକ ମୁଖ୍ୟାଳୟରୁ ମାତ୍ର ନଅ କିଲୋମିଟର ଦୂରରେ ଅବସ୍ଥିତ। ଗ୍ରାମର ୮୦ ଭାଗ ଲୋକ ଦିନ ମଜୁରୀ, ବାହାରକୁ ଦାଦନ ଖଟିଯିବା ଏବଂ ଚାଷ କାମ ଉପରେ ନିର୍ଭର କରି ନିଜ ପରିବାର ର ପେଟପୋଷଣ କରିଥାନ୍ତି। ସ୍ଥାନୀୟ ବାସିନ୍ଦା ଙ୍କ କହିବା ଅନୁଯାୟୀ ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକ ଏହି କିଡ଼ନୀ ରୋଗରେ ବିଶେଷ ଆକ୍ରାନ୍ତ ହେଉଥିବା ଜଣାପଡିଛି। ଲୋକଙ୍କ କହିବା ଅନୁସାରେ ଗ୍ରାମରେ ୧୧ ଟି ନଳକୂପ ଥିବା ବେଳେ ୬ ଟି କାର୍ଯ୍ୟ କରୁଛି ସବୁଥିରେ ଅତ୍ୟଧିକ ମାତ୍ରାରେ ଲୌହଯୁକ୍ତ ଜଳ ମିଳୁଛି। ପାନୀୟ ଜଳ ପାଇଁ ବସୁଧା ଜଳ ପ୍ରକଳ୍ପ ଆରମ୍ଭ ହୋଇ ବହୁତ ଦିନ ହେଲା ସେମିତି ପଡି ରହିଛି କ୍ଷ ନଳକୂପ ପାଣି କୁ ଲୋକେ ପାନୀୟ ଜଳ ଭାବେ ବ୍ୟବହାର କରି ଆସୁଛନ୍ତି। ତେବେ ଏହି ରୋଗର କାରଣ କେବଳ ଜଳ ନା ଅନ୍ୟକିଛି କାରଣ ରହିଛି ତାହାକୁ ନେଇ ଲୋକେ ସନ୍ଦିହାନ ଅବସ୍ଥାରେ ରହିଛନ୍ତି। ଏବେ ଗରିବ ଚାଷୀ ବର୍ଗର ଏଠାକାର ଅଧିବାସୀ ଏହି ରୋଗରେ ଆକ୍ରାନ୍ତ ହେବା ପରେ ଚିକିତ୍ସା ବାବଦରେ ଦୀର୍ଘ ଦିନ ଧରି ଅର୍ଥ ଖର୍ଚ୍ଚ କରି ଆର୍ଥିକ ଦୁଃପରିସ୍ଥିତି ରେ ପଡିଚାଲିଛନ୍ତି। ତନ୍ମଧ୍ୟରୁ ଅନେକ ଶେଷରେ ପ୍ରାଣ ହାରୁଛନ୍ତି। ତେବେ ଗ୍ରାମର ରୋଗୀ ବିଷ୍ଣୁ ତାଣ୍ଡି, ବୈଷ୍ଣବ ତାଣ୍ଡି, ଭୀଷ୍ମ ସାହୁ, ନୀଲେ ନିଆଲ, ସପୂର ନିଆଲ, ରମ୍ଭା ମାଝୀ, ଭାଗରଥୀ ନିଆଲ ପ୍ରମୁଖ ଏବେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ବିଛଣାରେ ପଡିରହିଛନ୍ତି। ସେହିପରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ନିଆଲ(୫୫),



**୨୦୨୧ରେ ଶେଷଥର ସର୍ଭେ କରି ପ୍ରଶାସନ ନୀରବଦ୍ରଷ୍ଟା**

ମକରନ୍ଦ ହଂସ(୫୦), କ୍ଷେତ୍ର ଭୁଏ(୬୦), ଲୁଚନ ନିଆଲ(୪୦), ମାଳତୀ ଚିରାଙ୍ଗୁଲ(୬୫), ପାର୍ବତୀ ମାଝୀ(୩୦), ତୁଳା ମାଝୀ(୪୫)ଙ୍କ ଭଳି ସାତ ଜଣ ଲୋକ ୧୦ ବର୍ଷ ମଧ୍ୟରେ ଏହି କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଅର୍ଥ ଅଭାବରୁ ଚିକିତ୍ସା ନପାଇ ମୃତ୍ୟୁ ବରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷ ଥର ୨୦୨୧ରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରପକ୍ଷରୁ ଏକ ଦଳ ଗ୍ରାମକୁ ଆସି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ ମଧ୍ୟ ତାହାର କୌଣସି ନିଷ୍କର୍ଷ ସ୍ଥାନୀୟ ଲୋକେ ପାଇନଥିବା ପ୍ରକାଶ କରିଛନ୍ତି। କେବଳ ବନମାଲ ନୁହେଁ ଉକ୍ତ ମହରାପଦର ପଞ୍ଚାୟତ ଅନ୍ତର୍ଗତ ଗ୍ରାମ ଗୁଡିକ ତାମ୍ବିପଦର, ସର୍ଗିପାଲି ଏବଂ ବେନକେରାରେ ମଧ୍ୟ ଅନେକ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଥିବା ଅଭିଯୋଗ ହେଉଛି। ଗ୍ରାମରେ ୧୦ ବର୍ଷ ହେଲା କିଡ଼ନୀ ରୋଗ ବ୍ୟାପୁଥିବା ବେଳେ ଅଙ୍ଗନୱାଡି ଦିଦି କିମ୍ବା ଆଶା ଦିଦିଙ୍କ ପାଖରେ କୌଣସି ତଥ୍ୟ ନଥିବା ଆଶ୍ଚର୍ଯ୍ୟ ଜନକ। ସେପଟେ ମହରାପଦର ସରପଞ୍ଚ ଏହି ସମ୍ପର୍କରେ ଜାଣିନଥିବା କହିଥିବାବେଳେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହ ଶୀଘ୍ର ଯୋଗାଯୋଗ କରି ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି। ଦୂଷିତ ଜଳଯୋଗୁଁ ଲୋକେ ଯନ୍ତ୍ରଣା ଭୋଗୁଥିବା ପ୍ରସଙ୍ଗରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ମୁଁ ୩ ମାସ ହେଲା ଅଫିସ ରେ ଯୋଗଦେଇଛି ମୋ ପାଖକୁ ସେମିତି କିଛି ଅଭିଯୋଗ ଆସିନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଦଶ ବର୍ଷ ହେବ ଗାଁ ମାନଙ୍କରେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେବି ଅନେକ ଚିକିତ୍ସିତ ହେଉଛନ୍ତି କିନ୍ତୁ ପ୍ରଶାସନ ପାଖରେ ଖବର ନାହିଁ କିପରି ? ନା ଜାଣିଶୁଣି ନିରବଦ୍ରଷ୍ଟା ସାଜିଛନ୍ତି। ତେବେ ଏହି ରୋଗରେ ସଂଖ୍ୟାଧିକ ଭାବେ ଲୋକେ ଆକ୍ରାନ୍ତ ହେବାର କାରଣ ଖୋଜିବା ସହିତ ଏହାର ନିରାକରଣ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ତୁରନ୍ତ ପଦକ୍ଷେପ ନିଆ ଯିବାକୁ ସ୍ଥାନୀୟ ଜନସାଧାରଣ ଦାବିକରିଛନ୍ତି। ଖପ୍ରାଖୋଲ ବ୍ଲକରେ କାର୍ଯ୍ୟକ୍ଷମ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଏଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନ ପ୍ରତିନିଧି ମାନେ ମତ ପ୍ରକାଶ କରିଛନ୍ତି। ତେବେ କେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଦେଖାଦେଇଥିବା ଅସୁବିଧା ଦୂର କରୁଛି ତାହା ଦେଖିବାକୁ ବାକି ରହିଲା।







### ସରକାରୀ ସ୍କୁଲ ଜମିରେ ବେଆଇନ ନିର୍ମାଣ

# ଲକ୍ଷାଧିକ ଟଙ୍କା ହଡ଼ପ, କାର୍ଯ୍ୟାନୁଷ୍ଠାନ କେବେ ?




**କଣ୍ଟାବାଞ୍ଜି (ବିନୋଦ ସିଂ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ରାଷ୍ଟ୍ରୀୟ ହିନ୍ଦୀ ବିଦ୍ୟାଳୟ ଭଳି ଶିକ୍ଷା ଅନୁଷ୍ଠାନ ଜମିରେ ବେଆଇନ ନିର୍ମାଣ ହୋଇଥିବା ୩୭ଟି ବ୍ୟବସାୟିକ ଷ୍ଟାଲ ରୁ ଆସୁଛି ଲକ୍ଷ ଲକ୍ଷ ଟଙ୍କା କିନ୍ତୁ ସ୍କୁଲକୁ ଯାଉନି, ଅଥବା ସ୍କୁଲ ଉନ୍ନତିରେ ବ୍ୟବହାର ହେଉ ନାହିଁ। ଯେତେବେଳେ ଜଣେ ଛାତ୍ରଙ୍କ ମାନସିକ ଓ ସାରରିକ ବିକାଶ ପାଇଁ ପ୍ରାଥମିକ ଶିକ୍ଷାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ ହେଲେ ଛାତ୍ରଙ୍କ ବିକାଶରେ ବାଧକ ହୋଇଛନ୍ତି ବେଆଇନ ନିର୍ମାଣକାରି। ସ୍କୁଲ ଜମିରେ ଲକ୍ଷାଧିକ ଟଙ୍କା ରୋଜଗାରକାରୀଙ୍କ ଉପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ ? ଆଜିର ଛାତ୍ର ଭବିଷ୍ୟତର ଭାରତ ଗଢ଼ିବ ଭଳି ଆଶା ରହିଥିଲେ ସୁଦ୍ଧା ପ୍ରାଥମିକ ଛାତ୍ରଙ୍କ ଭବିଷ୍ୟତ ସହ ଖେଳ କାହିଁକି ? ସରକାରୀ ବିଦ୍ୟାଳୟ ଭବନ ଜର୍ଜର ହୋଇ ଶିଶୁଛାତ୍ରଙ୍କ ଜୀବନ ପ୍ରତି ବଡ଼ ବିପଦର ସଂକେତ କରୁଛି। ରାଜ୍ୟ ସରକାର ଖେଳ ଜଗତରେ ପ୍ରୋତ୍ସାହାନ ପାଇଁ ହକି ଓ ଇଣ୍ଡୋର ଷ୍ଟାଡ଼ିୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଏହି ପ୍ରାଥମିକ ବିଦ୍ୟାଳୟର ଶିଶୁ ଛାତ୍ରଙ୍କ ପାଇଁ ସାଧାରଣ ଖେଳ ପଡ଼ିଆର ଅଭାବ, ଜଙ୍ଗଲରେ ପରିଣତ ହୋଇଯାଇଛି ଖେଳ ପଡିଆ। ଅନେକ କୀଟ ପତଙ୍ଗ ଓ ସରୀସୃପ ପ୍ରାଣୀଙ୍କଠାରୁ ଭୟ ଅଲଗା। ଶିଶୁଛାତ୍ରଙ୍କ ଉନ୍ନତିରେ ବାଧକ ଓ ଉଜ୍ୱଳ ଭାରତ ନିର୍ମାଣରେ ସହଯୋଗୀ ରହିଥିବା ଆଜିର ଶିଶୁଛାତ୍ରଙ୍କ ଭବିଷ୍ୟତ ସହ ଖେଳ କାହିଁକି ? ସ୍କୁଲ ଜମିରେ ବେଆଇନ ନିର୍ମାଣ ଉପରେ ଜିଲ୍ଲା ପ୍ରଶାସନ ଓ ୫ଟିଙ୍କ କାର୍ଯ୍ୟାନୁଷ୍ଠାନ କେବେ ?

# କେନ୍ଦୁଝରର ଜଙ୍ଗିରା ପଞ୍ଚାୟତରେ ମନରେଗା ଦୁର୍ନୀତି
# ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରର ଜଙ୍ଗିରା ଗ୍ରାମ ପଞ୍ଚାୟତରେ ମନରେଗା ଯୋଜନାରେ ଦୁର୍ନୀତିକୁ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ସହ ଗତ ୩ ବର୍ଷ ମଧ୍ୟରେ ହୋଇଥିବା ସମସ୍ତ କାମର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମନରେଗା ଯୋଜନାରେ କୋଟି କୋଟି ଟଙ୍କା ବର୍ଷକୁ ଖର୍ଚ୍ଚ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ବାସ୍ତବରେ ସେ ସବୁ କାମ ନ ହୋଇ ମଧ୍ୟ ମଷ୍ଟରରୋଲ ପ୍ରସ୍ତୁତ କରାଯିବା ସହ ବିଭିନ୍ନ ଲୋକଙ୍କ ନାମରେ ଜବକାର୍ଡ ପ୍ରସ୍ତୁତ କରାଯାଇ କାମ କରୁନଥିବା ଲୋକଙ୍କ ନାମରେ ମନରେଗା ଅର୍ଥ ହରିଲୁଟ କରାଯାଉଛି। ଜଙ୍ଗିରା ଗ୍ରାମ ପଂଚାୟତରେ ହେଉଥିବା କାମର ସାମାଜିକ ସମୀକ୍ଷା ଏବଂ ଅଡିଟ୍ ହେଉନଥିବାରୁ ଏହି ଦୁର୍ନୀତି ଲୋକଲୋଚନକୁ ଆସିପାରୁନଥିବା ଗ୍ରାମବାସୀମାନେ କହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ଜଙ୍ଗିରା ଗ୍ରାମରେ ଝାଟିଆଳି ଠାରେ ମନରେଗା ଅନୁଦାନରେ ଫିଲ୍ଡ ବଣ୍ଡ କାର୍ଯ୍ୟ ହୋଇଥିଲା। ୨୦୨୨-୨୩ ମସିହାରେ ସେହି କାର୍ଯ୍ୟକୁ ଦେଖାଇ ଉଭୟ ଆଇଟିଡିଏ ଓ ଗ୍ରାମ ପଂଚାୟତ ରେ ଯଥାକ୍ରମେ ୬ଲକ୍ଷ ୩୬ହଜାର ୩୫୬ ଟଙ୍କା ଏବଂ ୩ ଲକ୍ଷ ୨୯ହଜାର ୬୭୦ ଟଙ୍କା ସମ୍ପୂର୍ଣ୍ଣ ଭାବେ ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଜଙ୍ଗିରା ପଂଚାୟତ ଅନ୍ତର୍ଗତ ହାତୀବାରୀ ସାହି ରେ କୋର୍ଡ ନଂ ୨୪୦୩୦୦୨/୨୦୨୨-୨୩ ମସିହାରେ ୩ଲକ୍ଷ ୧୦ ହଜାର ୮୮୦ ଟଙ୍କା ବ୍ୟୟ ଅଟକଳରେ ମରୁଡି ପ୍ରତିହତ ପାଇଁ ଜଳ ସଂରକ୍ଷଣ ପ୍ରକଳ୍ପ, କୋର୍ଡ ନଂ ୨୪୦୩୦୦୨/୨୦୨୦-୨୦୨୧ ରେ ଆରଆଇ ଅଫିସ ଠାରୁ ରାଧାରମଣ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକଣ ବାବଦରେ ୩ଲକ୍ଷ ୮୦ ହଜାର ୬୧୦ ଟଙ୍କା, ଏବଂ କୋର୍ଡ ନଂ ୨୪୦୩୦୦୨୦୧୩/ଆ।ର ସି / ୧୦୫୨୦୪୬୪ ରେ ଜଙ୍ଗିରା ହାଟକୁ ସଂଯୋଗ କରୁଥିବା ରାସ୍ତା ଏବଂ ହାଟ ଭିତର ରାସ୍ତା ପାଇଁ ୪ ଲକ୍ଷ ୩୮ ହଜାର ୮୯୪ ଟଙ୍କାରେ ବ୍ୟାପକ ଅନୀୟମିତତା ହୋଇଥିବା ଗ୍ରାମବାସୀମାନେ କହିଛନ୍ତି। ସେହିପରି କୋର୍ଡ ନଂ ୨୪୦୩୦୦୨/୨୦୨୨-୨୩/୪୨୫୦୯ ରେ ପାଟୁଳିକଠା ଗ୍ରାମ ପୋଖରୀ ପୁନଃରୁଦ୍ଧାର ଗାଁ ଲୋକମାନେ ବ୍ୟକ୍ତିଗତ ଚାନ୍ଦା ଆଦାୟ କରି କାର୍ଯ୍ୟ କରିଛନ୍ତି। କିନ୍ତୁ ଏହି କାମକୁ ଗ୍ରାମର କେତେକ ଲୋକ ଏବଂ ସରକାରୀ କର୍ମଚାରୀ ମିଶି ମନରେଗା ଯୋଜନାରେ ୧ଲକ୍ଷ ୨୪ହଜାର ୯୮୬ ଟଙ୍କା ଉଠାଇ ନେଇଥିବା ଅଭିଯୋଗର ତଦନ୍ତ ଦାବୀ ହୋଇଛି। କୋର୍ଡ ନଂ ୨୪୦୩୦୦୨/୨୦୨୧-୦୨୨୧୪୨୧୮୬ ରେ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଢିପାସାହି ରାସ୍ତାରେ ମୋ ପୋଖରୀ ଯୋଜନାରେ ଖୋଳାଯାଇଥିବା ଏକ ପୋଖରୀରୁ ଟ୍ରାକ୍ଟରରେ ୪୦ରୁ ୫୦ ଟ୍ରିପ ପଙ୍କ ମାଟି ଏହି ରାସ୍ତାରେ ପକାଇ ୩ଲକ୍ଷ ୬ହଜାର ୩୬୦ ଟଙ୍କା ହଡପ କରାଯାଇଥିବା ଏବଂ ଏହି ରାସ୍ତା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବା ଗ୍ରାମବାସୀ ଙ୍କ ଠାରୁ ସୂଚନା ମିଳିଛି। କୋର୍ଡ ନଂ ୨୪୦୩୦୦୨/୨୦୨-୨୦୨୧/୩୮୩୮୭୯ ରେ ଆର.ଡି ରାସ୍ତା ଠାରୁ କ୍ରସର ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଜଣେ ବ୍ୟବସାୟୀଙ୍କ ହିତ ପାଇଁ କରାଯାଇଥିବା ଗ୍ରାମବାସୀ କହିଛନ୍ତି। କ୍ରସରକୁ ଯିବା ପାଇଁ ସରକାରୀ ଅର୍ଥରେ ୩ଲକ୍ଷ ୯୪ ହଜାର ୪୨୦ ଟଙ୍କା ଖର୍ଚ୍ଚ କରାଯାଇଥିବାରୁ ଗ୍ରାମବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରିଛନ୍ତି। କୌଣସି କାମରେ ଫଳକ ଲାଗିନଥିବାରୁ କେଉଁ ପ୍ରକଳ୍ପରେ କେତେ କାମ ହୋଇଛି ତାହାର ସୂଚନାକୁ ଜାଣି ଶୁଣି ଗୁପ୍ତ ରଖାଯାଉଅଛି । ଫଳରେ ଏହି ପଂଚାୟତରେ ଲୋକଙ୍କୁ ଅନ୍ଧାରରେ ରଖି ଅନେକ ପ୍ରକଳ୍ପରେ ଲକ୍ଷାଧିକ ଟଙ୍କା ହରିଲୁଟ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଆବଶ୍ୟକ ଦୃଢ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଦାବୀ କରିଛନ୍ତି।

## ଦୁର୍ଘଟଣାରେ ମୃତକ ପରିବାରଙ୍କୁ ସହାୟତା ପାଇଁ ଦାବି

ଟିଟିଲାଗଡ଼, (ପିପିଏସ୍): ଗତ କିଛି ଦିନ ତଳେ କଳାହାଣ୍ଡି ଜିଲା ସେଁପୁର ଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୃତକ ତିନି ଜଣଙ୍କ ପରିବାରଙ୍କୁ ଟିଟିଲାଗଡ ଉପଜିଲାପାଳ ୧୦ ହଜାର ଟଙ୍କା ଲେଖାଏଁ ରେଡକ୍ରସ ସହାୟତା ରାଶି ପ୍ରଦାନ କରିଛନ୍ତି। ମୃତକ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ପିଣ୍ଟୁ ବଗର୍ତ୍ତି, ଧର୍ମେନ୍ଦ୍ର ବଗର୍ତ୍ତି ଏବଂ ମୁରିବାହାଲ ବ୍ଲକ ଅନ୍ତର୍ଗତ ଅମର ନାଗଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏନେଇ ଯାଦବ ମହାସଭା ଆଇନ ପରାମର୍ଶଦାତା କମିଟି ସଭାପତି ମନୋଜ ହାତୀ, ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ ଉପଜିଲାପାଳଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେହିପରି ତେଲେଙ୍ଗାନା ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଏକ ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଟିଟିଲାଗଡ ବ୍ଲକ ବାଞ୍ଜିଝାଲ ଗ୍ରାମର ଶ୍ରମିକ ଡୋଲେଶ୍ୱରୀ ମାଝୀଙ୍କ ପତ୍ନୀ ମଞ୍ଜୁଲତା ଭୋଇଙ୍କ ବିଧବା ଭତ୍ତା ଉପଜିଲାପାଳ ତୁରନ୍ତ ମଞ୍ଜୁର କରିବା ସହ ୬ହଜାର ଟଙ୍କାର ସରକାରି ଭତ୍ତା ମଞ୍ଜୁର କରିଛନ୍ତି। ଏନେଇ ଶଗଡଘାଟ ନାଏବ ସରପଞ୍ଚ କିସ୍ମତ ମାଝୀ, ସମାଜସେବୀ ମୁକେଶ ପ୍ରଧାନୀ ଉପଜିଲାପାଳଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ବଡ ରାଧାକାନ୍ତ ମଠ ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ମଞ୍ଚର ଏକ ସାଧାରଣ ବୈଠକ ମଞ୍ଚର ସଭାପତି ଲକ୍ଷ୍ମୀ ନୃସିଂହ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ମଞ୍ଚ ଉପଦେଷ୍ଟା ଶିବରାମ କ୍ରିଷ୍ଣା, ସମ୍ପାଦକ ହରୀମୋହନ ପଟ୍ଟନାୟକ, ଉପସଭାପତି ଶ୍ରୀରାମଚନ୍ଦ୍ର ପାଢ଼ୀ, ସମୀକ୍ଷକ ଜଗଦୀଶ ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ । କୋଷାଧକ୍ଷ ଙ୍କ ଅନୁପସ୍ଥିତ ରେ ସଂପାଦକ ବିବରଣୀ ପାଠ କରିଥିଲେ । ଦିବଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା ।ସଦସ୍ୟ ମାନେ ଜିଲ୍ଲା ପ୍ରଶାସନ କୁ ଗୃହ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଏକ ଦଳ ଯାଇ ଏସପି ଓ ଜିଲ୍ଲାପାଳଙ୍କୁ ଦେଖା କରି ଟ୍ରାଫିକ ସମସ୍ୟା , ଯୋଗୁଁ ହଇରାଣ ହେଉଥିବବା ନାଗରିକଙ୍କ କଷ୍ଟ ,ପୋଲିସ ପରିଚୟ ପତ୍ରପ୍ରଦାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିବେ ।ସୀତା ସାଗର ଓ ରାମ ସାଗର ର ସୌନ୍ଦର୍ଯ୍ୟ କରଣ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଗଲା । ଫରେଷ୍ଟ ଗେଟ ଠାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଘୋଡ଼ା ଚଢ଼ା ପ୍ରତିମୂର୍ତ୍ତିର ସ୍ଥାପନ ପାଇଁ ପୂର୍ବରୁ ଦିଆ ଯାଇ ଥିବା ପ୍ରତିଶୃତି କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଗଲା ।ଦୁଇ ଜଣ ବର୍ଷିୟନ ବରିଷ୍ଠ ନାଗରିକ ଶ୍ରୀ ରବୀନ୍ଦ୍ର ଦାସ ଓ ହରେ କୃଷ୍ଣ ପାତ୍ର ଙ୍କୁ ସମ୍ମାନ ପ୍ରଦାନ କରାଯାଇଛି । କେନ୍ଦ୍ର ରେଳ ମନ୍ତ୍ରୀ ଙ୍କୁ ଗୁଣୁପୁର ଠାରୁ ହାଇଦ୍ରାବାଦ ଓ ହାଓ୍ୱ ଡା କୁ ଟ୍ରେନ ଏକ୍ସପ୍ରେସ ଚଳାଇବାକୁ ଅନୁରୋଧ କରାଗଲା ।ଶେଷରେ ଉପସଭାପତି ଶ୍ରୀ ରାମଚନ୍ଦ୍ର ପାଢ଼ୀ ସମସ୍ତ ସଦସ୍ୟ ଓ ସଦସ୍ୟା ତଥା ମଠ ର ପରିଚାଳକ ମାନ ଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ସଭା କୁଶ୍ରୀ ସତ୍ୟବାଦୀ ପାତ୍ର, ଲବଜେନା ଆଦି ପରିଚାଳନା କରିଥିଲେ ।

# ବାର୍ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଟିଟିଲାଗଡ଼, (ପିପିଏସ୍): ୨୫ରେ ଟିଟିଲାଗଡ ବାର୍ ସଂଘର ନିର୍ବାଚନ ସମ୍ପନ୍ନ ହୋଇଥିବା ବେଳେ ନିର୍ବାଚିତ ପଦାଧିକାରୀଙ୍କ ଶପଥ ଗ୍ରହଣ ଉତ୍ସବ ବାର୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ରବିକିରଣ ସାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନିର୍ବାଚନ ଅଧିକାରୀ ଦାୟିତ୍ୱ ସମ୍ପନ୍ନ କରିଥିବା ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡା ନବ ନିର୍ବାଚିତ ପଦାଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ସଂଘର ନୂତନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ମହେଶ ମହାନ୍ତି, ଯୁଗ୍ମ ସମ୍ପାଦକ ମକରଧ୍ୱଜ ବାଗ, ଉପସଭାପତି ବିଦ୍ୟାଧର ଭରାସାଗର, କୋଷାଧକ୍ଷ ବେଦପ୍ରକାଶ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ନାୟକ, ଦୀପକ ରଞ୍ଜନ ବାଗ, ଜୟନ୍ତ ପଣ୍ଡା, ମନୋଜ ହାତୀ, ପ୍ରଦୀପ ମହାପାତ୍ର, ପ୍ରିତମ ନାଗ, ଶ୍ୟାମପ୍ରସାଦ ଗରିଆ ପ୍ରମୁଖ ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ ହେବାକୁ ଶପଥ ପାଠ କରିଥିଲେ। ଏନେଇ ଅନୁଷ୍ଠିତ ସଭାରେ ନୁତନ ସଭାପତି ଶ୍ରୀ ସାହୁ ସମାଜରେ ଜ୍ଞାନୀଗୁଣୀ ଭାବରେ ଆଇନଜୀବୀଙ୍କ ପ୍ରତି ଅଶେଷ ସମ୍ମାନ ରହିଛି। ସମାଜ ଆଇନଜୀବୀଙ୍କ ଠାରୁ ଅନେକ ଆଶା ଭରସା ରଖିଛି। ତେଣୁ ସମାଜର ପ୍ରତ୍ୟେକ ବର୍ଗଙ୍କୁ ନ୍ୟାୟ ପ୍ରଦାନ, ସମାଜର ଆକାଙ୍କ୍ଷା ପ୍ରତି ଯତ୍ନବାନ ସହ ତାହା ପୁରଣ କରିବାକୁ ଆମର ଭୁମିକା ରହିଥିବା ସେ କହିଥିଲେ। ବିଭିନ୍ନ ପ୍ରସଙ୍ଗରେ ସମାଜର ଅବହେଳିତ ବର୍ଗଙ୍କ ଉତଥାନ, ଅନ୍ୟାୟ, ବିକାଶ ପାଇଁ ବାର ସଦସ୍ୟ ସ୍ୱର ଶାଣିତ କରିବା ଆମ ଧ୍ୟେୟ ହେଉ ବୋଲି ବିଭିନ୍ନ ପ୍ରସଙ୍ଗ ଉତଥାପନ ସହ ବାର ସଭାପତି ଆହ୍ୱାନ କରିଥିଲେ। ଯୁଗ୍ମ ସମ୍ପାଦକ ଶ୍ରୀ ବାଗ ତଥା ଆଇନଜୀବୀ ଚନ୍ଦ୍ରମା ନାଥ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାରର ବରିଷ୍ଠ ସଦସ୍ୟ ରାଧେଶ୍ୟାମ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ବାବୁ, ରାଜେନ୍ଦ୍ର ମିଶ୍ର, ରାଜୀବ ପଟ୍ଟନାୟକ, ସନ୍ତୋଷ ପ୍ରଧାନ, ମହମ୍ମଦ ମୁମତାଜ ଖାନ, ଗଜାନନ ମିଶ୍ର, ସୁରେନ ପଣ୍ଡା, ସଞ୍ଜିବ ପାଢୀ, ଦେବେନ୍ଦ୍ର ମିଶ୍ର, ହନୁମାନ ବୀର କର୍ଣ୍ଣ, ରାଜେଶ ବାବୁ, ଟିପକାରି ବେହେରା, ସୁମନ୍ତ ସାହୁ, ରୁପେଶ ରାଜୁ, ଜୟରାଜ ସାହୁ, ତନୟ ଠାକୁର, ଭୋଲାଶ୍ରୀ ନନ୍ଦିନୀ ରଞ୍ଜନ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେଲର ଚାପାରେ ଶିଶୁକନ୍ୟା ମୃତ
# ଟ୍ରେଲର ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

ଚମ୍ପୁଆ: ସୀମାନ୍ତ ଚମ୍ପୁଆ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟ ଜୟନ୍ତିଗଡ ଠାରେ ଟ୍ରେଲର ଚାପାରେ ଏକ ଚାରି ବର୍ଷିୟା ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା - ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ବୈତରଣୀ ପୋଲ ନିକଟରେ ଜୟନ୍ତିଗଡର ଜିତୁ ବେହେରାଙ୍କ ଚାରି ବର୍ଷର ଶିଶୁକନ୍ୟା ତା ମା ସହ ଚାଲି ଚାଲି ଚମ୍ପୁଆ ଆସୁଥିଲା। ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରେଲର ଗାଡି ନମ୍ବର ଏନଏଲ ଓଆଇଜି-୮୭୬୩ ଶିଶୁକନ୍ୟା ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଟ୍ରେଲର ଧକ୍କାରେ ଶିଶୁ କନ୍ୟାର ମା ମଧ ଆହତ ହୋଇଥିବା ଜଣାପଡିଛି। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିବା ବେଳେ ଉତ୍ତ୍ୟେକ୍ତ ଲୋକେ ଟ୍ରେଲରଟିକୁ ନିଆଁ ଲଗାଇ ଦେଇଥିବା ଜଣାପଡିଛି । ଟ୍ରେଲରଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ଉତ୍ତ୍ୟେକ୍ତ ଲୋକେ ରାସ୍ତା ରୋକ କରିଥିବା ବେଳେ ଖବର ପାଇ ଜଗନ୍ନାଥପୁର ପୋଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅଗ୍ନିଶମ ବିଭାଗ ଆସି ଗାଡ଼ିରୁ ନିଆଁ ଲିଭାଇଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତେଜନା ଲାଗି ରହିବା ସହ ରାସ୍ତାରୋକ ଜାରି ରହିଥିବା ଦେଖାଯାଇଛି ।

# ୮କୋଟି ଠକେଇ ମାମଲା : ତତ୍କାଳୀନ ଡେପୁଟି ମ୍ୟାନେଜର ଗିରଫ

ଫୁଲବାଣୀ: ଫୁଲବାଣୀ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରେ ହୋଇଥିବା ଆଠ କୋଟି ଟଙ୍କାର ଠକେଇ ମାମଲାରେ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା ଜଣେ ବ୍ୟାଙ୍କ ଅଧିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସଂପୃକ୍ତ ଅଧିକାରୀ ଜଣକ ହେଲେ ଫୁଲବାଣୀ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ତତ୍କାଳୀନ ଡେପୁଟି ମ୍ୟାନେଜର ତଥା ଫିଲଡ ଅଫିସର ଆଶୁତୋଷ ଆଚାର୍ଯ୍ୟ। ଇଓଡବ୍ଲ୍ୟୁ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୧/୨୨ ମସିହାରେ ଆଶୁତୋଷ ନିଜ ପଦବୀର ଅନୈତିକ ଫାଇଦା ଉଠାଇ ବିଭିନ୍ନ ବ୍ୟକ୍ତିଙ୍କ ନାମରେ ପ୍ରାୟ ୮ କୋଟି ଟଙ୍କାର ଋଣ ବେଆଇନ ଭାବେ ମଞ୍ଜୁର କରିଥିଲେ। ପରେ ଏ ସମସ୍ତ ଋଣ ଅର୍ଥକୁ ସେ ନିଜ ସମ୍ପର୍କୀୟମାନଙ୍କ ଆକାଉଂଟକୁ ଟ୍ରାନ୍ସଫର କରି ହଡ଼ପ କରିଥିଲେ। ସବିଶେଷ ତଥ୍ୟ ଅନୁଯାୟୀ, ଅଭିଯୁକ୍ତ ଆଶୁତୋଷ ୫୯ ଜଣଙ୍କ ନାମରେ ସରକାରୀ ଚାକିରିଆମାନଙ୍କ ପାଇଁ ଉର୍ଦ୍ଧିଷ୍ଟ ଏକ୍ସପ୍ରେସ କ୍ରେଡିଟ ଲୋନ ମଞ୍ଜୁର କରିଥିଲେ। ଯାହାର ପରିମାଣ ଥିଲା ୬ କୋଟି ୭୭ ଲକ୍ଷ ୩୦ ହଜାର ଟଙ୍କା। ସେହିଭଳି ସେ ୨୬ ଜଣଙ୍କ ନାମରେ ୯୯ ଲକ୍ଷ ୮୨ ହଜାର ୭୯୫ ଟଙ୍କାର ପେନସନ ଋଣ ମଞ୍ଜୁର କରିଥିଲେ। ଏହିଭଳି ଭାବେ ସମୁଦାୟ ୮ କୋଟି ୧ ଲକ୍ଷ ୮୭ ହଜାର ଟଙ୍କା ଋଣ ମଞ୍ଜୁର କରାଯାଇ ଥିଲା, ଯାହାକି ପରବର୍ତ୍ତୀ ସମୟରେ ଆଶୁତୋଷ ନିଜ ଘରଲୋକଙ୍କ ଆକାଉଂଟକୁ ପଠାଇ ଦେଇଥିଲେ। ତେବେ ଋଣ ମଞ୍ଜୁର କରାଯାଇଥିବା ବ୍ୟକ୍ତି ମାନେ ସରକାରୀ ଚାକିରିଆ କିମ୍ବା ପେନସନ ଭୋଗୀ ନଥିବା ପରେ ଜଣାପଡିଥିଲା। ଏ ନେଇ ଅଭିଯୋଗ ହେବା ପରେ ଆଶୁତୋଷଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାରେ ଏନେଇ ୧୪/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ତଦନ୍ତରୁ ଘଟଣାର ସତ୍ୟତା ଜଣା ପଡିବା ପରେ ଅଭିଯୁକ୍ତ ଆଶୁତୋଷଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ରାୟଗଡ଼ା ଜିଲ୍ଲା ବିଷମକଟକରେ ସର୍ବାଧିକ ୪୮.୪ ମି.ମି. ବର୍ଷା ରେକର୍ଡ଼

ରାୟଗଡ଼ା(ପିପିଏସ୍): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର ରାୟଗଡ଼ା ଜିଲ୍ଲାର ବିଷମକଟକରେ ସର୍ବାଧିକ ୪୮.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ରାୟଗଡ଼ା ଜିଲ୍ଲାର ପଦ୍ମପୁରରେ ୩୩.୫ ମି.ମି., କୋରାପୁଟ ଜିଲ୍ଲାର ସିମିଳିଗୁଡ଼ାରେ ୨୭.୦, ରାୟଗଡ଼ା ଜିଲ୍ଲାର ଆର. ଗୁଡାରେ ୨୬.୦, ରାୟଗଡ଼ାରେ ୨୫.୫, କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡାରେ ୧୮.୬, ଗଜପତି ଜିଲ୍ଲାର ନୂଆଗଡ଼ରେ ୧୮.୨, ଗଜପତି ଜିଲ୍ଲାର ଗୁମ୍ମାରେ ୧୬.୦ ଏବଂ କୋରାପୁଟ ଜିଲ୍ଲାର ପଟାଙ୍ଗିରେ ସର୍ବନିମ୍ନ ୧୩.୧ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆଜି ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ଶିଶୁମନ୍ଦିରର ଶିଶୁବାଟିକା ବିଭାଗରେ ପ୍ରଥମ ଦିନୋତ୍ସବ ପାଳିତ

ବଲାଙ୍ଗିର (ହି.ସ.): ବଲାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡ଼ା ଶିଶୁ ବାଟିକା ବିଭାଗରେ ଶିଶୁପ୍ରାରମ୍ଭ ଶ୍ରେଣୀରେ ନାମ ଲେଖାଇଥିବା ଶିଶୁଙ୍କର ପ୍ରଥମ ଦିନୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଯଜ୍ଞ କରାଯାଇ ଶିଶୁଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୧୦ ଜଣ ଶିଶୁ ତଥା ତାଙ୍କର ଅଭିଭାବକ ଯୋଗଦାନ କରିଥିଲେ। ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଶିଶୁବାଟିକା ପ୍ରମୁଖ ଶ୍ରୀମତୀ ବିଦ୍ୟୁତରେଖା କର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଂପାଦକ ସୁରେନ୍ଦ୍ର ତ୍ରିପାଠୀ, ଉପସଭାପତି ବିରେନ୍ଦ୍ର ଧରୁଆ, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ ହୋଇଥିଲା।

# ଭେଙ୍କଟେଶ୍ୱରା ସ୍ୱାମୀଙ୍କ ୨୩ତମ ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି, (ପିପିଏସ୍): କାଶିନଗରଠାରେ ଭେଙ୍କଟେଶ୍ୱରା ସ୍ୱାମୀଙ୍କ ୨୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବରିଷ୍ଠ ନେତା ତଥା ହାଇଟେକ୍ ଗ୍ରୁପ ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧକ୍ଷ ଗବରା ତିରୁପତି ରାଓ, କାଶିନଗର ବ୍ଲକ ଅଧକ୍ଷା ବାଲ୍ଲୁ ସାୟମ୍ମା, ବିଜେଡ଼ି ରାଜ୍ୟସମ୍ପାଦକ ବସନ୍ତ ଦାସ , କାଶିନଗର ବ୍ଲକ ବିଜେଡ଼ି ସଭାପତି ଅଖିଳ ପାତ୍ର, ଜୁବନେତା ଜି. ବିଜୟ କୁମାର,



ଭାରତ ଭୂଷଣ ମହାନ୍ତି, ଆର. ଜନର୍ଦ୍ଦନ ରାଓ, ସ୍ଥାନୀୟ କାଉନ୍ସିଲର ଏବଂ ସ୍ଥାନୀୟ ନେତା ଓ ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ।

# ଜୟପୁରରେ ଭାରତୀୟ ଜନତା ପାର୍ଟିର ୪୪ତମ ପ୍ରତିଷ୍ଠା ଦିବସ ପାଳିତ

ଜୟପୁର: ବିଜେପି ଦଳର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ୪୨ବର୍ଷ ତଳେ ଆଜିର ଦନରେ ଅର୍ଥାତ ୬ ଏପ୍ରିଲ ୧୯୮୦ରେ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ସମେତ ୧୧ ଜଣ ନେତା ମିଶି ମୁମ୍ବାଇର ସମୁଦ୍ର କୂଳରେ ଭାରତୀୟ ଜନତା ପାର୍ଟିର ସ୍ଥାପନା କରିଥିଲେ। ଏନେଇ ଜୟପୁର ପାଓ୍ୱାର ହାଉସ ଠାରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଜୟପୁର କଲ୍ୟାଣ ମଣ୍ଡପ ରେ ପହଂଚିଥିଲା। ସେଠାରେ ବୈଠକ ଅନୁଷ୍ଠିତ ହୋଇଛି। ବିଜେପିର ଛବି କେବଳ ଏକ କଠୋର ହିନ୍ଦୁତ୍ୱବାଦୀ ଦଳରେ ସୀମିତ ରହିନାହିଁ। ବିଜେପିର ପୂର୍ବ ସ୍ୱରୂପ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଦୀନଦୟାଲ ଉପାଧ୍ୟାୟଙ୍କର ଯେଉଁ ମନ୍ତ୍ର ଥିଲା ଅନ୍ତୋଦୟ ସେହି ରାସ୍ତାରେ ଚାଲିଛନ୍ତି ଆମ ପ୍ରିୟ ମୋଦି ସରକାରଙ୍କ ଆଜିର ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଜୟପୁର ର ବାରିଷ୍ଟ ନେତାଙ୍କ ସହଯୋଗରେ ଏକ ବିରାଟ ବାଇକ ରାଲି ର ଆୟୋଜନ କରାଯାଇଥିଲା। ଏହି ରାଲି ଜୟପୁର ପାଓ୍ୱାର ହାଉସ ଛକ ଠାରୁ ଆରମ୍ଭ ହୋଇ ଜୟପୁର ସହର ପରିକ୍ରମା କରିଥିଲା ଏହି ରାଲିରେ ଭାରତୀୟ ଜନତା ପାର୍ଟି ର କାର୍ଯ୍ୟକର୍ତା ଯୋଗଦାନ କରିଥିଲେ ତା ସହିତ ଆଜିର ଏହି ପ୍ରତିଷ୍ଠା ଦିବସରେ ଅନେକ ସ୍ଥାନୀୟ ଯୁବକ ମଧ ବିଜେପି ଦଳରେ ନୂତନ ସଦସ୍ୟ ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରସଙ୍ଗକୁ ନେଇ ବିଜେପି ଲୋକଙ୍କ ପାଖେ ଯିବ ବୋଲି ବିଜେପି ନେତା ଗୌତମ ସାମନ୍ତରାୟ କହିଛନ୍ତି।

## ଠିକାଦାରପଡ଼ାରେ ସୁନ୍ଦରାକାଣ୍ଡ ପାରାୟଣ

ବଲାଙ୍ଗିର, (ହି.ସ.): ଠିକାଦାର ପଡ଼ାରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବ୍ୟାସ ରୂପରେ ରମାକାନ୍ତ ପଣ୍ଡା ସୁନ୍ଦରାକାଣ୍ଡ ପାଠ କରିଥିଲା ବେଳେ ତାଙ୍କର ସହଯୋଗୀ ମାନେ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପାରାୟଣର କର୍ତ୍ତା ଥିଲେ ବିଜୟ ମିଶ୍ର ଓ ତାଙ୍କର ସହଧର୍ମିଣୀ ପ୍ରେମଲତା। ପୂଜା ପାଠ କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ପାରାୟଣରେ ଯୋଗଦାନ କରିଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକରେ ଶୋକ



ପାରଳାଖେମୁଣ୍ଡି, (ପିପିଏସ୍): ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପୂଣ୍ୟ କ୍ଷେତ୍ରର ସନ୍ଥ ସ୍ୱାମୀ ଭାସ୍କର ତୀର୍ଥ ତଥା ଲକ୍ଷ୍ମୀ ବାବାଙ୍କ ମାତା ଶଶୀକଳା ପଣ୍ଡା (୯୭) କର୍ମକ୍ଷେତ୍ର ପାରଳାଖେମୁଣ୍ଡି ସ୍ଥିତ ରାଧାଗୋବିନ୍ଦ ମଠ ଠାରେ ପରଲୋକ ହୋଇଯାଇଛି। ସେ ପାରଳାଖେମୁଣ୍ଡି ଓ ମହେନ୍ଦ୍ରଗିରି ଅଞ୍ଚଳର ଆଦିବାସୀ ମହିଳାମାନଙ୍କ ମଧ୍ୟରେ ଧର୍ମ ଭାବନା ଓ ଭାଗବତ ସେବାର ଭାବନା ସୃଷ୍ଟି କରିଥିଲେ। ବିଭିନ୍ନ ସ୍ଥାନରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା କରି ଭାଗବତ ସାଧନା ମାଧ୍ୟମରେ ଭାଗବତ ପ୍ରେମ, ଭକ୍ତି ତଥା ଜ୍ଞାନ ବୈରାଗ୍ୟର ଦୀପ ପ୍ରଜ୍ୱଳନ କରିଥିଲେ। ସାରସ୍ୱତ ସାଧାନ କରି ଅନେକ ପୁସ୍ତକ, ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଭକ୍ତି ସଂସଦ ତରଫରୁ ଅନେକଥର ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ରବିନ୍ଦ୍ର କୁମାର, ପୁତ୍ରବଧୁ ଲୀନା ଏବଂ ସୁପୁତ୍ର ସ୍ୱାମୀ ଭାସ୍କର ତୀର୍ଥ(ଲକ୍ଷ୍ମୀବାବା) ଉପସ୍ଥିତ ଥିଲେ। ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ନିଗମାନନ୍ଦ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରାଙ୍ଗ ଗୌଡ, ସାମାଜିକ ସମରସତା ଅନୁଷ୍ଠାନର ଜିଲ୍ଲା ସଭାପତି ନୃସିହ ଗଉଡ, ଓଡିଶା ସଙ୍କୀର୍ତ୍ତନ ମଣ୍ଡଳୀର ସଭାପତି ବିଜୟ ରାଉତଙ୍କ ସମେତ ପରଳା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମୃତ୍ୟୁ ଶରୀରକୁ ମହେନ୍ଦ୍ରଗିରି ସ୍ଥିତ ପର୍ଶୁରାମ କୁଣ୍ଡ ନିକଟର ଅସ୍ଥାୟୀ ଶ୍ମଶାନକୁ ଶେଷ କୃତ୍ୟ ସମ୍ପନ୍ନ ପାଇଁ ନିଆଯାଉ ଥିବାବେଳେ, ଲାଞ୍ଜିପଦର ଛକ ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସହ ସଂଘ ଚାଳକ ରାଧା କୃଷ୍ଣ ଜାନି, ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରସାଦ ଘଡାଇ, ଶବର ସାମାଜର ସମ୍ପାଦକ ଚନ୍ଦ୍ର ନାୟକ, ସାମ୍ବାଦିକ ସୌମ୍ୟ ରଂଜନ ପଟ୍ଟନାୟକ, ବି. କୃଷ୍ଣ ଚନ୍ଦ୍ର ପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକ ସୁରେନ୍ଦ୍ର ଦଳାଇ, କାଶୀ ଆଚାରୀ, ମନୁ ସାହୁ, ରାଜୁ ଆଚାରୀ, ଜିତୁ ଭୂୟା, ଚନ୍ଦ୍ର ଶେଖର ମଲିକ, ନିଲୁ ପାତ୍ର ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ପାରଳାଖେମୁଣ୍ଡି ସହରାଞ୍ଚଳର ବିଭିନ୍ନ ମହଲରେ ଦୁଖ ପ୍ରକାଶ ପାଇଛି । ସେ ଜଣେ ଧର୍ମ ପରାୟଣ ମହିଳା ଥିବା ସହ ସାମାଜିକ କାର୍ଯ୍ୟରେ ମଧ ଲିପ୍ତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚିତ୍ରକୋଣ୍ଡା ଡ଼ିଏଭି ଗୁରୁକୁଳର ବାର୍ଷିକ ଉତ୍ସବ

ମାଲକାନଗିରି: ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଡ଼ିଏଭି ଗୁରୁକୁଳ , ଗୁଡ଼ ମର୍ଣ୍ଣିଙ୍ଗ ପ୍ଲେ ସ୍କୁଲ ଓ ସାଇ ଡ୍ୟାନ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ର ସମ୍ପାଦକ ରାକେଶ ମହାରଣାଙ୍କ ଆହ୍ୱାନ କ୍ରମେ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଜ୍ୟୋତି ପ୍ରକାଶ ସେନାପତି, ସମ୍ମାନୀତ ଅତିଥିଭାବେ, ବିଦ୍ୟାଳୟର ସଭାପତି ବିଭୁତି ଭୂଷଣ ଖରା, ଚିତ୍ରକୋଣ୍ଡା ସରପଂଚ ହରି ମୋହନ ଖିଲ, ସାମାଜିକ କର୍ମୀ ତଥା ବରିଷ୍ଠ ନାଗରିକ ଦେବେନ୍ଦ୍ର ଦାଶ ଏବଂ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣ ପ୍ରସାଦ କର ଯୋଗ ଦେଇଥିଲେ। ଅତିଥିମାନେ ଉଚ୍ଚ ଆଶା, ଉଚ୍ଚ ଶିକ୍ଷା, ଉନ୍ନତ ମାନର ଶିକ୍ଷା, ବିଭିନ୍ନ ପ୍ରକାର ଶିକ୍ଷା, ଇଂରାଜି ଶିକ୍ଷା, ଉତମ ଗୁରୁ ଗ୍ରହଣ କରି ନିଜ କ୍ୟାରିୟର ଗଠନ କରି ଭବିଷ୍ୟତ ରେ ଉଚ୍ଚ ଅଭିଳାଷ ସହ ଉଚ୍ଚ ପଦବୀ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅଭିପ୍ରେରିତ କରିଥିଲେ ଏବଂ ସ୍ୱାଭିମାନ ଅଂଚଳର ଐତିହ୍ୟ, ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା କୁ ସଂରକ୍ଷଣ କରିବା ସହ ନିଜର, ଭାଷା, ଭୂମି ଓ ଭିତିକୁ ସର୍ବଦା ମନେରଖିବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ପ୍ରଗତି ବିବରଣୀ ଶିକ୍ଷୟିତ୍ରୀ ରିତା ମହାରଣା ପାଠ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଅଭିଭାଷଣ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ରୀଡ଼ା ତଥା ଶିକ୍ଷାରେ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଶେଷ କାର୍ଯ୍ୟକ୍ରମ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ବାର୍ଷିକ ଉତ୍ସବ କୁ ମନୋଭାରୀ ଉପଭୋଗ କରି କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ଡ଼ିଏଭି ଗୁରୁକୁଳ ବିଦ୍ୟାଳୟ ର ମିସ ରାଜଲକ୍ଷ୍ମୀ ଦାଶ, ସରସ୍ୱତୀ ଖରା, ଶୁଭସ୍ମିତା ତ୍ରିପାଠୀ, ମଞ୍ଜୁ ସାଗର, ମାନିନୀ ନାୟକ, ସୁମିତ୍ରା ନାୟକ, ପୁନମ ବାଘ ପରିଚାଳନା କରିଥିବା ବେଳେ ମିସ ସରସ୍ୱତୀ ଖରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଉଦ୍‌ଘାଟିତ

ଜୟପୁର: ଜୟପୁର ବ୍ଲକ ଅନ୍ତର୍ଗତ ପୁଟ୍ରା ଓ କଙ୍ଗାରେ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ଉଦଘାଟିତ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । ଉଦଘାଟନି କାର୍ଯ୍ୟକ୍ରମରେ ବିଧାୟକ ବାହିନିପତି ଙ୍କ ସହ ଜିଲା ଚିକିତ୍ସାଧିକାରି ଅରୁଣ ପାଢୀ, ଜିଲା ପରିଷଦ ସଭ୍ୟ ତପତୀ ପଟ୍ଟନାୟକ ଙ୍କ ସହ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

# ରାୟଗଡ଼ାରେ ମହିଳା ସଶକ୍ତିକରଣ ପାଇଁ ଆଇନ ସଚେତନତା କର୍ମଶାଳା



ରାୟଗଡା(ପିପିଏସ୍): ରାୟଗଡା ଜିଲ୍ଲା ସଦର ମହକୁମାଠାରେ ମହିଳା ସଶକ୍ତିକରଣ ପାଇଁ ସ୍ଥାନୀୟ ପଂଚାୟତ ସମିତି କାର୍ଯ୍ୟାଳୟର କନ୍‌ଫରେନ୍ସ ହଲ୍‌ରେ ୨ ଦିନିଆ ଆଇନ ସଚେତନତା କର୍ମଶାଳା ୟୁଏସ୍ କନ୍‌ସଲେଟ ଜେନେରାଲ ହାଇଦ୍ରାବାଦର ସହଯୋଗରେ ସ୍ୱାତି ଅନୁଷ୍ଠାନ ଦ୍ୱାରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୁଧବାର ଏହାର ଉଦ୍‌ଘାଟନ ହୋଇଥିବା ବେଳେ ଗୁରୁବାର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଛି । ୨ ଦିନ ଧରି ଏହି କାର୍ଯ୍ୟକ୍ରମରେ ସକାଳ ୧୦ରୁ ସଂଧ୍ୟା ୫ ଟା ପର୍ଯ୍ୟନ୍ତ ତାଲିମଦାତ୍ରୀମାନେ ତାଲିମ ଦେଇଛନ୍ତି। ସାଧନା ଫାଉଣ୍ଡେସନର ସମ୍ପାଦିକା ସୁଜାତା ମହାପାତ୍ର ମହିଳାମାନଙ୍କ ଅଧିକାର, ନିର୍ଯାତନାର ପ୍ରକାର ଭେଦ, ସମ୍ବିଧାନରେ ମହିଳାମାନଙ୍କ ପାଇଁ ଥିବା ନିୟମ ଧାରା, ମହିଳାମାନଙ୍କ ପାଇଁ ସରକାରୀ ସ୍ତରରେ ଥିବା ଆଇନର ଉପକାରିତା ସବୁ ଭିଡିଓ ଓ ପାଓ୍ୱାର ପଏଣ୍ଟ ମାଧ୍ୟମରେ ଦେଖାଇ ବୁଝାଇଛନ୍ତି। ଜଣେ ମହିଳା ନିର୍ଯାତନାର ଶିକାର ହେଲେ କିପରି ଆଇନ ସହାୟତା ନେଇ ନିଜକୁ ସୁରକ୍ଷା କରିପାରିବ ସେସବୁ ବୁଝାଇଛନ୍ତି। ଅଂଶ ଗ୍ରହଣକାରିଙ୍କ ମଧ୍ୟରେ ଗ୍ରୁପ ଆଲୋଚନା କରି ସରଳି କରଣ କରି ବୁଝାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ୨୨ ଜଣ ମହିଳା ଅଂଶଗ୍ରହଣ କରିଥିଲେ ଏଥିରେ କର୍ମଜୀବୀ ମହିଳା, ଛାତ୍ରୀ, ତୃଣମୂଳ ସ୍ତରରେ କାର୍ଯ୍ୟରତ ଆଶା ଦିଦି, ମହିଳାମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ମହିଳାମାନେ ସାମିଲ ଥିଲେ । ଏହି କର୍ମଶାଳା ଦ୍ୱାରା ମହିଳାମାନଙ୍କ ସାଧୀନ ଚେତନା ବୃଦ୍ଧି ହେବା ସହ ସାବଲମୀ ହେବାରେ ସହାୟକ ହେବବୋଲି ଅତିଥିମାନେ ମତ ଦେଇଛନ୍ତି। ଆବଶ୍ୟକ ପଡିଲେ ମହିଳାମାନଙ୍କ ପାଇଁ ଥିବା ଆଇନର ବ୍ୟବହାର କରି ମହିଳାମାନେ ନିଜର ଅଧିକାର ସାବ୍ୟସ୍ତ କରି ପାରିବେ । ଅପର ପକ୍ଷରେ ସହଯୋଗୀ ତାଲିମଦାତ୍ରୀ ଭାବେ ଶିବାନୀ ପାତ୍ର ପକ୍ସ ଆଇନ ବିଷୟରେ ବୁଝାଇବା ସହ କାର୍ଯ୍ୟ କ୍ରମକୁ ପରିଚାଳନା କରିଥିଲେ ପ୍ରଥମ ଦିନରେ ଏନସିସିର ଚେର ପର୍ସନ ମୁ ମୁଖାର୍ଜୀ, ସୁରକ୍ଷା ଅଧିକାରୀ କାମାକ୍ଷୀ ପାଢ଼ୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ଆଜି ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ମହିଳାମାନେ ପ୍ରଥମେ ସ୍ୱାବଲମ୍ବୀ ହେବା ନିହାତି ଜରୁରୀ କାରଣ କାହା ଉପରେ ନିର୍ଭର ଶିଳ ନ ହୋଇ ନିଜେ କିଛି କରିବା ଆବଶ୍ୟକ ନିଜେ ନିଜର ସୁରକ୍ଷା କରିବା ଦରକାର ସେଲ୍ଫ ଡ଼ି ଫେନ୍ସ ତାଲିମ ନେବାର ମଧ ଆବଶ୍ୟକତା ରହିଛି ଜାଣିଲେ ଜିଣିବା ବୋଲି ସେ କହିବା ସହ ଆତ୍ମନିର୍ଭର ଶିଳ ହେବାକୁ କହିଥିଲେ ଆଜିର କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଶିଶୁ ସୁରକ୍ଷା ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଅଂଶ ଗ୍ରହଣକାରିଙ୍କୁ ମାନପତ୍ର ସହ ମହିଳାମାନଙ୍କ ଆଇନ ସଚେତନତା ପାଇଁ ଏକ ବହି ମଧ୍ୟ ଅନୁଷ୍ଠାନ ତରଫରୁ ପ୍ରଦାନ କରାଯାଇଛି ଶେଷରେ ଶିବାନୀ ପାତ୍ର ଧନ୍ୟବାଦ ଅର୍ପଣ କରିଛନ୍ତି।

## ଅଂଶୁଘାତରେ ବୃଦ୍ଧ ଗୁରୁତର

**ଭୁବନେଶ୍ୱର (ପିପିଏସ୍):** ହଂସପାଳ-ଅଭୟମୁଖୀ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଭିଙ୍ଗାରପୁର ରାମଚନ୍ଦ୍ରପୁର କାଜ ନିକଟରେ ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ପ୍ରବଳ ଟାଣ ଖରା ଯୋଗୁଁ ଜଣେ ବୃଦ୍ଧ ଅସୁସ୍ଥ ହୋଇପଡ଼ିଥିଲେ । ସେ ହେଲେ ଗୋବିନ୍ଦପୁର ଥାନା ଅଧୀନ ପାଟସୁନ୍ଦରପୁର ଗ୍ରାମର ପହଲି ବେହେରା(୬୫) । ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ । ପହଲି ଅଂଶୁଘାତରେ ଅସୁସ୍ଥ ହୋଇପଡ଼ିଥିବା ନେଇ ଲୋକ ସନ୍ଦେହ କରିଥିଲେ । ବେଣ୍ଣୁପୁର ଗ୍ରାମର ଆଇନଜୀବୀ ସନ୍ତୋଷ କୁମାର ସାହୁ ଏବଂ ଗୋପୀନାଥ ପରିଡ଼ା ତାଙ୍କୁ ହାଇଟେକ ହସ୍ପିଟାଲ ପଠାଇଥିଲେ । ପହଲି ତାଙ୍କ ପୁଅଙ୍କ ସହିତ ବାଇକରେ ଭୁବନେଶ୍ୱର ଅଭିମୁଖେ କୌଣସି କାମରେ ଯାଉଥିଲେ । ହେଲେ ଭିଙ୍ଗାରପୁର ନିକଟରେ ତାଙ୍କ ମୁଣ୍ଡ ଘୂରାଇବାରୁ ବାଇକରୁ ଓହ୍ଲାଇପଡ଼ିଥିଲେ । ଏହାପରେ ସେ ଚେତାଶୂନ୍ୟ ହୋଇ ତଳେ ଲୋଟିପଡ଼ିଥିଲେ । ସ୍ଥାନୀୟ ଲୋକ ସନ୍ତୋଷ ଏବଂ ଗୋପୀନାଥଙ୍କ ତାଙ୍କୁ ହସ୍ପିଟାଲ ପଠାଇବାରେ ସାହାଯ୍ୟ କରିଥିଲେ । ଶେଷ ଖବର ମୁତାବକ ପହଲି ଅଂଶୁଘାତ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିଥିବା ଜଣାଯାଇଛି ।

## ଯଶୁଆପୁର ମହୋତ୍ସବ ପୋଷ୍ଟର ଉନ୍ମୋଚିତ

**ଭୁବନେଶ୍ୱର (ପିପିଏସ୍):** ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଗ୍ରାମର ନୃସିଂହ ନାଥ ମନ୍ଦିର ପ୍ରାଙ୍ଗଣରେ ଷଷ୍ଠ ଯଶୁଆପୁର ମହୋତ୍ସବ ଉପଲକ୍ଷେ ଗୁରୁବାର ପୋଷ୍ଟର ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ର ଅଧକ୍ଷତା କରିଥିଲେ । ଆସନ୍ତା ୯ ଏବଂ ୧୦ ତାରିଖ ଦୁଇଦିନ ଧରି ଶାସ୍ତ୍ରୀୟ ସଙ୍ଗୀତ ଏବଂ ନୃତ୍ୟ କାର୍ଯ୍ୟକ୍ରମ ପରିବେଷିତ ହେବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମାଦେଈ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରମାଲତା ନାୟକ ଯୋଗଦେଇ ପୋଷ୍ଟର ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ସାଇଁ, ଉପସଭାପତି ଦୀପକ କୁମାର ସାଇଁ, କୋଷାଧକ୍ଷ ତପନ କୁମାର ସାଇଁ, ଦୀପକ କୁମାର ସାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଲୁହା ସାମଗ୍ରୀ ଚୋରି, ୨ଗିରଫ

**ଭୁବନେଶ୍ୱର (ପିପିଏସ୍):** ଜାତୀୟ ରାଜପଥରେ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ଲୁହା ସାମଗ୍ରୀ ଚୋରିକରି ଆଜି ଦୁଇଜଣ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି । ଗତ ତିନିଦିନ ତଳେ ଯାଁଳାଠାରେ କାର୍ଯ୍ୟ କରିବା ପାଇଁ ରହିଥିବା ଲୁହା ସାମଗ୍ରୀରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି ବୋଲି କଣ୍ଟ୍ରାକ୍ଟର ସନ୍ତୋଷ କୁମାର ସେଠୀ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ଆଜି ଇନ୍‌ଫୋଭ୍ୟାଲି ଥାନା ପୁଲିସ୍ ଗଙ୍ଗପଡ଼ା ଅଞ୍ଚଳରେ ଚଢ଼ଉ କରି ଲୁହା ସାମଗ୍ରୀ ଜବତ କରିବା ସହିତ ଫିରିଫିରିଆ ଗାଁର ଚନ୍ଦନ ମହାରଣା(୨୧) ଓ ଫିରିଫିରା ଚାଲାଣପଡ଼ାର ତପନ ବେହେରା(୪୨)ଙ୍କୁ କୋର୍ଟଚାଲାଣ କରାଯାଇଛି ।

## ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଲୁଟ୍

**ଭୁବନେଶ୍ୱର (ପିପିଏସ୍):** ଗତକାଲି ବିଳମ୍ବିତ ରାତିରେ ଏକ ଦରଜୀ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ପୋଷାକ ଲୁଟି ନେଇଥିବା ଦୋକାନ ମାଲିକ ଥାନାରେ ଅଭିଯୋଗ କରିଥିଲେ । ବାଲିପାଟଣା ଥାନା ଚଣାହାଟ୍ଟା ଛକ ବଜାରରେ ଖମାର ଗ୍ରାମର ଅଜୟ କୁମାର ଭୋଇ ଙ୍କ ଏକ ଟେଲରିଂ ଦୋକାନ ଅଛି ଏହା ସହିତ ସେ ରେଡିମେଡ୍ ପୋଷାକ ମଧ୍ୟ ରଖି ବ୍ୟବସାୟ କରନ୍ତି । ସବୁଦିନ ଭଳି ଗତକାଲି ରାତିରେ କାମ ସାରି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ଆଜି ସକାଳ ସମୟରେ ଦୋକାନ ଖୋଲି ଦେଖିବାକୁ ପାଇଥିଲେ ଯେ ତାଙ୍କ ଦୋକାନ ଆଜବେଷ୍ଟ ଭଙ୍ଗା ଯାଇଛି ଏବଂ ରେଡି ମେଡ୍ ପୋଷାକ ପତ୍ର ଏବଂ ଗରାଖ ମାନଙ୍କ ପାଇଁ ସିଲାଇ କରିଥିବା ପ୍ୟାଣ୍ଟ ସାର୍ଟ ମଧ୍ୟ ଚୋରି ହୋଇଯାଇଛି । ଯାହାର ଆନୁମାନିକ ବଲିପାଟଣା ଗୋଷ୍ଠୀ ସାସ୍ଥ୍ୟସେ ବାଲିପାଟଣା ଥାନା ରେଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ଜଣାପଡ଼ିଛି । ଏବେ ଅଜୟ ଚିନ୍ତାରେ ପଡ଼ିଛନ୍ତି ଯେ ରେଡି ମେଡ୍ ଡ୍ରେସ୍ ଏବଂ ସିଲାଇ ମଜୁରୀ ବୁଡ଼ିଲା କିନ୍ତୁ କେମିତି ଗରାଖମାନଙ୍କୁ ତାଙ୍କ ପ୍ୟାଣ୍ଟ ସାର୍ଟ ଦେବେ ବୋଲି ଚିନ୍ତାରେ ପଡ଼ିଛନ୍ତି ।

## ଗଛ ପଡ଼ି ବାଇକ୍ ଚୂନା

**ଭୁବନେଶ୍ୱର (ପିପିଏସ୍):** ଗୁରୁବାର ଅପରାହ୍ଣରେ ହୋଇଥିବା କାଳବୈଶାଖି ପ୍ରଭାବରେ ବ୍ଲକ୍ ପରିସର ଗଛ ଭାଙ୍ଗି ବାଇକ୍ ଉପରେ ପଡ଼ିଯିବାରୁ ବାଇକ୍ ଭାଙ୍ଗିରୁଜି ଚୂନା ହୋଇଯାଇଛି । ବାଲିପାଟଣାଠାରେ କାଳବୈଶାଖୀ ପ୍ରଭାବରେ ଜୋର୍‌ରେ ପବନ ହେବାରୁ ବହୁ ସ୍ଥାନରେ ଗଛ ଭାଙ୍ଗି ଯାଇଥିଲା । ଏଥିଯୋଗୁଁ କିଛି ବାଇକ୍ ଭାଙ୍ଗି ଯାଇଥିଲା । ପରେ ବ୍ଲକ୍ କର୍ମଚାରୀ ଗଛ ହାଣି ସଫାକରିବା ପରେ ବାଇକ୍‌ଗୁଡିକୁ ବାହାର କରିଥିବା ସୂଚନା ମିଳିଛି । ଏଥିସହିତ ବର୍ଷା ପବନ ଯୋଗୁଁ ବାଲିପାଟଣାରେ ବିଦ୍ୟୁତ୍ ସେବା ମଧ୍ୟ ଅଚଳ ହୋଇପଡ଼ିଛି ।

## ଆଇଆଇଏମ ସମ୍ବଲପୁର ଏବଂ ଏନଆଇଟି ରାଉରକେଲା ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପିପିଏସ) : ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଜି-୨୦ ଜନଭାଗିଦାରି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କ୍ରମରେ ଆଜି ସମ୍ବଲପୁର ଜବାହାର ନବୋଦୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା । ଏଥିରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ସ୍କୁଲ ପରିସର ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳରେ ସଫେଇ କରିଥିଲେ । ସେହିପରି ଆଇଆଇଏମ୍ ସମ୍ବଲପୁର ଆନୁକୂଲ୍ୟରେ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରଛାତ୍ରୀମାନେ ଆଖପାଖ ଅଂଚଳରେ ସଫେଇ କରିବା ସହ ସ୍ୱଚ୍ଛତାର ବାର୍ତ୍ତା ପ୍ରସାର କରିଥିଲେ । ଅନ୍ୟପକ୍ଷରେ ଆଜି ଏନଆଇଟି ରାଉରକେଲା ପକ୍ଷରୁ ଜି-୨୦ ଜନଭାଗିଦାରି ଅନ୍ତର୍ଗତ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା । ଏଥିରେ ଏନଆଇଟିର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକମାନେ ଯୋଗଦେଇ କ୍ୟାମ୍ପସ ପରିସରରେ ସଫେଇ କରିଥିଲେ । ସେହିପରି ଜି-୨୦ ବିଷୟବସ୍ତୁକୁ ନେଇ ଏନଆଇଟିର ରସାୟନ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରରେ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପିପିଏସ) : ଚଳିତ ବର୍ଷ ଜି-୨୦ରେ ଭାରତର ଅଧକ୍ଷତା ଅବସରରେ କେନ୍ଦ୍ର ସରକାର ଜନଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜନ କରାଇଛନ୍ତି । ସ୍ଥାନୀୟ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଅଗ୍ରଣୀ ପ୍ରତିଷ୍ଠାନ ଭାବେ ଏହି କାର୍ଯ୍ୟକ୍ରମର ସପ୍ତମ ଦିବସରେ ଖେଳକୁଦ କାର୍ଯ୍ୟକ୍ରମ ଆୟୋଜନ କରିଅଛି । ପ୍ରତିଷ୍ଠାନର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଲନ୍ ଟେନିସ୍ ଓ ବ୍ୟାଡମିଂଟନ ପ୍ରତିଯୋଗିତା (ଛାତ୍ରଛାତ୍ରୀ ଓ କର୍ମଚାରୀ)କୁ ଅଧକ୍ଷ ପ୍ର. ପି.ସି. ଅଗ୍ରୱାଲ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଡିନ ପ୍ରଫେସର ସନ୍ଧ୍ୟାରଣୀ ସାହୁ, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ର. ଅନିମେଶ ମହାପାତ୍ର, ଡ. ଜିବେଂଦୁ ବେଜ ପରିଚାଳନା କରିଥିଲେ । ନୋଡାଲ ଅଫିସର ପ୍ରଫେସର ଲକ୍ଷ୍ମୀଧର ବେହେରା ଓ ସଂଯୋଜକ ଅଖିଳେଶ୍ୱର ମିଶ୍ରଙ୍କ ସଂଯୋଜନା ଓ ଅଧକ୍ଷଙ୍କ ନେତୃତ୍ୱରେ ଏହି ଜନଭାଗିଦାରୀ କାର୍ଯ୍ୟକ୍ରମ ଏପ୍ରିଲ ୨୨ ପର୍ଯ୍ୟନ୍ତ ଚାଲିବ ।

## ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ ଗଠିତ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିଭାଗର ସମଭାବାପନ୍ନ ଅମଲା ସଙ୍ଘର କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଂଚ ଗଠିତ ହୋଇଯାଇଛି । ଏହି ଉପଲକ୍ଷେ ପୁରାତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅଧିର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଡିଶା ରାଜସ୍ୱ ଅମଲା ସଙ୍ଘର ଜିଲ୍ଲା ସଭାପତି ଦୀନବନ୍ଧୁ ରଥ, ଜିଲ୍ଲା ସମ୍ପାଦକ ସୁକାନ୍ତ କୁମାର ଜେନା, ରାଜ୍ୟ ଉପସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ଓଡିଶା ଅମଲା ସଙ୍ଘର ଅଧକ୍ଷ ବିଶ୍ୱ ପ୍ରକାଶ ଲେଙ୍କା, ନିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ସମସ୍ତ ବିଭାଗର ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁପାତରେ ଗ୍ରେଡ ପେ ଟ୪୨୦୦ଙ୍କୀ କରାନଯିବାରେ ସରକାରଙ୍କ ବୈମାତୃକ ମନୋଭାବ ଓ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଉପସ୍ଥିତ ସମସ୍ତ ସଭ୍ୟସଭ୍ୟାମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଭବିଷ୍ୟତରେ ରାଜ୍ୟ ମିଳିତ ଅମଲା ମ ର ଆହ୍ୱାନରେ ଯାହା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ତାକୁ ଜିଲ୍ଲା ସ୍ତରରେ ବ୍ୟାପକ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ନିର୍ମାଣାଧୀନ ବସ୍ ଟର୍ମିନାଲରୁ ଜବରଦଖଲ ଉଚ୍ଛେଦ

**ଭୁବନେଶ୍ୱର (ପିପିଏସ୍):** ନିର୍ମାଣାଧୀନ ବରମୁଣ୍ଡା ଅନ୍ତଃରାଜ୍ୟ ବସ୍ ଟର୍ମିନାଲରୁ ଗତକାଲି ଜବରଦଖଲ ଉଚ୍ଛେଦ କରାଯାଇଛି । ପ୍ରବେଶ ଓ ପ୍ରସ୍ଥାନ ରାସ୍ତାରେ ଥିବା ୨୯ଟି ଆଜବେଷ୍ଟସ୍ ଘର, ୩ଟି ଚାଳଘର, ୪ଟି ଲୁହାଗେଟ୍, ୫ଟି ପଲିଥିନ୍ ନିର୍ମିତ ଘର, ୪ଟି କ୍ୟାବନ୍ ଓ ୨୫୦ ଫୁଟ୍‌ର ପାଚେରି; ଏଭଳି ୩୫ଟି ଜବରଦଖଲ ଉଚ୍ଛେଦ ହୋଇଛି । ଏଠାରୁ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କ ଗାଡ଼ି ଚାଳକଙ୍କ ଘର ଭାଙ୍ଗିବା ବେଳେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । କେତେକ ଲୋକ ଡୋଜର ଆଗରେ ବସି ରହିବାରୁ ଉଚ୍ଛେଦ ବାଧାପ୍ରାପ୍ତ ହୋଇଥିଲା । ଏହା ପରେ



ପୁଲିସ ହସ୍ତକ୍ଷେପ କରିବା ସହ ଆନ୍ଦୋଳନକାରୀଙ୍କୁ ହଟାଇବା ପରେ ଉଚ୍ଛେଦ ହୋଇଥିଲା । ଏଥିପାଇଁ ବରିଷ୍ଠ ଅଧିକାରୀଙ୍କ ସହ ଏକ ପ୍ଲାଟୁନ ରିଜର୍ଭ ପୁଲିସ ଓ ଗୋଟିଏ ସେକ୍ସନ ମହିଳା ପୁଲିସ ମୁତୟନ କରାଯାଇଥିଲା । ଉଚ୍ଛେଦ ସମୟରେ ବିଡିଏର ନୂଆ ଏନ୍‌ଫୋର୍ସମେଣ୍ଟ ଅଫିସର୍ ଶ୍ୱେତ କୁମାର ଦାଶ, ବିଡିଏ ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଡିଭିଜନ୍-୧ର ସହକାରୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ସାହୁ, ଭରତପୁର ଆଇଆଇସି ବିଭୁଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ବିଧାନସଭା ସ୍ଥଗିତ ଥିବା ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ବୈଠକ ଡାକିଥିଲେ । ବୈଠକରେ ଉଚ୍ଛେଦ ସମୀକ୍ଷା ହେବା ସହ ଏହି ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ଚଳିତ ମାସର ଉଚ୍ଛେଦ କାର୍ଯ୍ୟକ୍ରମ ସ୍ଥିର କରିଥିଲେ ।

## ପଦ୍ମ ପୁରସ୍କାର ବିଜେତାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ପିପିଏସ) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଔଷଧୀୟ ବୃକ୍ଷରାଜିକୁ ସଂରକ୍ଷଣ କରୁଥିବା ପଟ୍ଟାୟତ ସାହୁଙ୍କୁ ଶୁକ୍ରବାର ନୂଆଦିଲ୍ଲୀ ଠାରେ ଭେଟିଛନ୍ତି । ଏସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ନୂଆଦିଲ୍ଲୀ ଠାରେ ସମ୍ମାନଜନକ 'ପଦ୍ମଶ୍ରୀ' ପୁରସ୍କାରପ୍ରାପ୍ତ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଔଷଧୀୟ ବୃକ୍ଷରାଜିକୁ ସଂରକ୍ଷଣ କରୁଥିବା ପଟ୍ଟାୟତ ସାହୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଲି । ଉଭୟ ଆମ ରାଜ୍ୟ ଓ ଦେଶ ପାଇଁ ଗୌରବ । ଓଡ଼ିଆ ସାହିତ୍ୟକୁ ଆଗକୁ ନେବାରେ ଡ. ମିଶ୍ରଙ୍କ ପ୍ରଚେଷ୍ଟା ଏବଂ ଔଷଧୀୟ ବୃକ୍ଷ ରୋପଣ କରୁଥିବା ଶ୍ରୀ ସାହୁ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛନ୍ତି ।

## ଜୁନାଗଡ଼ ଓ ଜୟପୁର ସହରରେ ଭାରତର ସର୍ବବୃହତ୍ ଫ୍ୟାଶନ ଡେଷ୍ଟିନେସନ ଟ୍ରେଣ୍ଡସ୍‌ର ନୂଆ ଷ୍ଟୋର ଶୁଭାରମ୍ଭ

ଭୁବନେଶ୍ୱର, (ପିପିଏସ) : ଭାରତର ବୃହତମ ତଥା ଦିନକୁ ଦିନ ଦ୍ରୁତଗତିରେ ବୃଦ୍ଧି ପାଉଥିବା ରିଲାଏନ୍ସ ରିଟେଲ୍ ର ଆପାରେଲ ଏବଂ ଆସେସୋରୀ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡସ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ଓ କୋରାପୁଟ ଜିଲ୍ଲାର ଜୟପୁର ସହରରେ ନୂଆ ଷ୍ଟୋର ଶୁଭାରମ୍ଭ କରିଛି । ଟ୍ରେଣ୍ଡସ ବାସ୍ତବରେ ଭାରତର ଫ୍ୟାଶନ କ୍ଷେତ୍ରକୁ ଲୋକାଭିମୁଖି କରି ଫ୍ୟାଶନରେ ଗଣତନ୍ତ୍ରର ବିକାଶ କରିଛି । ଏହା ଭାରତର ଗ୍ରାହକଙ୍କ ସହ ସମ୍ପର୍କ ସୁଦୃଢ଼ କରିଛି ଏବଂ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ଟିୟର ୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଂଚିଛି ଏବଂ ଭାରତର ପସନ୍ଦଯୋଗ୍ୟ ଫ୍ୟାଶନ ଶପିଂ ଡେଷ୍ଟିନେସନ ପାଲଟିଛି । ଜୁନାଗଡ଼ ଓ ଜୟପୁର ସହରର ନୂଆ ଟ୍ରେଣ୍ଡସ ଷ୍ଟୋର ଦ୍ୱୟରେ ମଡର୍ଣ୍ଣ ଲୁକ୍ ସହିତ ଉନ୍ନତ ପରିବେଶ ରହିଛି । ଏଥିସହିତ ସ୍ଥାନୀୟ ଗ୍ରାହକମାନଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଉକ୍ତ ଷ୍ଟୋରକୁ ଅଧିକ ଆକର୍ଷଣୀୟ କରି ତୋଳିଛି । ସ୍ଥାନୀୟ ଅଂଚଳର ଗ୍ରାହକମାନେ ଏବେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ଼୍ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଚମତ୍କାର କିଣାକିଣି ଅନୁଭୂତି ସହିତ ଏହି ଷ୍ଟୋର ଦ୍ୱୟରେ ପାଇପାରିବେ । ଜୁନାଗଡ଼ ସହରରେ ୭୦୦୦ ବର୍ଗଫୁଟ ଓ ଜୟପୁର ସହରରେ ୧୦୦୦୦ ବର୍ଗଫୁଟ ଅଂଚଳରେ ଖୋଲିଥିବା ନୂଆ ଷ୍ଟୋରଦ୍ୱୟ ଉଭୟ ଜୁନାଗଡ଼ ଓ ଜୟପୁର ସହରର ପ୍ରଥମ । ଏହି ଷ୍ଟୋର୍ ଦୁଇଟିରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦଘାଟନୀ ଅଫର ସହିତ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ରହିଛି । ୩୯୯୯ ଟଙ୍କାର ବଛାବଛା ସାମଗ୍ରୀ କିଣାକିଣି ସହିତ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ । କେବଳ ସେତିକି ନୁହେଁ, ୩୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ ଟଙ୍କା ମୂଲ୍ୟର କୁପନ ସଂପୂର୍ଣ୍ଣ ମାଗଣାରେ ପାଇପାରିବେ । ତେଣୁ ଅନନ୍ୟ ଫ୍ୟାଶନ୍ ସପିଙ୍ଗ୍ ଅନୁଭୂତି ପାଇଁ ପ୍ରକୃଷ୍ଟ ସ୍ଥଳ ପାଲଟିଛି ଜୁନାଗଡ଼ ଓ ଜୟପୁର ସହରରେ ଖୋଲିଥିବା ନୂଆ ଟ୍ରେଣ୍ଡସ ଷ୍ଟୋର୍ ।

## କାପୋକ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ପକ୍ଷରୁ ଖଣ୍ଡଗିରି ପାନ୍ଥିକାରେ ଉତ୍କଳ ଦିବସ ସମାରୋହ ୨୦୨୩ ଅନୁଷ୍ଠିତ ହୋଇଯାଇଛି । କାପୋକର ଅଧକ୍ଷା ତଥା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ସମାଜସେବୀ ତଥା ଆଦିବାସୀ ବିକାଶ ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସୁବାର୍ତ୍ତାର ସମ୍ପାଦକ ଡ. ପ୍ରଦ୍ୟୁମ୍ନ ଶତପଥୀ, କୃଷି ବିଜ୍ଞାନୀ ତଥା ସ୍ତମ୍ଭକାର ଜାନକୀଶ ବଡ଼ପଣ୍ଡା, ସମାଜସେବୀ ମୀରା ପରିଡ଼ା, କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ ଯୋଗ ଦେଇଥିଲେ । ଏହି ଅବସରରେ ଉଦ୍‌ଘୋଷକ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଶ୍ରୀନିବାସ ଘଟୁଆରୀଙ୍କୁ 'ଉତ୍କଳ ଶ୍ରୀ-୨୦୨୩' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଆଶାଏଁ (ପଥପ୍ରାନ୍ତ ଶିଶୁ ଶିକ୍ଷା), ବିକ୍ରମ ସୁନ୍ଦରାୟ (ଗୋ-ସେବା) ଜୟପୁରର ମା ନିସ୍ତାରିଣୀ ନଦିଆ କୀର୍ତ୍ତନମଣ୍ଡଳୀ, ମିଶନ ରକ୍ତ ଦାନ, ନିସ୍ୱାର୍ଥ ସେବା ଓଡିଶା, ପ୍ରଦୀପ ସେବା ଟ୍ରଷ୍ଟ, ସମାଜସେବୀ ରାଜେଶ ମହାପାତ୍ର, ମହିଳା ସଂଗଠକ ଓ ଉଦ୍ୟୋଗୀ ରଶ୍ମିପ୍ରଭା ସାମନ୍ତରାୟ, ସସ୍ମିତା ମଙ୍ଗରାଜ, ଯୁବ ସମାଜସେବୀ, ସଂଗ୍ରାମ ମାର୍ଥା, ସେବା ଫାଉଣ୍ଡେସନ୍, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ର କୃତି ଛାତ୍ର ରୁଦ୍ର ନାରାୟଣ ଦାସ, ସାମ୍ବାଦିକ ଶୁଭ୍ରଜିତ ବଳିଆରସିଂ, ଉତ୍କଳ ରକ୍ଷକ, ଅମୃତ ଅଂଶୁମାନ, ଡ. ବନ୍ଦନା ହରିଚନ୍ଦନ, ସୁନିତା ମହାନ୍ତି, ସଚ୍ଚିକାନ୍ତ ପ୍ରଧାନ, ନିବେଦିତା ଲେଙ୍କା, ନାରାୟଣ ଚନ୍ଦ୍ର ଓଝାଙ୍କୁ 'କାପୋକ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିବାବେଳେ ନୃତ୍ୟଶିଳ୍ପୀ ବାସୁଦେବ ନାଥ, ନୂପୁର ଅନୁଷ୍ଠାନର ନୃତ୍ୟଶିଳ୍ପୀ ଗୁରୁ ନିରଞ୍ଜନ ରାଉତ ଏବଂ ସିଜଳର ଅନୁଷ୍ଠାନର ନୃତ୍ୟଶିଳ୍ପୀ ବିଦ୍ୟୁତ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶୀ ଓ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା । କାପୋକର ସଦସ୍ୟ ଲଲାଟ ସାହୁ, ମାନସ ରଥ, ମିଥୁନ ନାୟକ, ବାମଦେବ ଗଜେନ୍ଦ୍ର, ଉପସ୍ଥିତ ଥିଲେ ।

# ନୂତନ ଭାରତ ପାଇଁ ମାନବସମ୍ବଳକୁ ମୂଲ୍ୟଯୁକ୍ତ କରାଇବା ଜରୁରୀ : ଦକ୍ଷତା ବିକାଶ ମନ୍ତ୍ରୀ

ଭୁବନେଶ୍ୱର, (ହି.ସ.) : ପ୍ରତ୍ୟେକ ଜିନିଷକୁ ମୂଲ୍ୟଯୁକ୍ତ କରିବା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା । ଏହି କ୍ରମରେ ନୂତନ ଭାରତର ଅଭିବୃଦ୍ଧି ନିମନ୍ତେ ମାନବସମ୍ବଳକୁ ମୂଲ୍ୟଯୁକ୍ତ କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ କହିଛନ୍ତି । ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଆନୁକୂଲ୍ୟରେ ଚଳିତ ଅପ୍ରେଲ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା 'ଓଡିଶା ସ୍କିଲ୍ କନକ୍ଲେଭ-୨୦୨୩' ନେଇ ଗତକାଲି ଦିଲ୍ଲୀରେ କର୍ଟେନ ରେଜର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଘଡ଼େଇ କହିଛନ୍ତି ଯେ ଆମ ରାଜ୍ୟରେ ଓଡିଶା ସ୍କିଲ୍ କନକ୍ଲେଭ ଆୟୋଜନ କରି ଆମେ ଆନନ୍ଦିତ । ଏହି କନକ୍ଲେଭର ଉଦ୍ଦେଶ୍ୟ ହେଉଛି ଯୁବପିଢ଼ିଙ୍କ ଆତ୍ମବିଶ୍ୱାସକୁ ଉତ୍ସାହିତ କରିବା, ଏବଂ ସେମାନଙ୍କ କ୍ୟାରିଅରକୁ ଆଗକୁ ନେବାରେ ସାହାଯ୍ୟ କରିବା । ଓଡିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ଶ୍ରୀ ସୁବ୍ରତୋ ବାଗ୍‌ଚି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ନିକଟରେ ଆମେ କୃତଜ୍ଞ, ଯାହା ଆମକୁ ଓଡିଶାରୁ କୁଶଳୀ ଶ୍ରମିକଙ୍କ ଅପାର ସମ୍ଭାବନା ପ୍ରଦର୍ଶନ କରିବାରେ ସାହାଯ୍ୟ କରିଛି । ଓଡ଼ିଶାରେ ସ୍କିଲ୍ ଇକୋସିଷ୍ଟମ୍ ପ୍ରତି ଜାତୀୟ ତଥା ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଓଡ଼ିଶାରେ ଦକ୍ଷତା ସୃଷ୍ଟି ହୋଇଛି । ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ରାଜ୍ୟ ସଫଳତାର ସାକ୍ଷୀ ହେବା ପରେ ଆମେ ବିଶ୍ୱସ୍ତରରେ ରାଜ୍ୟର ସ୍ଥିତିକୁ ବିସ୍ତାର ଏବଂ ଦୃଢ଼ କରିବାକୁ ଅପେକ୍ଷା କରିଛୁ । ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଯେ ଓଡ଼ିଶା ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ ବୋଲି ପ୍ରମାଣିତ କରିଛି ଏବଂ ଏକ ଅପୂର୍ବ ସାମର୍ଥ୍ୟ ପ୍ରଦର୍ଶନ କରିଛି । ଭାରତ ସରକାର ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ ଅତୁଲ ତିୱାରୀ କହିଛନ୍ତି, ଦକ୍ଷତା ବିକାଶକୁ ଦୃଷ୍ଟିରେ ରଖି ଓଡିଶା ଦେଶର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ । ଦକ୍ଷତା ଉପରେ ନିଆଯାଇଥିବା ପଦକ୍ଷେପ ଏବଂ ଏହା ଉପରେ ଗୁରୁତ୍ୱ ଦିଆଯାଉଛି । ଫିକିର ମହାସଚିବ ଶୈଳେସ୍ କେ ପାଠକ୍ କହିଛନ୍ତି ଯେ ୨୦୪୦ ସୁଦ୍ଧା ଭାରତର ସହରଗୁଡିକର ଆର୍ଥିକ ସମ୍ଭାବନା ଦ୍ୱିଗୁଣିତ ହେବ ଏବଂ କୁଶଳୀ ଶ୍ରମିକଙ୍କ ଚାହିଦା ମଧ୍ୟ ବୃଦ୍ଧି ପାଇବ । ସରକାରଙ୍କ ମିଶନ୍ ଶକ୍ତି ପଦକ୍ଷେପ ଉପରେ ଧ୍ୟାନ ଦେଇ ଆଗାମୀ ବର୍ଷରେ ମହିଳାମାନଙ୍କ ପାଇଁ ଦକ୍ଷତା ଅତ୍ୟାବଶ୍ୟକ ହେବ । ଏହି ଜନସଂଖ୍ୟା ପରିବର୍ତନ ମୋଡ଼ ଭାରତର ଅଭିବୃଦ୍ଧି ଯାତ୍ରା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି କାର୍ଯ୍ୟକ୍ରମରେ ଓଡିଶାର ୱାର୍ଲ୍ଡ ସ୍କିଲଡ୍ ସେଂଟରର ଏକ ଭିଡିଓ ଦର୍ଶକଙ୍କୁ ପ୍ରଦର୍ଶିତ କରାଯାଇଥିଲା ଯେଉଁଥିରେ ବିଭିନ୍ନ ସୁଯୋଗ ମଧ୍ୟରେ ଅପକମିଂ ଏବଂ ଉଦ୍ୟୋଗୀ କାର୍ଯ୍ୟକ୍ରମ ସହିତ ଉଚ୍ଚ-ଦକ୍ଷତା କୌଶଳ ପ୍ରଶିକ୍ଷଣରେ ଯୋଗଦାନ କରୁଥିବା କେନ୍ଦ୍ରର ସୁବିଧାଗୁଡ଼ିକ ଦର୍ଶାଯାଇଥିଲା । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ରାଜ୍ୟର ମାନବସମ୍ବଳର ସାମର୍ଥ୍ୟକୁ ବିକାଶ ତଥା ଉଚ୍ଚମାନର, ଯୁକ୍ତିଯୁକ୍ତ ମୂଲ୍ୟ ଏବଂ ସହଜରେ ଉପଲବ୍ଧ ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା ତଥା ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ସୁଯୋଗ ସୃଷ୍ଟି କରିବା । ଏହା ଯୁବପିଢ଼ିଙ୍କ ମଧ୍ୟରେ ପରିବର୍ତନଶୀଳ ମାନବ ବିକାଶ ତଥା ବିଶ୍ୱ ସ୍ତରରେ ଏକ ବ୍ରାଣ୍ଡ ନାମ ଭାବରେ 'ସ୍କିଲ୍-ଇନ୍-ଓଡିଶା' ପ୍ରତିଷ୍ଠା କରି ଏହାର ଲାଭାଂଶ ରାଜ୍ୟକୁ ପ୍ରଦାନ କରିବାରେ ସାହାଯ୍ୟ କରିବ । ଓଡିଶାରେ ଆୟୋଜିତ ହେବାକୁ ଥିବା ୩ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ଏମଓୟୁ ସାକ୍ଷରିତ ହେବା ସହ ସମ୍ମିଳନୀ, ପ୍ରଦର୍ଶନୀ, ଭାବବିନିମୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ରାଜ୍ୟର ଦକ୍ଷ କର୍ମଜୀବୀଙ୍କୁ ଅନେକ ସୁଯୋଗ ପ୍ରଦାନ କରିବ । ଓଡ଼ିଶା ସ୍କିଲ୍ ଡେଭଲପମେଂଟ ଅଥରିଟି (ଓଏସଡିଏ) ଏବଂ ସ୍କିଲ୍ ଡେଭଲପମେଆଣ୍ଡ ଟେକ୍ନିକାଲ୍ ଏଜୁକେସନ୍ ବିଭାଗ ଏବଂ ଓଡିଶା ସରକାରଙ୍କ ଶିକ୍ଷ ସହଭାଗୀ ଭାବରେ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବରସ୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ଏହି କର୍ଟେନ ରେଜର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଓଡିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିପିଏସ) : ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ୧୯ତମ ଶ୍ରାଦ୍ଧୋତ୍ସ୍ୱ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ର ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ,ଡ଼ଃ ମିହିର ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ,ଜୟ ଓଡ଼ିଶା କର୍ମକର୍ତ୍ତା, ସଂଯୁକ୍ତା ମିଶ୍ର,ସରୋଜିନୀ ମିଶ୍ର,ଅନୁପମା ବେହେରା, ପ୍ରଗତି ରଥ,ଦୀପ୍ତିମୟୀ ରାୟ,ସତ୍ୟବ୍ରତ ଜେନା ପ୍ରମୁଖ ଯୋଗ ଦେଇ ଗୁରୁଜୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶିକ୍ଷାବିତ କାମଦେବ ମହାପାତ୍ର କବିତା ପାଠ କରିଥିଲେ । ଓଡିଶୀ ଗବେଷଣା କେନ୍ଦ୍ର ଛାତ୍ରୀ ସ୍ମୃତିରେଖା ପ୍ରତିହାରୀଙ୍କୁ କେଳୁଚରଣ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, (ପିପିଏସ) : ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତାମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନଙ୍କ ଦ୍ୱାରା କୌଣସି ଲୋଭନୀୟ ପ୍ରସ୍ତାବ କିମ୍ବା ଆର୍ଥିକ ସହାୟତା ଭୋଟରଙ୍କୁ ଯଚାଯାଇ ପାରିବ ନାହିଁ । ନିର୍ବାଚନ ପ୍ରଚାର ସମୟରେ ପ୍ରାର୍ଥୀମାନେ କିମ୍ବା ରାଜନୈତିକ ଦଳମାନେ ପ୍ରଚାର ଗାଡ଼ିରେ ମାଇକ୍ ବାନ୍ଧି ରାତି ୧୦ ଘଟିକାଠାରୁ ସକାଳ ୬ ଘଂଟା ପର୍ଯ୍ୟନ୍ତ ପ୍ରଚାର କରିପାରିବେ ନାହିଁ । ଆଦର୍ଶ ଆଚରଣ ବିଧି ଜିଲ୍ଲାରେ ବଳବତର ଥିବାବେଳେ କୌଣସି ପ୍ରକାରର ଅନୁଦାନ ଯଥା ବିଧାୟକ କିମ୍ବା ସାଂସଦ ପାଣ୍ଠିରୁ ଅନୁଦାନ ଅର୍ଥ ପ୍ରଦାନ କରାଯାଇପାରିବ ନାହିଁ । ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇପାରିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସର୍ବଦଳୀୟ ବୈଠକରେ ସୂଚନା ଦେଇଛନ୍ତି । ଏଥର ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ସବୁ ବୁଥ୍ ରେ ଶତ ପ୍ରତିଶତ ୱେବ୍ କାଷ୍ଟିଙ୍ଗର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଉପନିର୍ବାଚନ ପ୍ରଚାର ସମୟରେ ପ୍ରାର୍ଥୀ ଓ ବିଭିନ୍ନ ରାଜନୈତିକ ଦଳର ତାରକା ପ୍ରଚାରକମାନେ ଯେଉଁସବୁ ଗାଡ଼ି ବ୍ୟବହାର କରିବେ ପୂର୍ବରୁ ସେମାନେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କଠାରୁ ଅନୁମତି ନେଇ ନିର୍ବାଚନ ପ୍ରଚାରରେ ଗାଡ଼ି ବ୍ୟବହାର କରିପାରିବେ । ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିବା ନିମନ୍ତେ ନିର୍ବାଚନ କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ରାଜନୈତିକ ଦଳର କର୍ମକର୍ତାମାନେ ସହଯୋଗ କରିବା ପାଇଁ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ନିବେଦନ କରିଛନ୍ତି । ଅପରାଧପ୍ରବଣ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନେ ନିର୍ବାଚନ ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସେମାନଙ୍କ ଅପରାଧ ପୃଷ୍ଠଭୂମି ସଂପର୍କରେ ଅତିକମ୍ ରେ ତିନିଥର ଗଣମାଧ୍ୟମ ଜରିଆରେ ପ୍ରଚାରପ୍ରସାର କରିବେ । ସୂଚନାଯୋଗ୍ୟ ଯେ ଭାରତ ନିର୍ବାଚନ ଆୟୋଗଙ୍କ ଉପନିର୍ବାଚନ ଘୋଷଣା ଅନୁସାରେ ଅପ୍ରେଲ ୧୩ ତାରିଖରେ ଗେଜେଟ୍ ନୋଟିଫିକେସନ୍ ଅପ୍ରେଲ ୨୦ ତାରିଖରେ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ, ଅପ୍ରେଲ ୨୧ ତାରିଖରେ ନାମାଙ୍କନ ପତ୍ର ଯାଂଚ, ଅପ୍ରେଲ ୨୪ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ, ମଇ ୧୦ ତାରିଖରେ ଭୋଟ ଗ୍ରହଣ, ମଇ ୧୩ ତାରିଖରେ ଭୋଟ ଗଣନା କରାଯିବା ସହ ମଇ ମାସ ୧୫ ତାରିଖ ସୁଦ୍ଧା ଉପନିର୍ବାଚନ ସଂପର୍କିତ ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତାମାନଙ୍କୁ ଅବଗତ କରାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଏନ୍ ସିପିରୁ ବିକ୍ରମ ସାଇଁ, ବହୁଜନ ସମାଜ ପାର୍ଟିରୁ ମଧୁସୂଦନ ଯାଦବ, ସିପିଆଇ (ଏମ୍)ର ଦୁଷ୍ମନ୍ତ କୁମାର ଦାସ, ଭାରତୀୟ ଜାତୀୟ କଂଗ୍ରେସର ଶିବାନନ୍ଦ ରାୟ, ଭାରତୀୟ ଜନତା ପାର୍ଟିର ସଜନ ଶର୍ମା ଓ ବିଜେପି ଓଡ଼ିଶା ଶାଖାର ଉପସଭାପତି ଅନୀତା ଶୁଭଦର୍ଶିନୀ ଓ ଠାକୁର ରଞ୍ଜିତ ସିଂହ, ବିଜୁ ଜନତା ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସହ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସ୍କିଲ୍ସ ଇନ୍ ଓଡିଶା କନକ୍ଲେଭ ପାଇଁ ଭୂମିପୂଜନ

ଭୁବନେଶ୍ୱର, (ହି.ସ.) : ଆମ ଦେଶର ଯୁବକମାନଙ୍କୁ ଉତ୍କର୍ଷ ଏବଂ ସ୍ଥାୟୀ ଦକ୍ଷତା ବିକାଶ ଦିଗରେ ମାର୍ଗଦର୍ଶନ କରିବା ନିମନ୍ତେ ରାଜ୍ୟ ସରକାର ଚଳିତ ଏପ୍ରିଲ ୨୦ ତାରିଖରୁ ସ୍କିଲ୍ସ ଇନ ଓଡିଶା କନକ୍ଲେଭ ୨୦୨୩ ଆୟୋଜନ କରୁଛନ୍ତି । ଏଥି ନିମନ୍ତେ ଶୁକ୍ରବାର ପୂର୍ବାହ୍ନରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଆନୁଷ୍ଠାନିକ ଭାବେ ଭୂମିପୂଜା କରାଯାଇ ସମ୍ମିଳନୀ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି । ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ କନ୍‌କ୍ଲେଭ ସ୍ଥଳ ପରିଦର୍ଶନ ପୂର୍ବକ ଲେଆଉଟ ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ ତିନିଦିନ ବ୍ୟାପି ଏହି ସମ୍ମିଳନୀର ଅବ୍ୟବହିତ ପୂର୍ବରୁ ବ୍ୟାପକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଗତ ଏପ୍ରିଲ ୬ ତାରିଖରେ ଦିଲ୍ଲୀଠାରେ ଏକ କର୍ଟେନ ରେଜର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେହିପରି ଆସନ୍ତା ଏପ୍ରିଲ ୧୧ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ପ୍ରମୁଖ ଶିକ୍ଷ ସଂସ୍ଥା, ଆଇ.ଆଇ.ଟି, ଡିପ୍ଲୋମା, ପଲିଟେକନିକ୍ ଶିକ୍ଷାନୁଷ୍ଠାନ, ଛାତ୍ରଛାତ୍ରୀ ଓ ଯୁବକ ସମେତ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସର୍ବୋପରି ସୁଦୂର ସିଙ୍ଗାପୁରରୁ ୨୫ ଜଣ ଛାତ୍ରଛାତ୍ରୀଙ୍କ ସମେତ ଫାକଲିଟିମାନେ ଏହି କନ୍‌କ୍ଲେଭରେ ଯୋଗଦେଇ ଭାବର ଆଦାନପ୍ରଦାନ ସହ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ୫ଟି ବିଦ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଭାଗ ସୂତ୍ରରୁ ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଡିଟିଇଟି, ଏଫ.ଆଇ.ସି.ସି.ଆଇ ଓ ଡବ୍ଲୁ.ଏସ.ସିର ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ ।

## ଶ୍ରମିକ ସଂଗଠନ ସମନ୍ୱୟ ସମିତିର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ପ୍ରତି ଶ୍ରମ କାର୍ଯ୍ୟାଳୟର ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ଶ୍ରମିକ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ରିଲେ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି । ଶ୍ରମ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସୁନଥିବା ବେଳେ ପ୍ରଭାଗୀୟ ଶ୍ରମ କମିଶନର ମାତ୍ର ଅଳ୍ପ ସମୟ ପାଇଁ କାର୍ଯ୍ୟାଳୟକୁ ଆସି ପଳାଇ ଯାଇଥିଲେ । ଏତଦବ୍ୟତିତ ଚକବନ୍ଦୀ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ଓ ଚକବନ୍ଦୀ ଉପନିର୍ଦ୍ଦେଶକ ଦାୟୀତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ସେମାନଙ୍କ କାର୍ଯ୍ୟାଳୟକୁ ରିଲେ ଅନଶନସ୍ଥଳ ଦେଇ ଯାଉଥିଲେବି ଅନଶନକାରୀଙ୍କ ସହ କୌଣସି କଥା ହୋଇନଥିବା ସୂଚନା ମିଳିଛି । ଅନଶନକାରୀଙ୍କ ଦାବି ଅନୁଯାୟୀ ୨୦୧୮ ମସିହାରୁ ଆବେଦନ କରିଥିବା ମହିଳା ଶ୍ରମିକମାନଙ୍କୁ ପଞ୍ଜିକୃତ କରାନଯିବା, ଶ୍ରମ କାର୍ଯ୍ୟାଳୟରେ ଟୁଲସ ଓ ସାଇକେଲ ସହାୟତା ପାଇଁ ପଡି ରହିଥିବା ୨୦ହଜାର ଦରଖାସ୍ତ ମଞ୍ଜୁର କରାନଯିବା, ଗତ ୨୦୧୮ ମସିହାରୁ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକରଣ ପାଇଁ ପଡିରହିଥିବା ଆବେଦନ ପତ୍ରକୁ ପଞ୍ଜିକରଣ କରାଯାଇନଥିବା ବେଳେ ୨୦୨୨-୨୩ ମସିହାର ଆବେଦନ ପତ୍ରକୁ ପଞ୍ଜିକରଣ କରାଯିବା, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ପଡିରହିଥିବା ୧୪ଶହ ବିବାହ ସହାୟତା, ୩୧୪ ମୃତ୍ୟୁ କାଳୀନ ସହାୟତା, ପ୍ରସୂତି ସହାୟତା, ଶିକ୍ଷା ସହାୟତା, ଚିକିତ୍ସା ସହାୟତା ପ୍ରଦାନ କରାନଯିବା, କାର୍ଯ୍ୟସ୍ଥଳୀରେ ଦୁର୍ଘଟଣାଗ୍ରସ୍ତ ଶ୍ରମିକଙ୍କୁ ସରକାରୀ ସହାୟତା ପ୍ରଦାନ କରାନଯିବା, ସମସ୍ତ ଅନଲାଇନ ଆବେଦନ କ୍ଷେତ୍ରରେ ଦୁର୍ନୀତୀ, ୧୯୫୦ ବ୍ୟାକ୍ଲଗ୍ ନିର୍ମାଣ ଶ୍ରମିକ ପରିଚୟ ପତ୍ର ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ।

## ଗୋବରୀ ପୋଲ ଭୁଶୁଡିବା ଘଟଣା, ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୩ ନିଲମ୍ବିତ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡାର ବହୁ ଚର୍ଚ୍ଚିତ ଗୋବରୀ ନଦୀ ଉପରେ ନିର୍ମାଣାଧିନ ସେତୁ ଭୁଶୁଡି ପଡିବା ଘଟଣାରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏହି ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ-୧ର ଅଧିକ୍ଷଣ ଯନ୍ତ୍ରୀ କ୍ଷିରୋଦ କୁମାର ବେହେରା ବହୁ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣଧିନ ଏହି କାର୍ଯ୍ୟର ତଦାରଖ ଦାୟିତ୍ୱ ତୁଲାଇବାରେ ଅବହେଳା ଦେଖାଇଥିବା କାରଣରୁ ପ୍ରାଥମିକ ଭାବେ ତାଙ୍କର କ୍ଷମତା ପ୍ରତ୍ୟାହାର କରିବା ସହିତ ତାଙ୍କୁ ନିଲମ୍ବନ କରିଥିବା ଜଣାପଡିଛି । ତାଙ୍କ ସହଯୋଗୀକୁ ଭାବେ ଏସଡିଓ ନିହାର ରଞ୍ଜନ ମାଝି ଓ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ସାମଲଙ୍କୁ ମଧ୍ୟ ରାଜ୍ୟ ସରକାର ନିଲମ୍ବିତ କରିଥିବା ଜଣାପଡିଛି । ନିମ୍ନ ମାନର କାମ ହୋଇଥିବା କାରଣରୁ ପୋଲର ଏକ ବିରାଟ ଅଂଶ ଖଞ୍ଜା ଯିବାର ୧୨ ଘଂଟା ମଧ୍ୟରେ ଭାଙ୍ଗି ଭୁଶୁଡି ପଡିଥିଲା । ଅପରପକ୍ଷରେ କାମ ନେଇଥିବା ଠିକାଦାର ବିରୋଧରେ କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ସାଧାରଣରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି ।

# କୈବର୍ତ୍ତ ସମ୍ପ୍ରଦାୟ ଲୋକଙ୍କ ନିଆରା କୌଳିକ ପରମ୍ପରା
# ଚୈତ୍ର ପୂର୍ଣ୍ଣିମାରେ ଚଇତି ପରବ ଓ ଚଇତି ଘୋଡ଼ାନାଚ



କାକଟପୁର(ପିପିଏସ୍): ଯେଉଁ ପୂର୍ଣ୍ଣିମା ଦିନ ଚନ୍ଦ୍ର ଚିତ୍ର ନକ୍ଷେତ୍ର ଯୁକ୍ତ ହୁଅନ୍ତି। ସେହି ପୂର୍ଣ୍ଣିମାକୁ ଚୈତ୍ର ପୂର୍ଣ୍ଣିମା କୁହାଯାଏ। ଏହି ଚଇତି ପୁନେଇ ହେଉଛି ଓଡ଼ିଆ କୈବର୍ତ୍ତମାନଙ୍କର ଶ୍ରେଷ୍ଠ ପର୍ବ। ଏହି ପର୍ବରେ ସେମାନେ ଅଶ୍ୱମୁଖୀ ବାସେଳି ମା'ଙ୍କର ପୂଜା କରନ୍ତି। ଚୈତ୍ର ପୂର୍ଣ୍ଣିମାଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ନିଜ ଅଞ୍ଚଳରେ ପାଖ ପଡୋଶୀ ଗାଁରେ ବୁଲି ବୁଲି ଘୋଡ଼ା ନାଚ କରନ୍ତି। ଏହି ଘୋଡ଼ା ନାଚ ଗାୟକ ଚଢ଼େଇଆ, ଚଢ଼େଇଆଣି , ମହୁରିଆ ଓ ଢୋଲକିଆ ଙ୍କ ମାଧ୍ୟମ ରେ ଲୋକଗୀତ ଓ ନୃତ୍ୟ ପରିବେଷଣ କରାଯାଏ। ପୂର୍ଣ୍ଣିମା ଦିନ କୈବର୍ତ୍ତମାନେ ଘର ଦ୍ୱାର ଲିପା ପୋଛା କରି ଚିତା ଲେଖନ୍ତି। ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ନୂଆ ଲୁଗା, ପିଠା , ମାଛ ରେ ପ୍ରସ୍ତୃତ୍ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଭେଟି ଦିଅନ୍ତି। ଡଙ୍ଗା ଓ ବୋଇତ ରେ ଫୁଲ ଚନ୍ଦନ, ସିନ୍ଦୂର ଧୂପ ଓ ଦୀପ ଦେଇ ପୂଜା କରାଯାଏ। ଛେନା, ଗୁଡ଼, ନଡ଼ିଆ, କଦଳୀ କ୍ଷୀର ଓ ଦହି ଆଦି କରି ପଣା କରି ଲାଗି କରାଯାଏ। ବିଶେଷ ଭାବେ ଇଷ୍ଟଙ୍କ ପାଖରେ ପୋଡ଼ା ମାଛ ଭୋଗ କରାଯାଏ। ଦିନରୁ ମା' ମଙ୍ଗଳାଙ୍କଠାରେ ଅଶ୍ୱ ମୁଖୀ ବାସେଳିଙ୍କୁ ସମର୍ପଣ କରି ଆଣି ଘୋଡ଼ାମଣ୍ଡା ଯାଏ। ତାପରେ ଘୋଡ଼ାନାଚ ଶୁଭାରମ୍ଭ ହୁଏ। ବିଶେଷକରି ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଯଥା ପୁରୀ , କଟକ, ଜଗତସିଂହପୁର, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାର କୈବର୍ତ୍ତମାନେ ବହୁ ଆଡମ୍ବର ସହକାରେ ପାଳନ କରିଥାନ୍ତି। କାକଟପୁର ଅନ୍ତର୍ଗତ ଆସିଜଙ୍ଗା ଗ୍ରାମରେ ମା' ବାସୁଲେଇଙ୍କ ପୀଠରେ ବହୁ ଆଡମ୍ବର ସହକାରେ ପାଳନ ହୋଇଛି। ଏଥିରେ ଗ୍ରାମର ସୁନାମ ଧନ୍ୟ ବହୁ ଅନୁଷ୍ଠାନ ରୁ ପୁରସ୍କୃତ ଘୋଡ଼ା ନାଚ ଗାୟକ କପିଳ ବେହେରା, ସହଦେବ ବେହେରା, ଈଶ୍ୱର ବେହେରା, ଗୌରାଙ୍ଗ ବେହେରା ଓ ତାଙ୍କ ଟିମ୍‌ଙ୍କ ଦ୍ୱାରା ଘୋଡ଼ାନାଚ ପରିବେଷଣ କରାଯାଇ ଗ୍ରାମ ବାସୀଙ୍କ ଦ୍ୱାରା ଚୈତ୍ର ପର୍ବ ପାଳନ କରାଯାଇଛି।

## ପୂର୍ବ ବିବାଦରୁ ମାରପିଟ୍, ୩ କୋର୍ଟଚାଲାଣ

କୋରେଇ: ପାଣିକୋଇଲି ଥାନା ଅନ୍ତର୍ଗତ ବ୍ୟାସନଗର ପୌରାଂଚଳର ସନ୍ତରା ଗ୍ରାମରେ ୨ ଦୁଇ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ବୈଷ୍ଣବ ରାଉତଙ୍କ ପୁଅ ଦୁଶଃଶାସନ ରାଉତ ଓ ରାମ ଓଝାଙ୍କ ପୁଅ ହେମନ୍ତ ଓ ଶିଶିର ମଧ୍ୟରେ ପୂବରୁ ବିବାଦ ଲାଗିଥିବା ବେଳେ ଏହାର ମଧ୍ୟ ସମାଧାନ କରାଯାଇଥିଲା। କିନ୍ତୁ ଶତ୍ରୁତା ବଢି ଏହା ଉଗ୍ର ରୂପ ନେବା ସହ ଉଭୟ ପକ୍ଷ ମାରପିଟ ଲାଗି ଆହତ ହୋଇଥିଲେ। ଏନେଇ ଦୁଇଟି ଅଭିଯୋଗ କରାଯାଇଥିଲା। ପୁଲିସ ଦୁଇଟି ମାମଲା ୬୪/୨୩, ୬୫/୨୩ ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଦୁଇ ମାମଲାରେ ପୁଲିସ ସନ୍ତରା ଗ୍ରାମର ହେମନ୍ତ ମାଝୀ, ଶ୍ରୀଧର ମାଝୀ ଓ ଦୁଶଃଶାସନଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ମାମଲଶ ୬୪ ଅନୁଯାୟୀ ଦୁଶଃଶାସନକୁ ଦଫା ୩୪୧, ୩୨୩, ୨୯୪, ୩୦୬, ୫୦୬ ୩୪ ଆଇପିସି ଓ ମାମଲା ୬୫ରେ ହେମନ୍ତ ଓଝା ଓ ଶ୍ରୀଧର ଓଝାଙ୍କୁ ଦଫା ୩୪୧, ୩୨୩, ୨୯୪, ୩୨୫, ୩୭୯, ୫୦୬, ୩୪ ଆଇପିସିରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ଅମୀୟ କୁମାର ବେହେରାଙ୍କ ଠାରୁ ସୂଚନା ମିଳିଛି।

# ସିଏନ୍‌ବିଟି ପରିଦର୍ଶନ କଲେ ମେୟର, କମିଶନର ଓ ବିଧାୟକ
# ଲିଙ୍କରୋଡ୍ ଫୁଟ୍‌ପାଥ୍‌ରେ ରହିବନି ଘରୋଇ ବସ୍



କଟକ,(ପିପିଏସ୍): କଟକ ସହରର ମୁଖ୍ୟ ଆକର୍ଷଣ ପାଲଟିବାକୁ ଯାଉଥିବା କଟକ ନେତାଜୀ ବସ୍ ଟର୍ମିନାଲ(ସିଏନବିଟି)ର ସମସ୍ତ ନିର୍ମାଣ କାର୍ଯ୍ୟ ଜୁନ୍ ୧୫ ସୁଦ୍ଧା ଶେଷ ହେବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା ବେଳେ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଯଥେଷ୍ଟ ଯତ୍ନବାନ ହୋଇ ଧାର୍ଯ୍ୟ ତାରିଖ ପୂର୍ବରୁ କାର୍ଯ୍ୟ ଶେଷ ପାଇଁ ଅଣ୍ଟା ଭିଡିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ସିଏମସି ମେୟର ସୁବାସ ସିଂ, କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଖାନନଗରସ୍ଥିତ ସିଏନ୍‌ବିଟି ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସିଏନ୍‌ବିଟିର ପ୍ରବେଶ ଓ ପ୍ରସ୍ଥାନ ପଥରେ ବସ୍ ଚଳାଚଳ ଯେପରି ସୁରୁଖୁରୁରେ ହୋଇପାରିବ ସେ ସଂପର୍କରେ ଅନୁଧ୍ୟାନ କରିବା ସହ ଯାତ୍ରୀମାନଙ୍କ ପାଇଁ ଉର୍ଦ୍ଧିଷ୍ଟ ଆହାର କେନ୍ଦ୍ରର ସୁପରିଚାଳନା, ଦୋକାନ ଗୃହ ଆବଣ୍ଟନ ଓ ବକେୟା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ସେମାନେ ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସିଏନ୍‌ବିଟିର ସୌନ୍ଦର୍ଯ୍ୟକରଣ କାମ ସହ ଫେବର ବ୍ଲକ୍ ବିଛା କାର୍ଯ୍ୟ ସମେତ ଭିତରପଟ ରଙ୍ଗଦିଆ କାର୍ଯ୍ୟ ତୁରନ୍ତ ଶେଷ କରାଯିବ ବୋଲି ଦାୟିତ୍ୱରେ ଥିବା ଯନ୍ତ୍ରୀ ଅବଗତ କରାଇଥିଲେ। ବସ୍ ଚଳାଚଳ ପାଇଁ ରିଙ୍ଗବନ୍ଧ ରାସ୍ତାର ପୁନଃ ନବୀକରଣ କାର୍ଯ୍ୟ ଜାରି ରହିଥିବାବେଳେ ମଲାଚଣ୍ଡିଆସ୍ଥିତ ଚକ୍ରାକୃତି ପଥ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ସେହିପରି ବସ୍ ଚଳାଚଳ ପାଇଁ ଟ୍ରାଫିକ୍ ପରିଚାଳନାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି କମିଶନର ଶ୍ରୀ କଲ୍ୟାଣ ସୂଚନା ଦେବା ସହ ଲିଙ୍କ୍‌ରୋଡର ଉଭୟପଟ ଫୁଟପାଥ୍‌ରେ ରହୁଥିବା ଘରୋଇ ବସକୁ ଅନ୍ୟତ୍ର ଏକ ଖାଲି ସ୍ଥାନରେ ରଖିବାକୁ ପ୍ରଶାସନ ପକ୍ଷରୁ ବନ୍ଦୋବସ୍ତ କରାଯାଉଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭିକେ ପାଣ୍ଡିୟାନ ଗତ ୨୫ ତାରିଖରେ କଟକ ଆସି ସିଏନ୍‌ବିଟି ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ସୂଚନାଯୋଗ୍ୟ ଯେ, ୧୫ ଏକର ମରିମିତ ଅଞ୍ଚଳରେ ନିର୍ମାଣାଧୀନ ଏହି ଟର୍ମିନାଲ ପାଇଁ ମୁଖ୍ୟମନ୍ତ୍ରୀ ୨୦୨୧ ଜାନୁଆରୀ ୨୩ ନେତାଜୀ ଜୟନ୍ତୀରେ ଶୁଭ ଦେଇଥିଲେ। ସେଥିପାଇଁ ୭୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଏଥିରେ ୧୮୦ଟି ବସ୍ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ବସ ଷ୍ଟାଣ୍ଡ ନିର୍ମାଣ ପରେ କଟକ ସହରରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବା ସହିତ ଆନ୍ତଃରାଜ୍ୟ ବସ୍ ଚଳାଚଳ ସୁବିଧା ହୋଇପାରିବ। ଏହି ପରିଦର୍ଶନ ସମୟରେ ଡେପୁଟି ମେୟର ଦମୟନ୍ତୀ ମାଝି, ନିରାମୟର ପରାମର୍ଶଦାତା ରଂଜନ ବିଶ୍ୱାଳ, ଓ୍ୱାର୍କସ୍ ଷ୍ଟାଣ୍ଡିଂ କମିଟି ଅଧକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, କର୍ପୋରେଟର ପ୍ରଳୟା ବେଉରା, ସାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧକ୍ଷା ଦିପ୍ତୀମୟୀ ମୁଳିଆ, କର୍ପୋରେଟର ଏ ଶ୍ରୀଦେବୀ, ଡେପୁଟି କମିଶନର ଅଜୟ ମହାନ୍ତି ଓ ଓବିସିସିର ପରିଚାଳକ ମାନସ ରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପାଳପୁର ବିଧାନସଭା କ୍ଷେତ୍ରରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ



ବ୍ରହ୍ମପୁର,(ପିପିଏସ୍): ୧୯୮୦ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସଭାପତିତ୍ୱରେ ଭାରତୀୟ ଜନତା ପାର୍ଟି ଗଠିତ ହୋଇଥିଲା। ଏହି ଅବସରରେ ଗୁରୁବାର ଗୋପାଳପୁର ବିଧାନସଭା କ୍ଷେତ୍ରରେ ଜିଲ୍ଲା ସଭାପତି ବିଭୂତିଭୂଷଣ ଜେନାଙ୍କ ନେତୃତ୍ୱରେ ଗୋଳନ୍ଥରା ବନ୍ଦେ ମାତରମ୍ ଭବନଠାରେ ପାର୍ଟିର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପ୍ରଥମେ ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଦଳୀୟ ପତାକା ଉତ୍ତୋଳନ କରାଯାଇ ସାମୁହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଏଠାରେ ଭାରତୀୟ ଜନସଙ୍ଘ ଠାରୁ ଆରମ୍ଭକରି ଭାରତୀୟ ଜନତା ପାର୍ଟି ପର୍ଯ୍ୟନ୍ତ ବିଚାରଧାରା ଆଧାରିତ ଏକ ରାଜନୈତିକ ଦଳର ନିରବଚ୍ଛିନ୍ନ ଯାତ୍ରା ବିଷୟରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସଭାପତି ତାଙ୍କର ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ଗୁଡିକ ଉପରେ ଆଲୋକ ପାତ କରିଥିଲେ କିପରି ଯୋଜନାର ସୁଫଳ ସମାଜର ନିମ୍ନଶ୍ରେଣୀରେ ପହଞ୍ଚି ପାରିବ ସେଥିପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଏହି ଦିନଠାରୁ ଆଗାମୀ ୧୪ ତାରିଖ ପୂଜ୍ୟ ବାବାସାହେବ ଆମ୍ବେଦକର ଜୟନ୍ତୀ ପର୍ଯ୍ୟନ୍ତ ଦଳ ପକ୍ଷରୁ ସେବାପକ୍ଷ ପାଳନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ସାଧାରଣ ସମ୍ପାଦକ ଗଙ୍ଗାଧର ଶତପଥୀ, ଉପସଭାପତି ବିନୋଦଚନ୍ଦ୍ରମିଶ୍ର ,ସମ୍ପାଦିକା ବନ୍ଦିତା ତ୍ରିପାଠି, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରାଜେସସାହୁ, ମଣ୍ଡପ ସଭାପତି ସନତ ନାୟକ, ବ୍ରଜମୋହନ ନାହାକ, ପ୍ରଦୀପ ପଟ୍ଟନାୟକ, ପଞ୍ଚୁବେହେରା, ଚଣ୍ଡୀଚରଣ ସାହୁ, ଜୁବମୋର୍ଚ୍ଚା ଜିଲ୍ଲା ସଭାପତି ଶିବ ନାୟକ ଉପସଭାପତି ଅଜୟ ନାୟକ, ଟୁଟୁନୁ ପାତ୍ର ପୂର୍ବତନ ବ୍ଲକ ସଭାପତି ରଜତ ପଣ୍ଡିତ,ସୁସାନ୍ତ ନାୟକ ସିବପ୍ରସାଦ ପାତ୍ର ରଘୁନାଥ ପାତ୍ର, ମହିଳା ନେତ୍ରୀ ମମତା ରଣା,ଲକ୍ଷ୍ମୀ ନାୟକ ଭାରତି ନାୟକ, ୟୁଜଷ୍ଟି ନାୟକ ହୃଷିକେଶ ବେହେରା, ମିଟୁସାହୁ, ଗଣେଷ ବଜହେରା ପି ରାଜେନ୍ଦ୍ର, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ନିରଞ୍ଜନ ବେହେରା ସମେତ ସମସ୍ତ ଶକ୍ତିକେନ୍ଦ୍ରର ପ୍ରମୁଖ ପ୍ରଭାରି ସହପ୍ରମଖ ଏବଂ ନେତୃମଣ୍ଡଳି ଉପସ୍ଥିତ ଥିଲେ।

# ମହୁମାଛି ପାଳନ ସମ୍ପର୍କିତ ତାଲିମ୍

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଆସ୍କି ଅଧିନରେ କୃଷକମାନଙ୍କ ପାଇଁ ମହୁମାଛି ପାଳନ ସଂପର୍କରେ ତାଲିମ ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚ ମାସ ୨୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଚଳିତ ମାସ ଏପ୍ରିଲ ୨୨ ତାରିଖ, ୨୭ ଦିନ ଧରି ଚାଲୁ ରହିବ। ଜିଲ୍ଲାର ୯ଟି ବ୍ଲକରୁ ଶିକ୍ଷିତ ଯୁବକ ଯୁବତୀ ମାନେ ଏହି ତାଲିମରେ ଯୋଗଦେଇ ମହୁମାଛି ଚାଷ ସଂପର୍କିତ ତାଲିମ ଗ୍ରହଣ କରୁଛନ୍ତି। ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ବିଶେଷଜ୍ଞ ସହିତ କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ମହୁମାଛି ପ୍ରଶିକ୍ଷକମାନେ ଅଗ୍ରଣୀ କୃଷକମାନେ ଏହି ଯୁବକ ଯୁବତୀ ମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ତତ୍ୱାବଧାନରେ ଆୟୋଜିତ ଏହି ତାଲିମରେ ବୈଜ୍ଞାନିକ ନମିତା ମହାପାତ୍ର, ପ୍ରଭଞ୍ଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଶେଷଜ୍ଞମାନେ ଯୋଗଦେଇ ତାଲିମ ନେଉଥିବା ଯୁବକ ଯୁବତୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବେ ବୋଲି ଜଣାପଡିଛି।

# ଏଆଇଡିଏସଓ ପକ୍ଷରୁ ସର୍ବଭାରତୀୟ ସଂହତି ଦିବସ ପାଳିତ




ବ୍ରହ୍ମପୁର, (ପିପିଏସ୍): ପଞ୍ଜାବୀ ବିଶ୍ୱବିଦ୍ୟାଳୟ, ପଟିଆଲାକୁ ଋଣମୁକ୍ତ କରିବା ସହ ସରକାରୀ ଅନୁଦାନ ବୃଦ୍ଧି କରିବା, ସମସ୍ତ ଶିକ୍ଷାନୁଷ୍ଠାନରେ ସ୍ଥାୟୀ ଭିତ୍ତିରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ନିଯୁକ୍ତି ଦେବା, ଶିକ୍ଷା କ୍ଷେତ୍ରରେ ଫିସ ବୃଦ୍ଧି ବନ୍ଦ କରିବା ତଥା ଏନସିଇଆରଟି ଦ୍ୱାରା ଦଶମ ଓ ଦ୍ୱାଦଶ ପାଠ୍ୟପୁସ୍ତକରେ କରାଯାଉଥିବା ଅଗଣତାନ୍ତ୍ରିକ ଓ ମନଇଚ୍ଛା ପରିବର୍ତ୍ତନକୁ ବନ୍ଦ କରିବା ଦାବିରେ ତଥା ପଞ୍ଜାବୀ ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନରତ ଛାତ୍ର ଶିକ୍ଷକ ମାନଙ୍କ ସମର୍ଥନରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସଓ, ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ସର୍ବଭାରତୀୟ ସଂହତି ଦିବସ ପାଳନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା କମିଟି ସଦସ୍ୟ କିସାନ କୁମାର ସାହୁ, କାମରାଜ ସାହୁ, ଶୁଭସ୍ମିତା ପାଣିଗ୍ରାହି ପ୍ରମୁଖ ସଂହତି ଦିବସ ସ୍ଥଳରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ କରିବାକୁ ଯାଇ ସରକାର ସମସ୍ତ ଶିକ୍ଷା ବିରୋଧୀ ଓ ଛାତ୍ର ବିରୋଧୀ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ବୋଲି ବକ୍ତା ମାନେ କହିବା ସହ ଆଗାମୀ ଦିନରେ ଶିକ୍ଷାକୁ ରକ୍ଷା କରିବା ପାଇଁ ସର୍ବସ୍ତରରେ ଜନଗଣ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

# ରିଟେଲରଙ୍କୁ ବିଗତ ୨୭ମାସର ବକେୟା ପାରିଶ୍ରମିକ ଅର୍ଥ ପ୍ରଦାନ ପାଇଁ ଦାବି

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକର ରିଟେଲରମାନେ ବିଗତ ୨୭ମାସର ମାଗଣା ସାମଗ୍ରୀ ବଣ୍ଟନ ପାରିଶ୍ରମିକ ଅର୍ଥ ଏଯାବତ ପାଇ ପାରିନାହାନ୍ତି। ଏ ସମ୍ପର୍କରେ ରିଟେଲର ସଂଘର ସଭାପତି ରବିନ୍ଦ୍ର ମହାକୁଳ ଓ ସଂପାଦକ କୈଳାସ ବେହେରା ଜିଲ୍ଲାପାଳ, ଜିଲା ଯୋଗାଣ ଅଧିକାରୀ, ଖାଉଟି ମନ୍ତ୍ରୀ, ସଚିବ, ସାଂସଦ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସେମାନଙ୍କର ବକେୟା ପାରିଶ୍ରମିକ ଅର୍ଥ ପ୍ରଦାନ କରିବାକୁ ଦାବି କରିଛନ୍ତି। ପ୍ରକାଶ ଯେ, ଗତ ୨୦୨୦ରୁ ୨୦୨୨ କୋଭିଡ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମିଳିଥିବା ରାଶନ ସାମଗ୍ରୀକୁ ଖାଉଟି ମାନଙ୍କୁ ୨୭ମାସ ଧରି ବଣ୍ଟନ କରିଥିଲେ। କତତ୍ ସହିତ କୋଭିଡ କଟକଣା ସମୟରେ ସ୍କୁଲ ବନ୍ଦ ଥିବାରୁ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଚାଉଳ ସୁଚାରୁ ରୂପେ ବଣ୍ଟନ କରିଥିଲେ। ସରକାର ଗରିବ କଲ୍ୟାଣ ଯୋଜନା ସାମଗ୍ରୀ ବଣ୍ଟନ ବାବଦରେ ୬ମାସର ପାରିଶ୍ରମିକ ଅର୍ଥ ରିଟେଲରମାନଙ୍କୁ ପ୍ରଦାନ ନିମନ୍ତେ ମଂଜୁର କରିଥିଲେ ମଧ ଅଦ୍ୟାବଧି ସେହି ପାରିଶ୍ରମିକ ଅର୍ଥ ରିଟେଲରମାନେ ପାଇ ପାରିନାହାନ୍ତି। ଅନ୍ୟ ଜିଲ୍ଲାମାନଙ୍କରେ ରିଟେଲରମାନେ ଏହି ପାରିଶ୍ରମିକ ଅର୍ଥ ପାଇ ସାରିଥିବା ବେଳେ ଭଦ୍ରକ ଜିଲାର ବିଭିନ୍ନ ବ୍ଲକରେ ଏହି ପାରିଶ୍ରମିକ ଅର୍ଥ ପାଇ ପାରିନାହାନ୍ତି। ଚଳିତବର୍ଷ ଜାନୁୟାରୀରୁ ବଣ୍ଟନ କରାଯାଉଥିବା ମାଗଣା ସାମଗ୍ରୀର ପାରିଶ୍ରମିକ ଅର୍ଥ ରିଟେଲରଙ୍କ ଜମା ଖାତାକୁ ପ୍ରଦାନ କରାଯିବା ସହିତ ଇପିଓଏସ ମେସିନର ବ୍ୟବହାରିକ ଖର୍ଚ୍ଚ ରିଟେଲର ପଏଣ୍ଟକୁ ଏକକାଳୀନ ସାମଗ୍ରୀ ପଠାଇବାକୁ ଦାବି କରାଯାଇଛି। ରିଟେଲରମାନେ ଦୀର୍ଘଦିନ ହେବ ସେମାନଙ୍କର ବକେୟା ପାରିଶ୍ରମିକ ଅର୍ଥ ପାଇ ନଥିବାରୁ ପରିବାର ପ୍ରତିପୋଷଣ ପାଇଁ ସେମାନଙ୍କ ପକ୍ଷେ କଷ୍ଟସାଧ ହୋଇପଡ଼ିଛି। ତୁରନ୍ତ ସରକାର ରିଟେଲରମାନଙ୍କୁ ବକେୟା ପାରିଶ୍ରମିକ ଅର୍ଥ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେଲେ ସେମାନେ ଉପକୃତ ହୋଇ ପାରନ୍ତେ ବୋଲି ନିବେଦନ କରିଛନ୍ତି।

# ନପଙ୍ଗ ବାଦିପାଲା ଉଦ୍‌ଯାପିତ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନପଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡନପଙ୍ଗ ଗ୍ରାମରେ ଅନୁଷ୍ଠିତ ବାର୍ଷିକ ବାଦିପାଲା ଉଦଯାପିତ ହୋଇଯାଇଛି। ଗ୍ରାମର ସତ୍ୟନାରାୟଣ ପାଲା ପଡିଆରେ ଅନୁଷ୍ଠିତ ୫ ଦିବସୀୟ ପାଲାକୁ ଗାୟକ ତତ୍ତ୍ୱ ବାରିଧି ଜୟକୃଷ୍ଣ ବଡଦଳାଇ ଓ ସାଥି ଏବଂ ଗାୟକ ପ୍ରବୀର ସନାତନ ଦାଶ ଓ ସାଥି ପରିବେଷଣ କରିଥିଲେ। ବିଭିନ୍ନ ପୌରାଣିକ, ମହାଭାରତ, ରାମାୟଣ ଚରିତ୍ର ଓ ବିଷୟ ଆଧାରିତ ପାଲାରେ ସାହିତ୍ୟ ଦର୍ଶନ, ତତ୍ତ୍ୱ, ବ୍ୟାଖ୍ୟା ଉପସ୍ଥାପନରେ ବାଦ ପାଲାପ୍ରେମୀଙ୍କ ପାଇଁ ବେଶ ଉପଭୋଗ୍ୟ ହୋଇଥିଲା। ଲବ୍‌ଧ ପ୍ରତିଷ୍ଠିତ ପୁରାତନ, ମଧ୍ୟଯୁଗୀୟ ଓ ଆଧୁନିକ କବିମାନଙ୍କ ରଚନାରୁ ଉଦ୍ଧୃତ ପଂକ୍ତି, ଛାନ୍ଦ, ଚଉପଦୀ ଆଦି ଉପସ୍ଥାପନା ଶୈଳୀ ପାଲାକୁ ସରସ ସୁନ୍ଦର କରିଥିଲା। ଆଖପାଖ ଅଂଚଳର ବହୁ ସାହିତ୍ୟ ଅନୁରାଗୀ ଏହି ପୁରାତନ ପାଲା ଅନୁଷ୍ଠାନରେ ପରିବେଶିତ ପାଲାକୁ ଉପଭୋଗ କରିଥିଲେ। ଗ୍ରାମର ପାଲା କମିଟି ପାଲା ପରିଚାଳନା କରିଥିଲେ।

# ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ବଲାଙ୍ଗୀର, (ହି.ସ.): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଥାନା ଲୋଇସିଂହା ବ୍ଲକ ଅନ୍ତର୍ଗତ କନ୍ଧାଜୁରି ଗ୍ରାମରେ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇଥିବା ଖବର ମିଳିଛି। ତେବେ ସୂଚନା ଆଧାରରେ ଉକ୍ତ ଗ୍ରାମର ୫୮ ବର୍ଷିୟ ସୁରୁବାବୁ ରଣା ନାମକ ଜଣେ ବ୍ୟକ୍ତିଙ୍କୁ ସେହି ଗାଁ ର ଚାରି ଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ସୂଚନା ରହିଛି। ଘଟଣାଟି କେଉଁ କାରଣରୁ ଘଟିଛି ତାହା ସ୍ପଷ୍ଟ ହୋଇପାରୀନାହିଁ। ଅନ୍ୟପଟେ ଗୁରୁତର ସୁରୁ ବାବୁଙ୍କୁ ସ୍ଥାନୀୟ ଓ ପରିବାର ଲୋକଙ୍କ ସହାୟତାରେ ବଲାଙ୍ଗିର ଭୀମଭୋଇ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଶ୍ୟାମସୁନ୍ଦରପୁର ସମବାୟ ସମିତି ସମ୍ପାଦକଙ୍କୁ ଆକ୍ରୋଶମୂଳକ ନିଲମ୍ବନ ଆଦେଶକୁ ନେଇ ଅସନ୍ତୋଷ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ସମବାୟ ସମିତିର ସମ୍ପାଦକ କାଳନ୍ଦୀ ଚରଣ ଦାସଙ୍କୁ ସମିତିର ସଭାପତି ଆକ୍ରୋଶମୂଳକ ଭାବେ ନିଲମ୍ବନ ଆଦେଶ ଦେଇଥିବା ନେଇ ସମିତିର ବୋର୍ଡ଼ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଏହି ନିଲମ୍ବନ ଆଦେଶକୁ ଦୃଢ଼ ପ୍ରତିବାଦ କରି ନିଲମ୍ବନ ଆଦେଶର ନିରପେକ୍ଷ ତଦନ୍ତ କରି ପଦକ୍ଷେପ ନେବାକୁ ସମବାୟ ସମିତି ଶାସନ ସଚିବ, ଜିଲାପାଳ, ଅତିରିକ୍ତ ନିବନ୍ଧକ, ଉପନିବନ୍ଧକ, ସହକାରୀ ନିବନ୍ଧକ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ସମବାୟ ସମିତି ସଭାପତି ଆକ୍ରୋମୂଳକ ଭାବେ ସମ୍ପାଦକ କାଳନ୍ଦୀ ଦାସଙ୍କୁ ନିଲମ୍ବନ ଆଦେଶ ଦେଇଛନ୍ତି। ଏହି ଆଦେଶ ନିଜ ମନକୁମନ ବେଆଇନ ଭାବେ ଦେଇଛନ୍ତି। ଏପରି ମନମୁଖୀ ଓ ଅନ୍ୟାୟ ଅଗଣତାନ୍ତ୍ରିକ କାର୍ଯ୍ୟକୁ ନିରପେକ୍ଷ ଭାବେ ତଦନ୍ତ କରି ସଭାପତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ସମବାୟ ସମିତି ଉପରେ ବହୁ ଚାଷୀ ନିର୍ଭରଶୀଳ ରହିଛନ୍ତି। ଏହି ସମବାୟ ସମିତିରେ ଋଣୀ, ଜମାକାରୀ, ଚାଷୀ ଇତ୍ୟାଦି ଯେମିତି ଅସୁବିଧାରେ ନପଡ଼ନ୍ତି ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୋର୍ଡ଼ ସଦସ୍ୟ ଲକ୍ଷ୍ମଣ କୁମାର ଦାସ, ସୁବାଶିଷ ଦାସ, ସୁରଥ ଦାସ, ରମାକାନ୍ତ ଦାସ, ରାଜୀବ କୁମାର ରାଉତ ଓ ମୂରଲୀଧର ମଳିକ ପ୍ରମୁଖ ଦାବି କରିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାଁପଡ଼ା ବାସୁଳୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋଲେଖ ଚନ୍ଦ୍ର ରାଉତଙ୍କୁ ସ୍କୁଲ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସ୍କୁଲର ବରିଷ୍ଠ ଶିକ୍ଷକ ଅନନ୍ତ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ ଶିକ୍ଷକ ସଂଘର ସମ୍ପାଦକ ରମାକାନ୍ତ ଦାସ, ସମ୍ମାନିତ ଅତିଥି ସିଆରସିସି ସଂଜୟ ମହାଳିକ, ସ୍କୁଲ ପରିଚାଳନା କମିଟି ସଭାପତି ଲମ୍ବୋଦର ଦାସ, ଉପସଭପତି ବନଲତା ଦାସ ପ୍ରମୁଖ ଯୋଗ ଦେଇ ପ୍ରଧାନ ଶିକ୍ଷକ ଶ୍ରୀ ରାଉତ ପ୍ରଥମେ ନରେନ୍ଦ୍ରପୁର ୟୁଜି ଏମଇ ବିଦ୍ୟାପୀଠରେ ୩୩ ବର୍ଷ ଧରି ନିଷ୍ଠାର ସହିତ ଶିକ୍ଷକତା କରି ପରବର୍ତ୍ତୀ ସମୟରେ କାଁପଡ଼ା ବାସୁଳୀ ନୋଡାଲ ହାଇସ୍କୁଲକୁ ବଦଳି ହୋଇ ଆସିଥିଲେ। ଏହି ହାଇସ୍କୁଲରେ ସେ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥିବା ବେଳେ ସେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅବସରରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଅଭିଭାବିକାମାନେ ଦୁଃଖ ପ୍ରକାଶ କରିଛନ୍ତି। ତେବେ ଅବସର ପରେ ତାଙ୍କ ଅବଶିଷ୍ଟ ଜୀବନ ଶୁଖମୟ ହେଉ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ଦାସ, କମଳାକାନ୍ତ ଦାସ, ବସନ୍ତ ଦାସ, ଅହଲ୍ୟଶ ମଳିକ, ଶକୁନ୍ତଳା ଦାସ, ଶରତ ପାଣିଗ୍ରାହୀ, ଜୟନ୍ତୀ ପାଣି, ବୁଦ୍ଧେଶ୍ୱର ମାରାଣ୍ଡି, କମଳାକାନ୍ତ ସାହୁ, ଅଶୋକ କୁମାର ଦାସ, ସୁଶାନ୍ତ ଦାସ, ପ୍ରମୋଦ ମହାପାତ୍ର, ପ୍ରମୋଦ କୁମାର ସେଠୀ, ଶ୍ରଦ୍ଧାଞ୍ଜଳି ସାହୁ, ଅମୂଲ୍ୟ ମହାଳିକ, ଶ୍ରୀକାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ରାଉତଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅକ୍ଷୟ କୁମାର ଦାସ ମାନପତ୍ର ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୬ ନଂ ଜାତୀୟ ରାଜପଥ ପାଲଟିଛି ଡେଥ୍ ଜୋନ୍
# ଅକାଳରେ ଝଡି ପଡୁଛି ନିରୀହ ଜୀବନ

ଧର୍ମଶାଳା: ଅକାଳରେ ଝଡି ପଡୁଛି ନିରୀହ ଜୀବନ। ଯାହାକୁ ନେଇ ଜାତୀୟ ରାଜପଥରେ ଯିବାକୁ ଅସୁରକ୍ଷିତ ମଣୁଛନ୍ତି ସାଧାରଣ ଜନତା। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଜାତୀୟ ରାଜପଥ ଅଧିକାରୀମାନଙ୍କ ନଜରରେ ପଡୁ ନାହିଁ। କେବଳ ଡାକବାଜି ଯନ୍ତ୍ର ମାଧ୍ୟମରେ ନିଜର କାର୍ଯ୍ୟ ଶେଷ କରି ଦେଉଛନ୍ତି। ହେଲେ ଆଇନ ଅମାନ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ବାରମ୍ବାର ଏଭଳି ଘଟଣା ଘଟୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ଜାରକାଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଯାଇଥିବା ୧୦ କିମି ଏହି ଜାତୀୟ ରାଜପଥ ଏବେ ଡେଥ୍ ଜୋନ ପାଲଟିଛି। ଏହି ରାସ୍ତା ମଝିରେ ୧ମାସ ମଧ୍ୟରେ ୧୦ରୁ ଉର୍ଦ୍ଧ ନିରୀହ ଜୀବନ ଯାଇଥିବା ବେଳେ ଅନେକ ଲୋକ ଦିବ୍ୟାଙ୍ଗ ହୋଇପଡିଛନ୍ତି। ଯାହାକୁ ନେଇ ଏବେ ଚିନ୍ତାରେ ଜନସାଧାରଣ। ଏଥି ପାଇଁ ଅନେକ ସମୟରେ ଜନସାଧାରଣ ପ୍ରଶାସନିକ ଅଧିକାରୀ ଦାୟୀ କରୁଥିଲେ ମଧ୍ୟ ସେପରି କିଛି ସୁଫଳ ମିଳି ପାରୁ ନାହିଁ। ତେବେ ଏହି ଜାତୀୟ ରାଜପଥ ଏବେ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବାବେଳେ ଏହି ରାସ୍ତାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ହେଲେ ରାସ୍ତା କକଡରେ ବେଆଇନଭାବେ ଭାରି ଯାନ ପାର୍କିଂ କରୁଛନ୍ତି। ଫଳରେ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ୧ମାସ ଭିତରେ ଏହି ରାସ୍ତାରେ ୧୦ରୁ ଉର୍ଦ୍ଧ ଜୀବନ ଯାଇଛି। ବିଶେଷ କରି ନେଉଳପୁର ନିକଟରେ ଏକ ଟ୍ରକ ପଛ ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଏକାଥରକେ ୭ ଜୀବନ ଯାଇଥିଲା। ସେହିପରି ବୁଧବାର ଦିନ ଧର୍ମଶାଳା ଥାନା ଅଧିନସ୍ଥ ଜାରକା ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଏକ ଟକ୍ର ପଛପଟୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ୨ ଜଣ ଜୀବନ୍ତ ପୋଡି ମୃତ୍ୟୁବରଣ କରିଥିଲେ। ସେହିପରି ସମାନ ଢଙ୍ଗରେ ବୁଧବାର ବିଳମ୍ବିତ ରାତିରେ ଜାରକାଠାରେ ଏକ ଟକ୍ର ପଛରେ ଅନ୍ୟ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କର ଗୋଟିଏ ଗୋଡ ହରାଇବାକୁ ପଡିଥିଲା। ନେଉଳପୁର ଦୁର୍ଘଟଣା ପରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେନତ କରାଇ ଚାଲିଯାଇଥିଲେ। ହେଲେ ଏବେ ଏହି ଜାତୀୟ ରାଜପଥ ଉପରେ ପାର୍କିଂ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯାହାକୁ ନେଇ ସବୁ ଦିନ ଏହି ରାସ୍ତାରେ ଗୁଣ୍ଡ ଗଡୁଥିଲେ ମଧ୍ୟ ପ୍ରଶାସନର ଚେତା ପଶୁ ନାହିଁ। ଏଦିଗରେ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବ୍ୟକତା ରହିଛି।

# ଆନ୍ତର୍ଜାତିକ ଯୁବ ଦୁଃସାହସିକ ଅଭିଯାନ ଉଦ୍‌ଯାପିତ




କୋଣାର୍କ (ପିପିଏସ): ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ପ୍ରେରଣାର ମିଳିତ ସହଯୋଗରେ ଗତ ୦୩।୦୪।୨୦୨୩ ତାରିଖ ଦିନଠାରୁ ଆରମ୍ଭ ହୋଇ ସମୁଦ୍ର କୂଳେ କୂଳେ ୩୫ କି.ମି. ଯାତ୍ରା କରିବା ପରେ ଆଜି କୋଣାର୍କ ଯାତ୍ରୀ ନିବାସ ପରିସରରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନ ଉତ୍ସବରେ ରାଜ୍ୟ କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଅଭିଯାତ୍ରୀ ମାନଙ୍କର ଦୁଃସାହସିକ କର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଶେଷତ ?ଃ ସାଂପ୍ରତିକ ପରିବେଶ ପ୍ରଦୂଷଣ ପରିପ୍ରେକ୍ଷୀରେ ଏହି ଭଳି କାର୍ଯ୍ୟକ୍ରମ ନିତ୍ୟାନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ପ୍ରେରଣାର ସଭାପତି ତଥା ପୂର୍ବତନ ବିଧାୟକ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରି କହିଲେ ପରିବେଶ ପ୍ରଦୂଷଣ, ଉତ୍ତାପ ବୃଦ୍ଧି, ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳଲକ୍ଷ୍ୟ ଥିଲା। ଏଥିସହିତ ସମୁଦ୍ରକୂଳ ସଫେଇ, ବୃକ୍ଷରୋପଣ ଆଦି କାର୍ଯ୍ୟ କରାଯାଇଥିଲା। ସେହିପରି ସମୁଦ୍ରକୂଳ ମୃର୍ତ୍ତିକାକ୍ଷୟ ରୋକିବା, ଜୀବ ଜନ୍ତୁ ଯଥା ହରିଣ, ବାଲି କଙ୍କଡା, ଅଲିଭ ରିଡଲେ କଇଁଛ ସୁରକ୍ଷା, ସମୁଦ୍ର ପ୍ରଦୂଷଣ ରୋକିବା ସମ୍ପର୍କରେ ଯାତ୍ରା ସମୟରେ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହ କୋଣାର୍କ ମନ୍ଦିର ପରିସରରେ ସଫେଇ କରିବା ଓ ଆକାଶ ଛତା ମାଧ୍ୟମରେ କୋଣାର୍କ ହେଲିପ୍ୟାଡ଼ରେ ଉଡିଥିଲେ। ଏଥିରେ ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ସାମନ୍ତରାୟ ସ୍ୱାଗତ ଭାଷଣ ଦେବା ସହ କହିଲେ ମିଳିତ ଜାତିସଂଘର ବର୍ତ୍ତମାନ ପରିପ୍ରେକ୍ଷୀରେ ପୃଥିବୀକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦିଆଯାଇଛି। ସେହି ଆଭିମୁଖ୍ୟ ଆମ ଅଭିଯାନର ମୂଳଲକ୍ଷ୍ୟ। ତେଣୁ ପ୍ରତ୍ୟେକ ଯୁବ ବନ୍ଧୁମାନେ ସୂଚାରୁରୂପେ ତାଙ୍କର ଅଭିଯାନ ସଫଳ କରିଛନ୍ତି। ଏହି କାର୍ଯ୍ୟକ୍ରମର ସଂଯୋଜକ ବିଶିଷ୍ଟ ସମାସେବୀ ରାମକୃଷ୍ଣ ମହାନ୍ତି ଏଥିରେ ଧନ୍ୟବାଦ ଦେବାସହ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଦେଶ ବିଦେଶରୁ ଆସିଥିବା ସ୍ୱେଚ୍ଛାସେବୀମାନେ ନିଜର କାର୍ଯ୍ୟଭାବ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାପରିଷଦର ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ବିଶିଷ୍ଟ ଶିକ୍ଷାବିତ୍ ସଂଗୀତା ଦାସ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ରାଣୀ ତ୍ରିପାଠୀ ଓ ଟି.ଡି.ସି ଅଧକ୍ଷ ଡକ୍ଟର ଲେନିନ ମହାନ୍ତି, ବିଶିଷ୍ଟ ପ୍ରତାପ ସାହୁ ଏନ.ୱାଇ.କେ.ଏସ୍ ଆଞ୍ଚଳିକ ଅଧିକାରିଣୀ ମିସେସ ହନି ସିହ୍ନା ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡକ୍ଟର ପ୍ରକାଶ ଶ୍ରୀଚନ୍ଦନ ଭାରତୀୟ ରେଡକ୍ରସର ପୂର୍ବତନ ସମ୍ପାଦିକା ମେଜର କଳ୍ପନା ଦାଶ, ଲାଏନାସ୍ ଗଭର୍ଣ୍ଣର ଏଲ୍‌ଏନ୍ ରବୀନ୍ଦ୍ର ଜେନା କ୍ଲାଫର୍ ସଭାପତି ବିକାଶ ଦାଶ ନିର୍ମାଣର ପ୍ରତିଷ୍ଠାତା 1 ପ୍ରସନ୍ନ ମହାନ୍ତି, କମଳା ନେହେରୁ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରିଣୀ ଡକ୍ଟର ମଧୁସ୍ମିତା ଦାଶ, ଖୋର୍ଦ୍ଧା ଜିଲ୍ଲା ରେଡ଼କ୍ରସ ଅଧିକାରୀ ସୁବୋଧ କୁମାର ଜଗଦେବ, ଅଧାପିକା ଅଲିଭା ବେରୁଆ ପ୍ରମୁଖ ଅତିଥି ରୂପେ ଯୋଗ ଦାନ କରିଥିଲେ।

## ଆଇପିଏଲ୍-୨୦୨୩

# ରୟାଲ ଚ୍ୟାଲେଞ୍ଜର୍ସ ବ୍ୟାଙ୍ଗାଲୁରୁକୁ ୮୧ ରନ୍‌ରେ ହରାଇଲା କୋଲକାତା ନାଇଟ୍ ରାଇଡର୍ସ



କୋଲକାତା(ଏଜେନ୍ସୀ): ଆଇପିଏଲର ଚଳିତ ସଂସ୍କରଣର ନବମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବ୍ୟାଙ୍ଗାଲୁରୁକୁ ୮୧ ରନ୍‌ରେ ହରାଇଲା କୋଲକାତା ନାଇଟ୍ ରାଇଡର୍ସ। କୋଲକାତା ଇଡେନ ଗାର୍ଡେନ୍‌ରେ ଖେଳାଯାଉଥିବା ଆଜିର ମ୍ୟାଚ୍‌ରେ କେକେଆର୍ ଟସ୍‌ହାରି ପ୍ରଥମେ ବ୍ୟାଟିଂ କରି ୨୦୪ ରନ୍ କରିଥିଲା। ୨୦୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କେକେଆର୍ ବୋଲରଙ୍କ ଘାତକ ବୋଲିଂରେ ଘାଇଲା ହୋଇଥିଲେ ଆରସିବି ଖେଳାଳି। ଫଳରେ ବେଙ୍ଗାଲୁରୁ ମାତ୍ର ୧୭.୪ ଓଭର ଖେଳି ୧୨୩ ରନ୍ କରି ଅଲ୍ ?ଆଉଟ୍ ହୋଇଯାଇଛି। କେକେକଆର୍ ୮୧ ରନ୍‌ରେ ବିଜୟୀ ହୋଇଛି। ଆରସିବି ପକ୍ଷରୁ ଆଜି କୌଣସି ବ୍ୟାଟର ୩୦ ଛୁଇଁ ପାରି ନଥିଲେ। ଦଳ ପକ୍ଷରୁ ଓପନିଂ ଆସିଥିବା ଫାପ୍ ଡୁପ୍ଲେସିସ୍ ଓ ବିରାଟ କୋହଲି ପ୍ରଥମେ ଭଲ ଆରମ୍ଭ ଦେଇଥିଲେ। ହେଲେ ୫ ଓଭର ଖେଳ ଚାଲିଥିବା ବେଳେ ବିରାଟ(୨୧)ଙ୍କ ୱିକେଟ୍ ଯାଇଥିଲା। ସୁନୀଲ ନାରିନ୍‌ଙ୍କ ଇନ୍‌ସିଙ୍ଗରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦଳର ୱିକେଟ୍ ପଡ଼ିବା ଆରମ୍ଭ ହୋଇଯାଇଥିଲା। ବିରାଟଙ୍କ ପରେ ଡୁପ୍ଲେସିସ୍(୨୩), ଗ୍ଲେନ୍ ମାକ୍ସୱେଲ୍ (୭),ହର୍ଷଲ ପଟେଲ (୦), ଶେହବାଜ ଅହମଦ(୧), ମାଇକେଲ ବ୍ରାସୱେଲ(୧୯),ଅଞ୍ଜୁ ରାୱତ(୧), ଦିନେଶ କାର୍ତ୍ତିକ(୯), କର୍ଣ୍ଣ ଶର୍ମା(୧) ଓ ଆକାଶ ଦୀପ ୧୭ ରନ୍ କରି ଆଉଟ୍ ହୋଇଥିଲେ। ଏହିପରି ଭାବେ ଦଳ ମାତ୍ର ୧୭. ୪ ଓଭର୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଆଜିର ମ୍ୟାଚ୍‌ରେ କେକେଆର୍ ଜବରଦସ୍ତ ବ୍ୟାଟିଂ ସାଙ୍ଗକୁ ଘାତକ ବୋଲିଂ ବି କରିଥିଲା। ବିଶେଷ କରି ଦୁଇ ଭାରତୀୟ ବୋଲର ପଡ଼ିଆରେ ଆରସିବିର ବ୍ୟାଟରଙ୍କୁ ଘାଇଲା କରିଥିଲେ। ଦଳ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୪ ୱିକେଟ୍ ନେଇଥିବା ବେଳେ ସୂୟସ ଶର୍ମା ୩ ୱିକେଟ୍ ନେଇଥିଲେ। ଏହାପରେ ସୁନୀଲ ନାରିନ ୨ ଓ ଶାର୍ଦ୍ଦୁଲ ଠାକୁର ୧ ୱିକେଟ୍ ନେଇଥିଲେ। କୋଲାକାତା ବ୍ୟାଟିଂ- ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବା ଆରସିବି ପ୍ରଥମେ ଚମତ୍କାର ବୋଲିଂ କରିଥିଲା। ୮୯ ରନରେ କୋଲକାତାର ୫ଟି ୱିକେଟ୍ ନେବାରେ ଆରସିବି ବୋଲର ସଫଳ ହୋଇଥିଲେ। କିନ୍ତୁ ଷଷ୍ଠ ୱିକେଟ୍ ପାଇଁ ରିଙ୍କୁ ସିଂହ ଏବଂ ଶାର୍ଦ୍ଦୁଲ ଠାକୁରଙ୍କ ମଧ୍ୟରେ ୧୦୩ ରନର ପାର୍ଟନର୍‌ସିପ୍ ହୋଇଥିଲା। କେକେଆର ପାଇଁ ଶାର୍ଦ୍ଦୁଲ ଠାକୁର ୨୯ ବଲରୁ ୬୮ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ରମାନୁଲ୍ଲାହ ଗୁରବାଜ ୫୭ ରନ୍ ଏବଂ ରିଙ୍କୁ ସିଂହ ୪୬ ରନ୍ କରିଥିଲେ। ଆରସିବି ପକ୍ଷରୁ ଡେଭିଡ୍ ୱିଲି, କରଣ ଶର୍ମା ଦୁଇଟି ଲେଖାଏ ୱିକେଟ୍ ନେଇଥିଲେ । ସେହିପରି ମହମ୍ମଦ ଶିରାଜ, ବ୍ରେସୱେଲ ଏବଂ ହର୍ଷଲ ପଟେଲଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା।

# ଭାରତୀୟ ଖେଳାଳିଙ୍କ ଆହତ ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କଲେ ଆଝାରୁଦ୍ଦୀନ



ନୂଆଦିଲ୍ଲୀ(ଏଜେନ୍ସୀ): ଆଇପିଏଲ ୨୦୨୩ରେ ଦିନକୁ ଦିନ ଆହତ ଖେଳାଳିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଆହତ କାରଣରୁ ଅନେକ ଖେଳାଳି ନିଜ ନାଁ ଫେରାଇ ନେଇଥିଲେ। ପୁଣି ଟୁର୍ଣ୍ଣାମେଣ୍ଟରେ ଏ ପର୍ଯ୍ୟନ୍ତ ଆହତ ଯୋଗୁଁ ଅନେକ ଖେଳାଳି ବାଦ୍ ପଡ଼ି ସାରିଲେଣି। ଏହାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦୀନ। ଭାରତୀୟ ଖେଳାଳିଙ୍କୁ କାର୍ଯ୍ୟଭାର ସଠିକ ଢଙ୍ଗରେ ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି। ଯଦି କୌଣସି ଭାରତୀୟ ଖେଳାଳି ଆହତ ହୁଅନ୍ତି ତେବେ ଚଳିତ ବର୍ଷ ଖେଳାଯିବାକୁ ଥିବା ବିଶ୍ୱକପରେ ଭାରତକୁ ମୁସ୍କିଲରେ ପକାଇପାରେ। ଆଝାରୁଦ୍ଦୀନ ଟ୍ୱିଟ୍ କରି ଲେଖିଛନ୍ତି ଚଳିତ ଆଇପିଏଲରେ ଏତେ ସଂଖ୍ୟାରେ ଖେଳାଳିଙ୍କ ଆହତ ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ମୁଁ ଆଶା କରୁଛି ଆଇପିଏଲ୍ ଖେଳୁଥିବା ଭାରତୀୟ ଖେଳାଳି ବିଶ୍ୱକପ୍ ୨୦୨୩ ପୂର୍ବରୁ ନିଜର କାର୍ଯ୍ୟଭାର ଉପରେ ଧ୍ୟାନ ଦେବେ। ଘରୋଇ ମାଟିରେ ବିଶ୍ୱକପ୍ ଆୟୋଜନ ହେଉଥିବାରୁ ଦର୍ଶକଙ୍କ ଖେଳାଳିଙ୍କ ନିକଟରୁ ଅନେକ ଆଶା ରହିଛି। ଭାରତୀୟ ଖେଳାଳି ଯଶପ୍ରୀତ ବୁମରା ଏବଂ ଶ୍ରେୟସ ଆୟର ପୂର୍ବରୁ ଆହତ କାରଣରୁ ଆଇପିଏଲରୁ ବାଦ୍ ପଡି ସାରିଛନ୍ତି। ବୁମରା ପିଠିର ଅସ୍ତ୍ରୋପଚାର କରିଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଛି। ଆଇପିଏଲ୍ ବ୍ୟତୀତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ମଧ୍ୟ ଖେଳି ପାରିବେ ନାହିଁ ବୁମରା। ତାଙ୍କୁ ଦୀର୍ଘ ସମୟ ପଡିଆରୁ ଦୂରରେ ରହିବାକୁ ପଡିବ। ଏପରିକି ଏସିଆ କପ୍‌ରୁ ମଧ୍ୟ ବଞ୍ଚିତ ହୋଇ ପାରନ୍ତି ଏହି ତାରକା ବୋଲର। କିନ୍ତୁ ୨୦୨୩ ବିଶ୍ୱକପ୍ ପୂର୍ବରୁ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ନିଜର ଆହତ ସମସ୍ୟାକୁ ନେଇ ଚିନ୍ତିତ ଶ୍ରେୟସ ଆୟର ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ପିଠିର ନିମ୍ନ ଭାଗରେ ଅସ୍ତ୍ରୋପଚାର ଯୋଗୁଁ ସେ ମଧ୍ୟ କ୍ରିକେଟରୁ ଦୀର୍ଘ ସମୟ ଦୂରରେ ରହିବେ। ତେବେ ୨୦୨୩ ବିଶ୍ୱକପ୍‌ରେ ସେ ଦଳକୁ ଫେରିବେ ବୋଲି ଆଶା କରାଯାଉଛି।

# ଲକ୍ଷ୍ନୌ ସୁପର ଜିଆଣ୍ଟସ୍‌କୁ ୧୨୨ରନ ଟାର୍ଗେଟ୍ ଦେଲା ହାଇଦ୍ରାବାଦ



ଲକ୍ଷ୍ନୌ(ଏଜେନ୍ସୀ) ଆଇପିଏଲ ୨୦୨୩ର ୧୦ମ ମ୍ୟାଚ୍‌ରେ ଶୁକ୍ରବାର ମୁହାଁମୁହିଁ ହୋଇଛନ୍ତି ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ। ଏହି ମ୍ୟାଚ୍ ଲକ୍ଷ୍ନୌର ଅଟଳ ବିହାରୀ ବାଜପାୟୀ ଷ୍ଟାଡିୟମରେ ଖେଳାଯାଇଥିବା ବେଳେ ଏଥିରେ ପ୍ରଥମେ ଟସ୍‌ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ସନ୍‌ରାଇଜର୍ସ ହାଇଦ୍ରାବାଦ। ତେବେ ଟିମ୍ ହାଇଦ୍ରାବାଦର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ନିର୍ଦ୍ଧାରିତ ଓଭରରେ ୮ଟି ୱିକେଟ ହରାଇ ୧୨୧ କରିଥିଲା। ଏବେ ଲକ୍ଷ୍ନୌ ୧୨୨ ରନ୍‌ର ବିଜୟଲକ୍ଷ ନେଇ ମୈଦାନକୁ ଓହ୍ଲାଇବ ପ୍ରଥମେ ଟସ୍ ଜିତି ହାଇଦ୍ରାବାଦ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ତେବେ ଦଳ ପକ୍ଷରୁ ଅନମୋଲପ୍ରିତ ଓ ମୟଙ୍କ ଅଗ୍ରୱାଲ ଓପନିଂ କରିଥିଲେ। ୨.୪ ଓଭର ବେଳକୁ ଦଳକୁ ପ୍ରଥମ ଝଟ୍‌କା ଲାଗିଥିଲା। ମୟଙ୍କ ଅଗ୍ରୱାଲ(୮)ଙ୍କୁ ଆଉଟ୍ କରି ପାଭିଲିୟନ ପଠାଇଥିଲେ କୁନାଲ ପାଣ୍ଡ୍ୟା। ୭ ଓଭର ବେଳକୁ ଲଗାତର ଦୁଇଟି ଝଟ୍‌କା ଲାଗିଥିଲା। ଅନମୋଲପ୍ରିତଙ୍କୁ ଏଲବିଡବ୍ଲ୍ୟୁ କରିଥିଲେ କ୍ରୁନାଲ ପାଣ୍ଡ୍ୟା। ଅନମୋଲପ୍ରିତ ୨୬ ବଲ୍‌ରେ ୩ଟି ଚୌକା ଓ ୧ଟି ଛକା ମାରି ୩୧ ରନ୍ କରିଥିଲେ। ପରେ ପରେ ମୈଦାନକୁ ଓହ୍ଲାଇଥିବା ଏଡେନ ମାର୍କ୍ରମଙ୍କୁ ପାଭିଲିୟନ ପଠାଇଥିଲେ ପାଣ୍ଡ୍ୟା। ପରେ ପିଚ୍‌କୁ ଆସିଥିଲେ ହେରୀ ବ୍ରୁକ୍। ସେ ମଧ୍ୟ ୩ ରନ୍ କରିଥିବା ବେଳେ ତାଙ୍କୁ ରବି ବିଶ୍ନୋଇ ପାଭିଲିୟନର ରାସ୍ତା ଦେଖାଇଥିଲେ। ଏଥିମଧ୍ୟରେ ଲକ୍ଷ୍ନୌ ପକ୍ଷରୁ କ୍ରୁଣାଲ ପାଣ୍ଡ୍ୟା ୩ଟି ଓ ରବି ବିଷ୍ଣୋଇ ୨ଟି ୱିକେଟ ନେଇଥିଲେ। ୧୭.୨ ଓଭର ବେଳକୁ ଦଳକୁ ପଞ୍ଚମ ଝଟ୍‌କା ଲାଗିଥିଲା। ୩୪ ରନ୍ କରି ଆଉଟ ହେଲେ ରାହୁଲ ତ୍ରିପାଠୀ।ସନରାଇଜର୍ସ ହାଇଦ୍ରାବାଦକୁ ଷଷ୍ଠ ୱିକେଟ୍। ୧୬ ରନ୍ କରି ୱାଶିଂଟନ୍ ସୁନ୍ଦରଙ୍କୁ ପାଭିଲିୟନର ରାସ୍ତା ଦେଖାଇଥିଲେ ଅମିତ ମିଶ୍ରା। ସେହିପରି ଆଦିଲ ରାସିଦ୍ ୪ ରନ୍ କରି ଅମିତ ମିଶ୍ରାଙ୍କ ପାଭିଲିୟନ ଫେରିଥିଲେ। ପରିଶେଷରେ ଉମ୍‌ରାନ୍ ମଲିକ କୌଣସି ରନ୍ ନକରି ଆଉଟ୍ ହୋଇଥିଲେ। ନିର୍ଦ୍ଧାରିତ ଓଭର ମଧ୍ୟରେ ୧୨୧ ରନ୍ କରିଥିଲା। ସେପଟେ ଲକ୍ଷ୍ନୌ ପକ୍ଷରୁ କ୍ରୁଣାଲ ପାଣ୍ଡ୍ୟା ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ଅମିତ ମିଶ୍ରା ୨ଟି ୱିକେଟ ନେଇଥିଲେ।

# ବିବାହ ପାଇଁ ସ୍ୱଦେଶ ଫେରିବେ ଷ୍ଟାର ଅଲରାଉଣ୍ଡର ମିଚେଲ ମାର୍ଶ



ନୂଆଦିଲ୍ଲୀ(ଏଜେନ୍ସୀ): ଦମଦାର ଷ୍ଟାଇଲରେ ଆଇପିଏଲ ୨୦୨୩ ଆରମ୍ଭ ହୋଇଛି। ପ୍ରଥମେ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୪ ଥରର ଚାମ୍ପିୟନ ଚେନ୍ନାଇ ସୁପରକିଙ୍ଗ୍ସକୁ ହରାଇଥିଲା। ହେଲେ ଟୁର୍ଣ୍ଣାମେଣ୍ଟ ସମୟରେ ଖେଳାଳିଙ୍କ ଆହତ ସମସ୍ୟା ଜାରି ରହିଛି। କେନ ୱିଲିୟମସନ, ରିସ ଟପଲିଙ୍କ ପରି ଖେଳାଳି ଆହତ କାରଣରୁ ଟୁର୍ଣ୍ଣାମେଣ୍ଟରୁ ହଟିବାକୁ ପଡିଛି। ଏବେ ଏହି ତାଲିକାରେ ରାଜସ୍ଥାନ ରୟାଲ୍ସର ତାରକା ଓପନର ଜୋସ ବଟଲରଙ୍କ ନାମ ଯୋଡି ହୋଇ ଯାଇଛି। ରାଜସ୍ଥାନ ରୟାଲ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଇପିଏଲ ୨୦୨୩ର ୧୧ମ ମ୍ୟାଚ୍ ଖେଳାଯିବ। ମାତ୍ର ଦୁଇ ଦଳକୁ ମ୍ୟାଚ୍ ପୂର୍ବରୁ ଝଟକା ଲାଗିଛି। ଦିଲ୍ଲୀ କ୍ୟାପିଟାଲ୍ସର ଷ୍ଟାର ଅଲରାଉଣ୍ଡର ମିଚେଲ ମାର୍ଶ ନିଜର ବିବାହ କାରଣରୁ ଘରକୁ ଫେରୁଛନ୍ତି। ସେ ଗୋଟିଏ ସପ୍ତାହ ଆଇପିଏଲରୁ ଦୂରରେ ରହିବେ। ଅନ୍ୟପଟେ ରାଜସ୍ଥାନ ରୟାଲ୍ସର ଷ୍ଟାର ଓପନିଂ ବ୍ୟାଟର ଜୋସ୍ ବଟଲର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମୁକାବିଲାରେ ଆହତ ହୋଇଥିଲେ। ଆଙ୍ଗୁଠିରେ ଆହତ ଲାଗିବା କାରଣରୁ ତାଙ୍କର ପରବର୍ତ୍ତୀ ମ୍ୟାଚ୍ ଖେଳିବା ନେଇ ସଂଶୟ ଦେଖା ଦେଇଛି। ଜୋସ୍ ବଟଲର ଖେଳିବେ କି ନାହିଁ ତାର ନିର୍ଣ୍ଣୟ ରାଜସ୍ଥାନ ରୟାଲ୍ସର ଡାକ୍ତରୀ ଦଳଙ୍କ ରିପୋର୍ଟ ଉପରେ ନିର୍ଭର କରେ। ଦିଲ୍ଲୀ କ୍ୟାପିଟାଲ୍ସର ଷ୍ଟାର ଅଲରାଉଣ୍ଡର ମିଚେଲ୍ ମାର୍ଶ ଆଇପିଏଲ୍ ୨୦୨୩ ଆରମ୍ଭ ହେବା ପୂର୍ବରୁ ଜବରଦସ୍ତ ଫର୍ମରେ ଥିଲେ।ମାତ୍ର ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପରେ ତାଙ୍କ ବ୍ୟାଟ ଶାନ୍ତ ରହିଛି। ଆଇପିଏଲ୍ ୨୦୨୩ରେ ମାର୍ଶ ଏ ପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳିଥିଲେ ହେଁ ପ୍ରଦର୍ଶନ ନିରାଶଜନକ ରହିଛି। ପ୍ରଥମ ମ୍ୟାଚ୍‌ର ସେ ଖାତା ଖୋଲି ପାରିନଥିବା ବେଳେ ଗୁଜରାଟ ଟାଇଟନ୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ୪ ରନ କରିବା ସହ ଗୋଟିଏ ୱିକେଟ୍ ହାସଲ କରିଥିଲେ। ରାଜସ୍ଥାନ ରୟାଲ୍ସର ବଟଲର ଚମତ୍କାର ଫର୍ମରେ ଅଛନ୍ତି। ସେ ଆଇପିଏଲ୍ ୨୦୨୩ର ପ୍ରଥମ ମ୍ୟାଚ୍‌ରେ ୫୪ ରନର ଦମଦାର ଇନିଂସ ଖେଳିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଆହତ ସତ୍ତ୍ୱେ ସେ ୧୯ ରନ କରିଥିଲେ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨ଅପ୍ରେଲ -୮ ଅପ୍ରେଲ୨୦୨୩




ରାହୁଲଙ୍କ ଜେଲ୍ ଓ ଜାମିନ୍ ସଦସ୍ୟ ପଦ ରଦ୍ଦ

ଅହିଂସା ବଳରେ ଭାରତ ବର୍ଷକୁ ସାଧୀନ କରିଥିବା କଂଗ୍ରେସ ଦଳ ଏବେ ସଂକଟରେ । ଗାନ୍ଧୀ ପରିବାରର ଦାୟାଦ କହି ନିଜର ଆଚରଣ ଓ ଉଚ୍ଚାରଣ ଯୋଗୁଁ ଆଜି ସମଗ୍ର ଦେଶ ରେ କଂଗ୍ରେସ ପରି ସର୍ବପୁରାତନ ଦଳ ସମାଲୋଚିତ । ୨୦୧୪ ପରାଜୟ କଂଗ୍ରେସ ସହଜରେ ଗ୍ରହଣ କରିପାରି ନଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଦେଶ କୁ ଏକାଧିକବାର ଶାସନ କରିଥିବା କଂଗ୍ରେସ କ୍ଷମତା କେନ୍ଦ୍ର ଠାରୁ ବହୁ ଦୂରରେ । ବର୍ତ୍ତମାନ ସମୟରେ ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା କୁ ସହ୍ୟ ନକରିପାରି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଳ ଗାନ୍ଧୀ ନିଜ ପ୍ରତ୍ୟେକ ଭାଷଣରେ ବିଜେପି କୁ ସମାଲୋଚନା କରିବା ସହ ଦେଶ ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟ ରେ ବାରମ୍ବାର ଖରାପ ଭାଷା ପ୍ରୟୋଗ କରୁଥିବା ଦେଖିବାକୁ ମିଳିଛି । ଯାହାର ପରିଣାମ ଏବେ ରାହୁଳ ଗାନ୍ଧୀ ଭୋଗିଛନ୍ତି, କଂଗ୍ରେସ ଦଳକୁ ମଧ୍ୟ ଲଜ୍ଜିତ କରାଇ ଛନ୍ତି ।ଏକ ମାନହାନୀ ମାମଲାରେ ସୁରତର ଏକ ଅଦାଲତ କଂଗ୍ରେସର ନେତା ରାହୁଳ ଗାନ୍ଧୀ ଙ୍କୁ ଦଣ୍ଡିତ କରି ଦୁଇ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି ଏବଂ ତାଙ୍କର ଲୋକସଭା ସଭ୍ୟ ପଦ ମଧ୍ୟ ରଦ୍ଦ ହୋଇଛି ।

**ଜାତୀୟ:** ବିଶ୍ୱର ଏକ ନମ୍ବର ଅର୍ଥନୀତିରେ ପରିଣତ ହେବ ଭାରତ

**ସ୍ୱତନ୍ତ୍ର ପ୍ରସଙ୍ଗ:** ହମ୍ ଆପ୍‌କେ ହୈ କୌନ୍

**ନାରୀ:** ତ୍ୱଚା ପାଇଁ ଉଷୁମ ପାଣି ପ୍ରଭାବ

**କ୍ଷୁଦ୍ରଗଳ୍ପ:** ଅହମିକାର ଅତ୍ୟାଚାର

**ଚଳଚ୍ଚିତ୍ର:** ନୂଆ ମିଶନରେ କାର୍ତ୍ତିକ,ଅସୁସ୍ଥ ଅଛନ୍ତି ବିଗ୍ ବି,ବାପା ହେଲେ ଗାୟକ ଅତିଫ୍ ଅସଲାମ,ଇମ୍ରାନ୍ ଖାନ୍‌ଙ୍କ ହେବ ଡିଭୋର୍ସ,ଚର୍ଚ୍ଚାରେ ଆଦିତ୍ୟ ରୟ କପୁର,ଫିଲ୍ମ ପୁଷ୍ପା-୨ରେ ଅଭିନୟ କରିବେ ଅଜୟ,ସୋନୁଙ୍କ ଘରୁ ଚୋରି,ଆହତ ହେଲେ ମିଷ୍ଟର ଖିଲାଡି,ପ୍ରଦୀପ ସରକାରଙ୍କର ୬୭ ବର୍ଷ ବୟସରେ ଦେହାନ୍ତ

**ଖେଳ:** ଧୋନିଙ୍କୁ ଜୋରଦାର ପ୍ରଶଂସା କଲେ ସୁନୀଲ ଗାଭାସ୍କର,ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ଜନି ବେୟାରଷ୍ଟୋ,ଅଲରାଉଣ୍ଡର ବେନ୍ ଷ୍ଟୋକସଙ୍କୁ ନେଇ ସିଏସ୍‌କେ ଦଳ ଉତ୍ସାହିତ,ଆଇପିଏଲ୍‌ରେ ଏକାଠି କମେଣ୍ଟ୍ରି କରିବେ ଭଜି ଏବଂ ଶ୍ରୀସନ୍ଥ,ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ନିତୁ ଘନଘସ୍ ଜିତିଲେ ସ୍ୱର୍ଣ୍ଣ ପଦକ,୨୦୨୩ ସିଜିନରେ ଶ'ଙ୍କ ବ୍ୟାଟରୁ ଖୁବ୍ ରନ ବର୍ଷିବ: ରିକି ପଣ୍ଟିଂ,ନୂଆ ଲୁକ୍‌ରେ ଆସିଲେ କୋହଲି

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ବିପକ୍ଷଙ୍କ ମିଶାଣ ଫେଡାଣ ରାଜନୀତି"

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ମୋଟା ଅଙ୍କର ଅର୍ଥ ନେଇଥାନ୍ତି ଆଇପିଏଲ୍ ଚିୟରଗର୍ଲ



ନୂଆଦିଲ୍ଲୀ(ଏଜେନ୍ସୀ): ଦୁନିଆର ସବୁଠାରୁ ଲୋକପ୍ରିୟ କ୍ରିକେଟ ଲିକ୍ ଆଇପିଏଲର ୧୬ ତମ ସଂସ୍କରଣ ଆରମ୍ଭ ହୋଇସାରିଛି। ପ୍ରତିଦିନ ଏହି ଲିଗରେ ୟୁଜର୍ସଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆଇପିଏଲରେ ପ୍ରତିଷ୍ଠିତ କ୍ରିକେଟରଙ୍କ ଠାରୁ ବ୍ୟବସାୟୀ ପର୍ଯ୍ୟନ୍ତ ପ୍ରାୟୋଜକ ବା ସ୍ପନସନ୍ ଏହି ଲିଗ୍ ସହିତ ଜଡିତ। ଏସବୁ ବ୍ୟତୀତ, ଆଇପିଏଲ୍ ଭିଡ଼କୁ ମନୋରଞ୍ଜନ କରୁଥିବା ଚିୟର ଗର୍ଲ ମଧ୍ୟ ଅଛନ୍ତି। ଗତ କିଛି ବର୍ଷ ଧରି କୋଭିଡ କାରଣରୁ ସେମାନଙ୍କ ପ୍ରବେଶ ବନ୍ଦ ହୋଇଯାଇଥିଲା, କିନ୍ତୁ ଏହି ବର୍ଷଠାରୁ ପୁଣିଥରେ ସେମାନଙ୍କୁ ଆଇପିଏରେ ଏଣ୍ଟ୍ରି କରାଯାଇଛି ଆଇପିଏଲରେ କେବଳ ଅଳ୍ପ କିଛି ଚିୟର ଗର୍ଲ ଭାରତୀୟ ରହିଥିବା ବେଳେ ଅଧିକାଂଶ ଚିୟରଲିଡର ବିଦେଶରୁ ଆସିଥାନ୍ତି। ତେବେ ମଇଦାନ ଭିତରେ ଆଇପିଏଲରେ ଲୋକଙ୍କୁ ମନୋରଞ୍ଜନ କରୁଥିବା ଚିୟର ଗର୍ଲ ମାନଙ୍କୁ କେତେ ପାରିଶ୍ରମିକ ବା ଫି ମିଳେ ଆପଣ ଜାଣନ୍ତି କି ତେବେ ଆସନ୍ତୁ ଜାଣିବା ପ୍ରତି ମ୍ୟାଚ୍ ପିଛା କେତେ ଟଙ୍କା ନିଅନ୍ତି ଚିୟର ଗର୍ଲ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ମ୍ୟାଚ୍ ପାଇଁ ଚିୟରଗର୍ଲ ମାନେ ୧୪,୦୦୦ ରୁ ୧୭,୦୦୦ ଟଙ୍କା ଚାର୍ଜ କରନ୍ତି। ଏଥି ସହିତ ସିଏସକେ, ପଞ୍ଜାବ, ସନ୍‌ରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ ଚିୟରଲିଡର୍ ମାନଙ୍କୁ ପ୍ରତି ମ୍ୟାଚ ପିଛା ୧୨,୦୦୦ ରୁ ଅଧିକ ଟଙ୍କା ଦିଆଯାଏ। କିନ୍ତୁ ମୁମ୍ବାଇ ଏବଂ ଆରସିବି ପ୍ରତି ମ୍ୟାଚ୍ ପାଇଁ ତାର ଚିୟରଲିଡର ମାନଙ୍କୁ ପାଖାପାଖି ୨୦,୦୦୦ ଟଙ୍କା ଦେଇଥାଏ। ଏହି ପରିପ୍ରେକ୍ଷିରେ କେକେଆର୍ ଚିରଲିଡର୍ ମାନଙ୍କୁ ପ୍ରତି ମ୍ୟାଚ୍ ପିଛା ସର୍ବାଧିକ ୨୪,୦୦୦ ଟଙ୍କା ଦେଇଥାଏ। ସୂଚନାଥାଉକି, ମ୍ୟାଚ୍ ପରେ ମଧ୍ୟ ସେମାନଙ୍କୁ ଅତିରିକ୍ତ ଟଙ୍କା ଦିଆଯାଏ। ପ୍ରଦର୍ଶନ ଆଧାରରେ ଏବଂ ଯଦି ସେମାନଙ୍କ ଦଳ ଜିତେ ତେବେ ଚିୟରଲିଡର ମାନଙ୍କୁ ବୋନସ୍ ଦିଆଯାଏ। ଏହା ବ୍ୟତୀତ, ଚିୟର ଗର୍ଲ ମାନେ ବିଳାସପୂର୍ଣ୍ଣ ସାମଗ୍ରୀର ବ୍ୟବହାର କରିବା ସହିତ ଏବଂ ଉନ୍ନତ ଖାଦ୍ୟ ଇତ୍ୟାଦିର ଲାଭ ଉଠାଇ ଥାଆନ୍ତି। ଆଇପିଏଲରେ ଚିୟର ଗର୍ଲଙ୍କୁ କାମ ସହଜରେ ମିଳେ ନାହିଁ। ମୂଲ୍ୟାଙ୍କନ ଏବଂ ସାକ୍ଷାତକାର ଆଧାରରେ ସେମାନଙ୍କୁ ଚୟନ କରାଯାଇଥାଏ। ଜଣେ ଆଇପିଏଲ ଚିୟରଲିଡରଙ୍କ ପାଖରେ ନୃତ୍ୟ ଅଭିଜ୍ଞତା, ମଡେଲିଂ ଏବଂ ବିଶାଳ ଭିଡ଼ ଆଗରେ ପ୍ରଦର୍ଶନ କରିବାର ସାମର୍ଥ୍ୟ ରହିବା ନିହାତି ଆବଶ୍ୟକ।

# ଧୋନିଙ୍କୁ ପ୍ରଶଂସା କଲେ ଶ୍ରୀକାନ୍ତ

ନୂଆଦିଲ୍ଲୀ(ଏଜେନ୍ସୀ): ମହେନ୍ଦ୍ର ସିଂ ଧୋନି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍ ୨୦୨୩) ରେ ଏକ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ଅଧିନାୟକ ଷ୍ଟ୍ରାଇକ୍ ରେଟ୍ ୨୦୦ ବ୍ୟାଟିଂ କରି ୩୧ ମାର୍ଚ୍ଚରେ ଗୁଜୁରାଟ ଟାଇଟାନ୍ସ ବିପକ୍ଷ ପ୍ରଥମ ମ୍ୟାଚରେ ମାତ୍ର ୭ ବଲରେ ୧୪ ରନ୍ ସଂଗ୍ରହ କରିଥିଲେ। ଏହା ପରେ ଧୋନି ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ଛଅଟି ଛକା ମାରିଥିଲେ। ଧୋନି ବ୍ୟାଟିଂ କରିବାକୁ ଓହ୍ଲାଇବା ମାତ୍ରେ ପ୍ରଥମ ଦୁଇଟି ବଲରେ କ୍ରମାଗତ ଛଅଟି ଛକା ମାରିଥିଲେ। ତେବେ ସେ ତୃତୀୟ ବଲରେ ମଧ୍ୟ ଏକ ବଡ଼ ସଟ୍ ଖେଳିବାକୁ ଚାହୁଁଥିଲେ। ଧୋନିଙ୍କ ଫର୍ମ ଦେଶ ତଥା ବିଦେଶର କ୍ରିକେଟ୍ ବିଶେଷଜ୍ଞ, ପୂର୍ବତନ କ୍ରିକେଟର ଏବଂ ପ୍ରଶଂସକଙ୍କୁ ପ୍ରଭାବିତ କରିଥିଲା। କିଛି ଦିନ ପୂର୍ବରୁ ପାକିସ୍ତାନର ପୂର୍ବତନ ଭେଟେରାନ ରସିଦ ଲତିଫ ମଧ୍ୟ ଧୋନିଙ୍କୁ କଡ଼ା ପ୍ରଶଂସା କରିଥିଲେ। ସେ ସଚିନ ତେନ୍ଦୁଲକର, ସୁନୀଲ ଗାଭାସ୍କର ଏବଂ ବିରାଟ କୋହଲିଙ୍କ ଆଗରେ ଧୋନିଙ୍କୁ କହିଛନ୍ତି। ବର୍ତ୍ତମାନ ପୂର୍ବତନ କ୍ରିକେଟର କ୍ରିସ ଶ୍ରୀକାନ୍ତ ମଧ୍ୟ ଧୋନିଙ୍କ ଚମତ୍କାର ପ୍ରଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିବା ବ୍ୟକ୍ତିଙ୍କ ସହ ଯୋଗ ଦେଇଛନ୍ତି ।ଭାରତର ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ମହେନ୍ଦ୍ର ସିଂ ଧୋନିଙ୍କୁ ପ୍ରଶଂସା ଓ ଆଶୀର୍ବାଦ ଦେଇଛନ୍ତି। ଉଭୟ ଏବଂ ଆଇପିଏଲ୍ ମନ୍ତବ୍ୟ ଦଳର ସଦସ୍ୟମାନେ ଏକ ହୋଟେଲରେ ସାକ୍ଷାତ କରିଥିଲେ। ଚେନ୍ନାଇ ସୁପର କିଙ୍ଗ୍ସର ଅଫିସିଆଲ୍ ଟ୍ୱିଟର ପୃଷ୍ଠାରୁ ଏହି ଭିଡିଓ ସେୟାର କରାଯାଇଛି। ଏହି ଭିଡିଓରେ ଶ୍ରୀକାନ୍ତ ଧୋନିଙ୍କୁ ଭେଟି କହିଛନ୍ତି, ବସ୍, ମୁଁ ଆପଣଙ୍କୁ ସଲାମ କରୁଛି। ଆପଣ ଛଅଟି ମାରିବାବେଳେ ମୁଁ ମନ୍ତବ୍ୟ ଦେଉଥିଲି। ସତ କହିବାକୁ ଗଲେ ମୁଁ ଆପଣଙ୍କ ପାଇଁ ବହୁତ ଖୁସି ଅଟେ। ଭଗବାନ୍ ତୁମର ମଙ୍ଗଳ କରନ୍ତୁ!" ପୂର୍ବତନ ଓପନର୍ କ୍ରିସ୍ ଶ୍ରୀକାନ୍ତ ୨୦୧୧ ଇଣ୍ଡିଆ ବିଶ୍ୱକପ୍ ଜିତିଥିବା ଟିମ୍ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା ଥିଲେ। ୧୯୮୩ ବିଶ୍ୱକପ ଜିତିଥିବା କପିଲ ଦେବଙ୍କ ନେତୃତ୍ୱରେ ସେ ଦଳର ଏକ ଅଂଶ ଥିଲେ।

# ପାକିସ୍ତାନ କ୍ରିକେଟ୍ ବିଶ୍ୱକପରେ ପାଇଥିବା ଗାଡ଼ିକୁ ସାଇତି ରଖିଛନ୍ତି ଜୟସୂରିୟା

ମୁମ୍ବାଇ(ଏଜେନ୍ସୀ): ଶ୍ରୀଲଙ୍କାର ପୂର୍ବତନ ଭେଟେରାନ ଅଲରାଉଣ୍ଡର ସନଥ ଜୟସୂରୟା। ବର୍ତ୍ତମାନ ତାଙ୍କ ପାଖରେ ଏକ କାର ଅଛି । ଯାହା ସେ ୧୯୯୬ ମସିହାରେ ପାକିସ୍ତାନ କ୍ରିକେଟ୍ ବିଶ୍ୱକପରେ ପାଇଥିଲେ। ସନଥ ଜୟସୂରୟା ସୋମବାର ଟ୍ୱିଟରରେ ପ୍ରକାଶ କରିଛନ୍ତି ଯେ ୧୯୯୬ ୱାର୍ଲ୍ଡକପ୍‌ରେ 'ମ୍ୟାନ୍ ଅଫ୍ ଦି ସିରିଜ୍'ରେ ପୁରସ୍କାର ପାଇଥିବା କାର ୨୭ ବର୍ଷ ପରେ ମଧ୍ୟ ବ୍ୟବହାରରେ କରୁଛନ୍ତି। ଟ୍ୱିଟ୍ କରିବାବେଳେ ସେ କ୍ୟାପସନରେ ଲେଖିଛନ୍ତି, "ଗୋଲଡେନ୍ ସ୍ମୃତି: ୨୭ ବର୍ଷ ପରେ ୧୯୯୬ ୱାର୍ଲ୍ଡକପ୍ ମ୍ୟାନ୍ ଅଫ୍ ଦି ସିରିଜ୍ କା।" ଟ୍ୱିଟରେ ଏହା ଦେଖିବାକୁ ମିଳେ ଯେ ଜୟସୁରିଆ ଦୁଇଟି ଫଟୋକୁ ଏକ କୋଲାଜ ସେୟାର କରିଛନ୍ତି। ଯେଉଁଥିରେ ଗୋଟିଏ ୧୯୯୬ରେ ତାଙ୍କ କାର ପାଖରେ ଛିଡା ହୋଇଥିବା ବେଳେ ଅନ୍ୟଟି ୨୦୨୩ରେ ତାଙ୍କ କାର ସହିତ ମନେ ପକାଉଛନ୍ତି। ଟ୍ୱିଟରେ ଦେଖାଯାଇଥିବା ଏହି ଲାଲ ରଙ୍ଗର କାର ହେଉଛି ପ୍ରସିଦ୍ଧ ବ୍ରାଣ୍ଡ 'ଅଡି'ର ଇ୪ ମଡେଲ । ୧୯୯୬ରେ ଖେଳାଯାଇଥିବା ବିଶ୍ୱକପ୍ ଶ୍ରୀଲଙ୍କା ଜିତିଥିବାରୁ ବାମହାତୀ ବ୍ୟାଟ୍ସମ୍ୟାନ୍ ସମେତ ସମଗ୍ର ଶ୍ରୀଲଙ୍କା ଦେଶ ପାଇଁ ଏକ ସୁବର୍ଣ୍ଣ ସ୍ମୃତି ହୋଇଥିଲା। ପାକିସ୍ତାନର ଲାହୋରରେ ଖେଳାଯାଇଥିବା ଫାଇନାଲରେ ଶ୍ରୀଲଙ୍କା ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆକୁ ୭ ୱିକେଟରେ ପରାସ୍ତ କରି ବିଶ୍ୱକପ ଜିତିଥିଲା। ଜୟସୂରୟା ଏହି ବିଶ୍ୱକପ୍‌ରେ ୨୨୧ ରନ୍ ସ୍କୋର କରି ସାତୋଟି ୱିକେଟ୍ ନେଇ ଚମତ୍କାର ପ୍ରଦର୍ଶନ କରିଥିଲେ। ଯେଉଁଥିପାଇଁ ତାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସନଥ ଜୟସୁର୍ଯ୍ୟା ତାଙ୍କର ୨୨ ବର୍ଷର କ୍ୟାରିୟରରେ ଶ୍ରୀଲଙ୍କା ପାଇଁ ୧୧୦ଟି ଟେଷ୍ଟ, ୪୪୫ ଢ଼ଉଓ ଏବଂ ୩୧ ଟି -୨୦ ମ୍ୟାଚ୍ ଖେଳିଥିଲେ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583